RNI No. : ODIODI/2014/56457
Published from Bhubaneswar, E-mail:satej.news@gmail.com

SATEJ
# ସତେଜ
ସତ୍ୟ ସମ୍ବାଦ ପରିବେଷଣ



ଅହିଂସା ଆମର ଈଶ୍ୱର
ସତ୍ୟ ହିଁ ଆମର ପରମ ପୂଜ୍ୟ।
-ମାହାତ୍ମା ଗାନ୍ଧୀ

Vol.-12, Issue - 8 , 19- 25 February 2025, Weekly, Bhubaneswar, Page-16 Rs.3/-
www.satejnews.com
ବର୍ଷ-୧୨, ସଂଖ୍ୟା-୮, ୧୯ -୨୫ ଫେବୃଆରୀ ୨୦୨୫, ସାପ୍ତାହିକ, ଭୁବନେଶ୍ୱର, ପୃଷ୍ଠା-୧୬, ମୂଲ୍ୟ-୩/-
e-Mail: satej.news@gmail.com

## ଭୂକମ୍ପ ପରେ ଆସିପାରେ 'ଆଫ୍ଟରଶକ୍', କେନ୍ଦ୍ର ଜାରି କଲା ଚେତାବନୀ

ନୂଆଦିଲ୍ଲୀ,୧୭।୨: ସୋମବାର ସକାଳେ ଦିଲ୍ଲୀ-ଏନସିଆରରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହା ପରେ ଲୋକମାନେ ଭୟଭୀତ ହୋଇଯାଇଛନ୍ତି। ଏହି ସମୟରେ, କେନ୍ଦ୍ର ସରକାର ପୁଣିଥରେ ଦିଲ୍ଲୀରେ 'ଆଫ୍ଟରଶକ' ଅର୍ଥାତ ଭୂକମ୍ପର ମୃଦୁ କମ୍ପନ ବିଷୟରେ ଚେତାବନୀ ଦେଇଛନ୍ତି। ଏଥିପାଇଁ ଲୋକମାନଙ୍କୁ ଶାନ୍ତ ଏବଂ ସତର୍କ ରହିବାକୁ କୁହାଯାଇଛି। କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଲୋକମାନଙ୍କୁ ଶାନ୍ତ ରହିବା ଏବଂ ସୁରକ୍ଷା ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି। କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ରାଜଧାନୀ ଦିଲ୍ଲୀର ଲୋକମାନଙ୍କୁ ଶାନ୍ତ ରହିବାକୁ ଏବଂ ସୁରକ୍ଷା ସତର୍କତା ଅବଲମ୍ବନ କରିବାକୁ ଏବଂ ଭୂକମ୍ପର ପରବର୍ତ୍ତୀ ଝଟକା ପାଇଁ ପ୍ରସ୍ତୁତ ହେବାକୁ କହିଛନ୍ତି। ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ସକାଳ ପ୍ରାୟ ୫:୩୬ ସମୟରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୂକମ୍ପ ଝଟକା ଅନୁଭୂତ ହେବା ପରେ, କର୍ତ୍ତୃପକ୍ଷ ବୃତ୍ତିଗତ ବିଶେଷଜ୍ଞ ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟର ଅଧିକାରୀଙ୍କ ସହିତ ତୀକ୍ଷ୍ଣ ନଜର ରଖିଛନ୍ତି। ତଥାପି, ଲୋକମାନଙ୍କୁ ଶାନ୍ତ ରହିବା ଏବଂ ସୁରକ୍ଷା ସତର୍କତା ଅବଲମ୍ବନ କରିବାକୁ ଏବଂ ସମ୍ଭାବ୍ୟ ଭୂକମ୍ପ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଛି। ସେ ଆହୁରି ଲେଖିଛନ୍ତି, ବିଭାଗ ଦ୍ୱାରା ଏହାର ବିଭିନ୍ନ ଯୋଗାଯୋଗ ଚ୍ୟାନେଲ ଏବଂ ସୋସିଆଲ ମିଡିଆ ହ୍ୟାଣ୍ଡେଲ ମାଧ୍ୟମରେ ନିୟମିତ ଅପଡେଟ ଶେୟାର କରାଯାଉଛି। ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି (ପୃଷ୍ଠା-୬)

# 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ



ଖୋର୍ଦ୍ଧା: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଖୋର୍ଦ୍ଧାରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂହ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଅଛନ୍ତି।ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି । ଆସନ୍ତା ଫେବ୍ରୁଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି । ୨୦୨୪-୨୫ରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ସରକାର ବଜେଟ୍ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ପୂର୍ବରୁ ଓଡ଼ିଶା ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି । ଆସନ୍ତା ଫେବ୍ରୁଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି । ୨୦୨୪-୨୫ରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ସରକାର ବଜେଟ୍ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି । ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ଏଥିପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି ଅଧୀନରେ ଥିବା ବ୍ଲକ୍ରେ ବ୍ଲକ୍ରେ ଖର୍ଚ୍ଚ ହେବ । ରାଜ୍ୟର ମୋଟ ୩୧୪ ବ୍ଲକ୍ ଭିତରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି । ଏ ସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ। ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ ହେବ । ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ । ଗାଁରେ ବ୍ଲକ ଟପ୍ ରୋଡ୍, କଂକ୍ରିଟ୍ (ପୃଷ୍ଠା-୬)

# ଖୋଲିବ କି ଖଣି ଦୁର୍ନୀତି ପେଡି



ଖୋଲିବ କି ଖଣି ଦୁର୍ନୀତି ପେଡି । ଜେଲ୍ ଯିବେ ଖଣି ମାଫିଆଙ୍କ ସହ ମଧୁଚନ୍ଦ୍ରିକାରେ ଥିବା ଅଧିକାରୀ। ଶାହ କମିଶନ ନିର୍ଦ୍ଦେଶ ଅନୁସାରେ କେବଳ ଜରିମାନା ଦେଇ ଖସି ଯାଇଥିବା ଖଣି ମାଲିକ, ମାଫିଆ, ନେତା ଓ ଅଧିକାରୀଙ୍କୁ କାଠଗଡାକୁ ଟାଣିବାକୁ ମୋହନ ଚରଣ ମାଝୀ ସରକାରର ପ୍ରସ୍ତୁତି ଆରମ୍ଭ କଲେଣି। ବିଜେଡି ସରକାରରେ ସବୁଠୁ ବଡ ଦୁର୍ନୀତି ଖଣି ଦୁର୍ନୀତିର ଚେର ଖୋଜିବାରେ ଲାଗି ପଡିଛନ୍ତି ନୂଆ ବିଜେପି ସରକାର। ଦାୟିତ୍ୱ ନେବାର ୧୫ ଦିନ ନହେଉଣୁ, ସିଧାସଳଖ ଖଣି ମାଫିଆଙ୍କୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ହେଲା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତରେ ଯାଇଥିବା ବେଳେ ପୂର୍ବ ସରକାର ଉପରେ ଗର୍ଜିଛନ୍ତି ମୋହନ ଚରଣ ମାଝୀ। ସେ କହିଛନ୍ତି, କେନ୍ଦୁଝର ଖଣି ଲୁଟ୍ରେ ସେତେବେଳର ରାଜ୍ୟ ସରକାର ସମ୍ପୃକ୍ତ ରହିଛନ୍ତି। ୨୦୧୯ ମସିହାରେ ବିଧାନସଭାରେ କେନ୍ଦୁଝରର ହକ୍ ପାଇଁ ଲଢ଼େଇ ହୋଇଥିଲା। କିଛି ଅଣ ଓଡ଼ିଆ କେନ୍ଦୁଝରର ଗରିବ, ଆଦିବାସୀଙ୍କୁ ଲୁଟିଛନ୍ତି। ଯେଉଁମାନେ ଲୁଟ୍ କରିଛନ୍ତି, ସେମାନେ ମୋ ନଜରରେ ଅଛନ୍ତି। କେହି ବର୍ତ୍ତି ପାରିବେ ନାହିଁ। ସମସ୍ତଙ୍କୁ ଜେଲ୍ ପଠାଇବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲିବ ଖଣି ଦୁର୍ନୀତି ପେଡି। ଜେଲ୍ ଯିବେ ଖଣି ମାଫିଆଙ୍କ ସହ ମଧୁଚନ୍ଦ୍ରିକାରେ ଥିବା ଅଧିକାରୀ। ଶାହ କମିଶନ ନିର୍ଦ୍ଦେଶ ଅନୁସାରେ କେବଳ ଜରିମାନା ଦେଇ ଖସି ଯାଇଥିବା ଖଣି ମାଲିକ, ମାଫିଆ, ନେତା ଓ ଅଧିକାରୀଙ୍କୁ କାଠଗଡାକୁ ଟାଣିବାକୁ (ପୃଷ୍ଠା-୬)

# ଭକ୍ତଙ୍କ ପାଇଁ ଅଗ୍ନିପଥ



କଂଗ୍ରେସର ନୂଆ ମୁରବୀ ଭକ୍ତ ଦାସ । ଓଡ଼ିଶା କଂଗ୍ରେସର ନୂଆ କମାଣ୍ଡାଣ୍ଟ ଭକ୍ତ ଦାସ । ୮ ମାସ ପରେ କଂଗ୍ରେସକୁ ମିଳିଛି ନୂଆ ମୁଖିଆ। ଦଳକୁ ସଂଗଠିତ କରିବା ଅନେକ ଚ୍ୟାଲେଞ୍ଜ । ବିଧାୟକ ଓ ନେତାଙ୍କ ଭିନ୍ନ ଭିନ୍ନ ପରାମର୍ଶ । କଂଗ୍ରେସର ଆହ୍ୱାନ ଫଏକ ହୋଇ କରିବା କାମ' । ହାଇକମାଣ୍ଡଙ୍କ ବିଶ୍ୱାସ ଜିଣିଲେ କଂଗ୍ରେସର ବରିଷ୍ଠ ନେତା ଭକ୍ତ ଚରଣ ଦାସ । ୧୪ ତମ ପିସିସି ସଭାପତି ଭାବେ ସେ ଓଡ଼ିଶା କଂଗ୍ରେସର ମଙ୍ଗୁଆଳ ସାଜିଛନ୍ତି । ଦୀର୍ଘ ବର୍ଷର ରାଜନୈତିକ ଅଭିଜ୍ଞତାକୁ ପାଥେୟ କରି ଦୁର୍ବଳ ହୋଇପଡିଥିବା ହାତ ଶିବିରକୁ ଟାଣ କରିବେ ଭକ୍ତ । ୨୦୨୪ ନିର୍ବାଚନ ଫଳାଫଳ ପରେ ୮ ମାସ ଧରି ପିସିସି ସଭାପତି ପଦ ଖାଲି ପଡ଼ିଥିଲା । ଏଆଇସିସି ସଂପାଦକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପ୍ରଚାର କମିଟିର ଅଧକ୍ଷ ତଥା ବିଭିନ୍ନ ରାଜ୍ୟର ପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଭକ୍ତ ଦାସଙ୍କୁ ଓଡ଼ିଶା କଂଗ୍ରେସ ସଂଗଠନ ସଜାଡ଼ିବା ଦାୟିତ୍ୱ ଦିଆଯାଇଛି । ରାଜ୍ୟ କଂଗ୍ରେସକୁ ସଜାଡିବା ପାଇଁ ଏଆଇସିସି ତାଙ୍କୁ ଦାୟିତ୍ୱ ଦେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି । ଏବେ ନଜର ପକାଇବା ଭକ୍ତଙ୍କ ପାଇଁ କି କି ବଡ଼ ଚ୍ୟାଲେଞ୍ଜ ରହିଛି ? ସବୁ ଗୋଷ୍ଠୀକୁ ସାଙ୍ଗରେ ନେଇ ଚାଲିବା ଭକ୍ତଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ । ଏହାସହ ତୃଣମୂଳ ସ୍ତରରେ ଅସଜଡ଼ା କଂଗ୍ରେସ ସଙ୍ଗଠନକୁ ସଜାଡ଼ିବା ହେବ ଦ୍ୱିତୀୟ ଚ୍ୟାଲେଞ୍ଜ । ତା ସାଙ୍ଗକୁ ରାଜ୍ୟର ପରିବର୍ତ୍ତିତ ରାଜନୀତି ପରିସ୍ଥିତିରେ କଂଗ୍ରେସକୁ ଶକ୍ତିଶାଳୀ କରିବା ଓ ଦଳୀୟ କାର୍ଯ୍ୟକ୍ରମର (ପୃଷ୍ଠା-୬)

## କଂଗ୍ରେସର ସଂକଳ୍ପ ପଦଯାତ୍ରା

# ଲୋକଙ୍କ ସହ ସଂପର୍କ ଯୋଡିବ କଂଗ୍ରେସ



ସଂକଳ୍ପ ପଦଯାତ୍ରା ଅଧକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଏହି ସୂଚନା ଦେଇଛନ୍ତି । ଭୁବନେଶ୍ୱର ବିମାନବନ୍ଦରରୁ ପୁରୀ ଯିବେ କଂଗ୍ରେସ ନେତା ଏବଂ କାର୍ଯ୍ୟକର୍ତ୍ତା । ପଦଯାତ୍ରାରେ ସାମିଲ ହେବେ ପିସିସି ସଭାପତି ଭକ୍ତ ଦାସ । ଦଳକୁ ପୁଣି ସୁଦୃଢ଼ କରିବା ପାଇଁ ୩ ଦିନ ଧରି ପାଦରେ ଚାଲି ଚାଲି ଯିବେ ନେତା ଓ କର୍ମୀ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ଅଧକ୍ଷ ଭକ୍ତ ଦାସଙ୍କ ନେତୃତ୍ୱରେ ଆସନ୍ତା ଫେବୃଆରୀ ୧୮ ରୁ ଭୁବନେଶ୍ୱର ବିମାନବନ୍ଦରରୁ ପୁରୀ ପର୍ଯ୍ୟନ୍ତ ତିନି ଦିନିଆ 'ସଂକଳ୍ପ ପଦଯାତ୍ରା' ଆରମ୍ଭ ହେବ। ଏହି ପଦଯାତ୍ରାରେ ଓପିସିସି ସଭାପତି ଭକ୍ତ ଦାସ ସହିତ ଅନ୍ୟାନ୍ୟ ନେତା ଓ କର୍ମୀମାନେ ପାଦରେ ଚାଲି ଚାଲି ଯିବା ସହ ଲୋକଙ୍କ ସହ ସିଧାସଳଖ ସଂପର୍କ ଯୋଡ଼ିବେ । ଏ ନେଇ କଂଗ୍ରେସ ନେତତା ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦଳକୁ ଆଗେଇନେବାକୁ ସମସ୍ତଙ୍କୁ ସଂକଳ୍ପ କରାଯିବ ବୋଲି ସେ କହିଛନ୍ତି । କଂଗ୍ରେସ ନେତାମାନେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦଳକୁ ଆଗେଇ ନେବା ଏବଂ ଦଳୀୟ କର୍ମୀମାନଙ୍କୁ ଏହି ଆନ୍ଦୋଳନରେ ସକ୍ରିୟ ଭାଗ ନେବା ପାଇଁ ସଂକଳ୍ପ କରାଇବାକୁ ଯୋଜନା କରୁଛନ୍ତି। ଏହି ପଦଯାତ୍ରା ମାଧ୍ୟମରେ ଦଳ ଜନସମ୍ପର୍କ ବୃଦ୍ଧି କରିବା ସହ ଲୋକମାନଙ୍କ ମଧ୍ୟରେ ବାର୍ତ୍ତା ପହଞ୍ଚାଇବାକୁ ଚାହେଁ। କଂଗ୍ରେସ ଦଳକୁ ସୁଦୃଢ଼ କରିବା ଏବଂ କର୍ମୀମାନଙ୍କୁ ଏକଜୁଟ କରିବା ପାଇଁ ମୂଳସ୍ତରରେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରାଯିବ । ବ୍ଲକ୍, ଗ୍ରାମ ଓ ନଗରସ୍ତରରେ ଦଳୀୟ ସଂଘଟନ ଗଠନ କରିବା ସହ ନୂଆ ଯୁବ ନେତୃତ୍ୱକୁ ଏଗୋଇ ଆଣାଯିବ । କର୍ମୀମାନଙ୍କ ସମସ୍ୟା ଓ ଚିନ୍ତା ଆଗକୁ ଆଣିବା ପାଇଁ ସମ୍ମିଳନୀ(ପୃଷ୍ଠା-୬)

## +୨ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର: ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ଆରମ୍ଭ ହେଉଛି। ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରଥମ ଦିନ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ମାତୃଭାଷା(ଓଡ଼ିଆ) ବିଷୟର ପରୀକ୍ଷା ଥିବା ବେଳେ ବୁଧବାରଠାରୁ କଳା ଓ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ପରୀକ୍ଷା ମାତୃଭାଷା(ଓଡ଼ିଆ) ବିଷୟରୁ ଆରମ୍ଭ ହେବ। ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ପ୍ରରୀକ୍ଷା ହଲ୍କୁ ମୋବାଇଲ୍ ଓ ବୈଦ୍ୟୁତିକ ସାମଗ୍ରୀ ନେବା ଉପରେ କଟକଣା ଜାରି ହୋଇଛି। ପ୍ରଶ୍ନପତ୍ର ଭାଇରାଲ୍ କିମ୍ବା ପରୀକ୍ଷା ଚାଲିଥିବା ସମୟରେ ଯଦି ଲିକ୍ ହୁଏ ତେବେ ସଙ୍ଗେ ସଙ୍ଗେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜେଲ୍ ସହ ଜରିମାନା ମଧ୍ୟ ହୋଇପାରେ। ଚଳିତ ବର୍ଷ ଯୁକ୍ତ୨ରେ ୩ ଲକ୍ଷ ୯୩ହଜାର ୬୧୮ଜଣ ଛାତ୍ରଛାତ୍ରୀ ପରୀକ୍ଷା

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ



## ସମ୍ପାଦକୀୟ

(ଆତିଥ୍ୟ ସଂପାଦକ)



# କେତେ ଭଲ ଗର୍ଭ ନିରୋଧକ ବଟିକା ?

**ଡାକ୍ତର କାନ୍ତୀ ନାୟକ**

ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ କେବଳ ୪୮.୫% ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ । ଯେତେବେଳେ ଆମ ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କଥା ଆସିଲା, ଗର୍ଭନିରୋଧକ ମାଧ୍ୟମରେ ସନ୍ତାନ ସଂଖ୍ୟା ହ୍ରାସ କରିବା ଲାଗି ସଚେତନା ଅଭିଯାନ ଆରମ୍ଭ ହୋଇଥିଲା । ବିଭିନ୍ନ ଗର୍ଭନିରୋଧକ ପ୍ରଣାଳୀ ସଂପର୍କରେ ପୁରୁଷ ଓ ମହିଳାଙ୍କୁ ଅବଗତ କରାଯାଉଥିଲା । ଏହି କ୍ରମରେ ଗର୍ଭନିରୋଧକ, ପ୍ରଜନନ ଓ ଯୌନଜୀବନ ବିଷୟରେ ଜନସଚେତନତା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ପାଳନ କରାଯାଉଛି ବିଶ୍ୱ ଗର୍ଭନିରୋଧକ ଦିବସ ।

ଭାରତରେ ପୁରୁଷ ଓ ମହିଳା ମଧ୍ୟରୁ ୯୮.୮% ଗର୍ଭନିରୋଧକ ବ୍ୟବହାର ସମ୍ପର୍କରେ ଜାତୀୟ ସ୍ୱାସ୍ଥ୍ୟ ମିସନର ରିପୋର୍ଟରୁ ଜଣାଯାଇଛି ଯେଉଁଥିରେ ସୂଚୀତ ରହିଛି କି ୬୬.୭% ଲୋକେ ଗର୍ଭନିରୋଧକ ବ୍ୟବହାର କରନ୍ତି । ସେହିପରି ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ (ଏସଏଫଏଚଏସ-୫) ସର୍ଭେର ତଥ୍ୟ ଅନୁଯାୟୀ ଭାରତରେ ଦି କଣ୍ଟ୍ରାସେପ୍ଟିଭ ପ୍ରିଭେଲାନସ୍ ରେଟ ସିପିଆଇ ୫୪%ରୁ ୬୪%କୁ ବୃଦ୍ଧି ପାଇଛି । ସେହିପରି ଗର୍ଭନିରୋଧକ ବ୍ୟବହାର ନକରି ପରିବାର ନିୟୋଜନ କରିବା ଆଗ୍ରହୀଙ୍କ ସଂଖ୍ୟା ମଧ୍ୟ ୧୩%ରୁ ୯%କୁ ହ୍ରାସ ପାଇଛି । ଗର୍ଭନିରୋଧ ଲାଗି ସବୁଠୁ ସାଧାରଣ ଉପାୟ ହେଉଛି ମହିଳା ବନ୍ଧ୍ୟାକରଣ । ଗର୍ଭନିରୋଧକକାରୀଙ୍କ ମଧ୍ୟରେ ଏମାନଙ୍କ ହାର ୬୮% । ୨୦୧୯ରୁ ୨୦୨୧ ମଧ୍ୟରେ ଭାରତରେ ମଧ୍ୟମ ବୟସ୍କା ମହିଳା ବନ୍ଧ୍ୟାକରଣ ବୟସ ଥିଲା ୨୫.୭ ବର୍ଷ । ସେତେବେଳେ ୨୫ ଅଥବ ତହିଁରୁ କମ ବୟସ୍କା ୩୯.୬% ମହିଳା ବନ୍ଧ୍ୟାକରଣ କରାଇଥିଲେ ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ୍‌ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ିଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ହୃଦୟର ପରୀକ୍ଷା

**ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**

କଥାରେ ଅଛି ହୃଦୟ ଥିଲେ ସବୁ ଆଉ ଏହା ବିନା ସବୁ ହିଁ ଅସାର। ସତ କହିବାକୁଗଲେ ଥରେ ଏ ହୃଦୟ ବିଗିଡିଗଲେ ବା କ୍ଲାନ୍ତ ହୋଇପଡ଼ିଲେ, ଛଟପଟ ହୋଇଗଲେ ଜୀବନ ନିହାତି ଯନ୍ତ୍ରଣାଦାୟକ ଓ ମର୍ମନ୍ତୁଦ ହୋଇପଡ଼େ। ସମସ୍ତେ ନିଜ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ହୃଦୟ ବିଷୟରେ ଜାଣିବା ସହ ଏହାକୁ ଭଲ ଭାବେ ବୁଝି ବର୍ତ୍ତମାନର ସମୟରେ ଏହାର ସୁସ୍ଥତା ପାଇଁ ସଚେତନତାର ବାର୍ତ୍ତା ଦେବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୃଦୟ ଦିବସ। ଜଣଙ୍କର ହୃଦୟ ବିଗିଡିଯାଉ ବା କୌଣସି ଆଘାତ ପ୍ରାପ୍ତ ହେଉ ଏହାର ବିଭିନ୍ନ ପରୀକ୍ଷା ସବୁ ରହିଛି। ପ୍ରଥମଟି ହେଉଛି ଇସିଜି ବା ଇକେଜି ଯାହାର ଟେକ୍ନିକାଲ ଅର୍ଥ ହେଉଛି ଇଲେକ୍‌ଟ୍ରୋ କାର୍ଡ଼ିଓଗ୍ରାମ୍। ଯାହାକୁ ୧୯୦୩ରେ ଡଚ୍ ଡାକ୍ତର ୱିଲିଏମ୍ ଇନ୍‌ଥୋଭେନ୍ ସର୍ବପ୍ରଥମେ ଆବିଷ୍କାର କରିଥିଲେ। ଯାହାପାଇଁ ସବୁଠାରୁ ସମ୍ମାନଜନକ ନୋବେଲ ପୁରସ୍କାର ୧୯୨୪ରେ ସେ ପାଇଥିଲେ। ଏହି ପରୀକ୍ଷାଟି ହେଉଛି କମ୍ ଖର୍ଚ୍ଚରେ ଏବଂ କୌଣସି ଯନ୍ତ୍ରଣା ବିନା ସମ୍ଭବ ହୋଇଥାଏ। ଯନ୍ତ୍ରଣା ପାଉଥିବା ହୃଦ୍‌ରୋଗୀର ହାତ, ପାଦ ଓ ଛାତିରେ ଇଲେକ୍ଟ୍ରୋଡ଼୍ ପ୍ୟାଚ୍ ଲଗାଇ ରୋଗୀଟିର ହୃଦୟର ଇଲେକ୍ଟ୍ରିକ୍ ଆକ୍ଟିଭିଟି ମପାଯାଇଥାଏ। ଏହାଦ୍ୱାରା ଜଣଙ୍କର ହୃତ୍‌ପିଣ୍ଡର ସ୍ୱାଭାବିକ ପ୍ରକ୍ରିୟ ସ୍ପନ୍ଦନ ଓ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼େ। ସେହିପରି ଆଉ ଗୋଟିଏ ପରୀକ୍ଷା ହେଉଛି ଚେଷ୍ଟ୍ ଏକ୍ସ-ରେ। ଏଥିରେ ରୋଗୀ ଜଣଙ୍କର ଛାତି ହାଡ଼ର ଫଟୋ ଓ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍‌ର ପରୀକ୍ଷା ହୋଇଥାଏ। ସେହିପରି ଆଉ ଏକ ପରୀକ୍ଷାଟି ରହିଛି ଯାହା ହେଉଛି ଷ୍ଟ୍ରେସ୍ ଟେଷ୍ଟ। ଏହି ପରୀକ୍ଷାରୁ ଆପଣଙ୍କ ହୃଦୟ କେତେ ଚାପ ସମ୍ଭାଳି ପାରିବ ତାହାର ପରୀକ୍ଷା କରାଯାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇକୋ କାର୍ଡିଓଗ୍ରାମ। ଯେଉଁଥିରେ ହୃତ୍‌ପିଣ୍ଡର ମାଂସପେଷୀ, ହୃଦ୍‌ରୋଗର ସମ୍ଭାବ୍ୟ ବିପଦ ଆଉ ଭଲ୍‌ବ ସ୍ଥିତି ଏହିଥିରୁ ଜଣାପଡ଼େ।

କ ା ଡ଼ ି ର୍ ଅ ା କ୍ କେଥେଟରାଇଜେସନ୍ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ ମଧ୍ୟ କୋରୋନାରୀ ଏନ୍‌ଜିଓଗ୍ରାମ ମଧ୍ୟ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଭିଜିଓଲୋଜି ଟେଷ୍ଟ। ଯାହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ୍ ପାଥଓ୍ୱେ ପରୀକ୍ଷା ଦ୍ୱାରା ହୃଦସ୍ପନ୍ଦନର ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଯେଉଁଥିରେ ଇନ୍‌ଟ୍ରାଭେନସ୍ ଡାଇର ବ୍ୟବହାର ଦ୍ୱାରା କିମ୍ବା ରକ୍ତ ସଞ୍ଚାଳନ ଓ ହୃଦୟର ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆର୍‌ଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗର ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ତାହା ହେଉଛି ଏହି ଏମ୍‌ଆର୍‌ଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପରିପାର୍ଶ୍ୱିକ ପ୍ରଭାବ ରହିନଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର୍ ଓ ଆଞ୍ଜିଓପ୍ଲାଷ୍ଟି। ଜଣେ ଜଣେ ହୃଦ୍‌ରୋଗୀଙ୍କ ସେମାନଙ୍କ ହୃଦୟର ସ୍ପନ୍ଦନର ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ଏହି ପରୀକ୍ଷାଟି ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଯାହାକି ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ ଯୋଗାଏ। ଯାହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡ଼ିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟି କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟି ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍‌ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ। ସେହିପରି ଆଉ ଏକ ଅଛି ସାଧାରଣରେ ବୁଝାଯାଉଥିବା କୋଲେଷ୍ଟେରୋଲ୍। ଏଥିରେ କେବଳ ହୃଦ୍‌ରୋଗୀ ନୁହେଁ ଯେ କୌଣସି ଲୋକଙ୍କର ହୃଦୟର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟେରୋଲ୍‌ର ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟେରୋଲ୍ କୋରୋନାରୀ ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକର ଗୁରୁତ୍ୱପୂର୍ଣ୍ଣ ଓ ବହୁତ ବଡ଼ କାରଣ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟେରୋଲ୍ ପରୀକ୍ଷା କରିବା ଜରୁରୀ। ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମ ମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନ ଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗ ଠାରୁ ଦୂରେଇ ପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମୀ, ମଧୁମେୟ ବା ଡାଇବେଟିସ୍, ରକ୍ତଚାପ ବା ହାଇପର ଟେନସନ୍। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝି ସମର୍ଥ ହେଲେ ଆପଣ ହୃଦ୍‌ରୋଗକୁ ବାଏ ବାଏ କରିପାରିବେ।

**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୨୭୭୮୬୪**

# ଗାନ୍ଧିଜୀଙ୍କ ଜୀବନରେ ଭଗବଦ୍ ଗୀତାର ପ୍ରଭାବ

**ଯଶସ୍ୱିନୀ ପଟ୍ଟନାୟକ**

ପ୍ରତିଟି ଭାରତୀୟଙ୍କ ପାଇଁ ଭଗବତ ଗୀତ ଏକ ଧର୍ମପୁସ୍ତକ ନୁହେଁ ଆଧ୍ୟାତ୍ମିକ ଓ ଦିବ୍ୟ ଜୀବନ ପାଇଁ ଦିବ୍ୟ ପଥ ଦେଖାଉଥିବା ଅମୂଲ୍ୟ ଗ୍ରନ୍ଥ। ଭାଗବତ ଗୀତର ବିଭିନ୍ନ ଅଧ୍ୟାୟ ମଣିଷର ଜନ୍ମ, ବୃତ୍ତି ଓ ଜୀବନର ଆଦର୍ଶ ପାଇଁ ଶିକ୍ଷଣୀୟ। ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ନିଜ ସଖା ଅର୍ଜ୍ଜୁନଙ୍କୁ ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଭିତରେ ମଣିଷ ସମାଜ ପାଇଁ ସମସ୍ତ ନୀତି ନିୟମ ଓ ମାର୍ଗ ଦର୍ଶନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ କୃପା ପ୍ରଦାନ କରି ଅର୍ଜ୍ଜୁନଙ୍କୁ ନିଜ ବିଶ୍ୱରୂପ ଦର୍ଶନର ସୁଯୋଗ ମଧ୍ୟ ପ୍ରଦାନ କରିଥିଲେ। ଜାତିର ଜନକ ଆମ ସମସ୍ତଙ୍କର ପ୍ରିୟ ମହାତ୍ମା ଗାନ୍ଧୀ ଭଗବତ ଗୀତାକୁ ନିଜ ଜୀବନ ଠାରୁ ଅତ୍ୟନ୍ତ ମହତ୍ୱର ଭାବରେ ବିଚାର କରୁଥିଲେ ଓ ଶ୍ରଦ୍ଧା ମଧ୍ୟ ରଖୁଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଜଣେ ଆଧ୍ୟାତ୍ମିକ ପୁରୁଷ ଥିଲେ। ଶ୍ରୀମଦ୍ ଭାଗବଦ୍ ଗୀତାର ଦର୍ଶନ କର୍ମଯୋଗ ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ। କର୍ମ ପ୍ରତି ବିଶ୍ୱାସ କରିବା ଏବଂ କର୍ମ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହୁଥିଲେ ଗାନ୍ଧିଜୀ। ଭାଗ୍ୟକୁ ଭରସା କରି ରହିବା ପରିବର୍ତ୍ତେ କର୍ମ ଉପରେ ବିଶ୍ୱାସ କରିବା କଥା ସେ କହୁଥିଲେ। ମହାତ୍ମା ଗାନ୍ଧୀ ଭଲ ଭାବେ ଜାଣିଥିଲେ ଯେ ଅଧିକ ସମୟ ପର୍ଯ୍ୟନ୍ତ ନିଃସ୍ୱାର୍ଥ ଭାବନା ନେଇ କର୍ମ କରିବା ଦ୍ୱାରା ଲକ୍ଷ୍ୟ ପ୍ରାପ୍ତି ସମ୍ଭବ। ଗାନ୍ଧିଜୀ ଭଗବତ୍ ଗୀତା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ଥିଲେ। ଲଣ୍ଡନରେ ରହୁଥିବା ସମୟରେ ଜଣେ ମିତ୍ର ତାଙ୍କୁ ଏଡ଼୍‌ୱିନ ଆର୍ଣ୍ଣୋଲ୍ଡଙ୍କ ରଚିତ ପୁସ୍ତକ 'ଦି ସଙ୍ଗ ସେଲେସିଆଲ' ଦେଇଥିଲେ। ଏହି ପୁସ୍ତକ ଥିଲା ଶ୍ରୀମଦ୍ ଭଗବତ୍ ଗୀତାର ଇଂରାଜୀ ଛନ୍ଦବଦ୍ଧ ଅନୁବାଦ। ମହାତ୍ମା ଗାନ୍ଧୀ ଥରେ କହିଥିଲେ, ଯେତେବେଳେ କୌଣସି ସନ୍ଦେହ ମୋ ମନକୁ ଉଦ୍‌ବେଳିତ କରିଥାଏ କିମ୍ବା କୌଣସି ସମସ୍ୟାରେ ପଡ଼ି ମୁଁ ଚିନ୍ତିତ ଥାଏ ସେପରି ସମୟରେ ମୁଁ ଭଗବତ ଗୀତାର ପୃଷ୍ଠା ଲେଉଟାଇଥାଏ। ଯେତେବେଳେ ମୁଁ ନିରାଶ ହୋଇଯାଏ, ଠିକ୍ ସେତିକି ବେଳେ ଆଶାପୂର୍ଣ୍ଣ ଦୃଷ୍ଟିରେ ଗୀତାର ଶ୍ଳୋକ ଆଡ଼େ ଦୃଷ୍ଟି ପକାଇଥାଏ। ମୋତେ ନିଦାନ ରୂପରେ ଆଶାର କିରଣ ଦେଖା ଦେଇଥାଏ। ଜୀବନରେ ପରବର୍ତ୍ତୀ ସମୟରେ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ ଭଗବଦ୍ ଗୀତା ଟୀକା ପାଠ କରିଥିଲେ ଗାନ୍ଧିଜୀ। ମୂଳ ଗୀତା ତଥା ବିଭିନ୍ନ ଭାଷାରେ ରଚିତ ଗୀତା ମଧ୍ୟ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଗୁଜରାଟୀ ଭାଷାରେ ଗୀତାର ଅନୁବାଦ କରିଥିଲେ। ୟଙ୍ଗ ଇଣ୍ଡିଆ ପତ୍ରିକାରେ ଗାନ୍ଧିଜୀ ଥରେ ଲେଖିଥିଲେ, ଗୀତା ଈଶ୍ୱରଙ୍କ ସଙ୍ଗୀତ, ଏହା ସ୍ୱର୍ଗର ସଙ୍ଗୀତ। ଗାନ୍ଧିଜୀଙ୍କ ସଚିବ ମହାଦେବ ଦେଶାଇ କହିଥିଲେ ଗାନ୍ଧିଜୀଙ୍କ ଜୀବନରେ ଭଗବଦ ଗୀତା ଏକ ଅଭିନ୍ନ ଅଙ୍ଗ ଥିଲା। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଅହଂକାର ଏବଂ ଈର୍ଷା ପରିତ୍ୟାଗ କରି ଏକାଗ୍ରଚିତ୍ତ ହୋଇ କର୍ମ କରିଯିବା ଉଚିତ୍। ଗାନ୍ଧିଜୀ ଏହି ଦର୍ଶନକୁ ଗ୍ରହଣ କରିଥିଲେ। ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଦେଶ ପ୍ରତି ସମର୍ପି ଦେଇଥିଲେ। ଗାନ୍ଧିଜୀ ଥିଲେ ଜଣେ ମହାନ କର୍ମଯୋଗୀ।

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ


୧୨ -୧୮ ଫେବୃଆରୀ ୨୦୨୫



ଦିଲ୍ଲୀ ପରେ ଓଡ଼ିଶାରେ ଭୂକମ୍ପ ଝଟକା

# ପୁରୀ ଜିଲାରେ ୪.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ

ଭୁବନେଶ୍ୱର: ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ବିହାର ପରେ ସକାଳ ପ୍ରାୟ ୮.୧୫ ସମୟରେ ଓଡ଼ିଶାର ପୁରୀ ଜିଲାରେ ଏକ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୭ ମାପ କରାଯାଇଥିବା ସୂଚନା ମିଳିଛି। ଏହି ଭୂମିକମ୍ପରେ କୌଣସି କ୍ଷୟକ୍ଷତିର ହୋଇଥିବାର ରିପୋର୍ଟ ହସ୍ତଗତ ହୋଇନାହିଁ। ଆଜି ସକାଳେ ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ବିହାର ପରି ଓଡିଶାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି।



ଭୂମିକମ୍ପର ତୀବ୍ରତା ପାଖାପାଖି ସମସ୍ତ ସ୍ଥାନରେ ୪.୦ରୁ ଅଧିକ ରହିଛି । ଭୂମିକମ୍ପର ଝଟକାରେ ଲୋକେ ଭୟଭୀତ ହୋଇଥିବାବେଳେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ରାଜଧାନୀ ଦିଲ୍ଲୀରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ତୀବ୍ରତା ୪.୦ ରେକର୍ଡ ହୋଇଛି। ସକାଳେ ବିହାରରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା ଏବଂ ଏଠାରେ ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୦ ରହିଥିଲା। ସେହିପରି ଉତ୍ତର ପ୍ରଦେଶ ଏବଂ ହରିୟାଣାରେ ହୋଇଥିବା ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୦ ମାପ କରାଯାଇଥିଲା। ଏହାର ପ୍ରଭାବରେ ଉତ୍ତର ପ୍ରଦେଶର ମୁରାଦାବାଦ, ସହାରନପୁର, ଅଲୱର, ମଥୁରା ଏବଂ ଆଗ୍ରାରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ହରିୟାଣାର କୁରୁକ୍ଷେତ୍ର, ହିସାର, କୈଥଲରେ ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି । ସୋସିଆଲ ମିଡ଼ିଆ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ପୋଷ୍ଟରେ କହିଛନ୍ତି ଯେ ଦିଲ୍ଲୀ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି। ସମସ୍ତଙ୍କୁ ଶାନ୍ତ ରହିବା ଏବଂ ସୁରକ୍ଷା ସତର୍କତା ପାଳନ କରିବାକୁ ଅନୁରୋଧ, ସମ୍ଭାବ୍ୟ ପରବର୍ତ୍ତୀ ଝଟକା ପାଇଁ ସତର୍କ ରହିବା ଉଚିତ। କର୍ତ୍ତୃପକ୍ଷ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

## ରାଜ୍ୟରେ ଆଇଏଏସ ଏବଂ ଆଇପିଏସ ମରୁଡ଼ି




ଭୁବନେଶ୍ୱର: ରାଜ୍ୟରେ ୬୬ ଆଇଏଏସ ଏବଂ ୬୯ ଆଇପିଏସ ପଦବୀ ଖାଲିପଡ଼ିଛି ବୋଲି ବିଧାନସଭାରେ ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ରାଜ୍ୟରେ ମୋଟ ୨୪୮ ଆଇଏଏସଙ୍କ ମଧ୍ୟରୁ ୧୮୨ଜଣ କାର୍ଯ୍ୟରତ ଅଛନ୍ତି ଏବଂ ୨୨ ଆଇଏଏସ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଯାଇଛନ୍ତି। ସେହିପରି ୧୯୫ ଆଇପିଏସ ପଦବୀ ମଧ୍ୟରୁ ୬୯ ପଦବୀ ଖାଲି ପଡ଼ିଛି। ୧୦ ଆଇପିଏସ ଅଧିକାରୀ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଡେପୁଟେସନରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।


## ଘରୋଇ ଶିକ୍ଷାନୁଷ୍ଠାନରେ ବିଟେକ୍ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା

ଭୁବନେଶ୍ୱର: ରାଜଧାନୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ବିଟେକ୍ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଉକ୍ତ ନେପାଳୀ ଛାତ୍ରୀଜଣକ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତ୍ୟୁ ପରେ ଅନ୍ୟ ନେପାଳୀ ଛାତ୍ର ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ଏହାକୁ ନେଇ ବିଳମ୍ବିତ ରାତିରେ କ୍ୟାମ୍ପସ୍ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଛି। କିଛି ଛାତ୍ର କ୍ୟାମ୍ପସ ଭିତରେ ପଶି ଭଙ୍ଗାରୁଜା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜଧାନୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ବିଟେକ୍ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ନେପାଳୀ ଛାତ୍ରୀଙ୍କୁ ଅସଦାରଣ ପରେ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଅନ୍ୟ ଛାତ୍ରମାନେ ନ୍ୟାୟ ଦାବିରେ ବିକ୍ଷୋଭ କରିଛନ୍ତି। ରାତି ସାରା କ୍ୟାମ୍ପସରେ ଉତ୍ତେଜନା ପରେ ଆଜି ଶାନ୍ତିପୂର୍ଣ୍ଣ ଧାରଣା ଦେବେ। ସେପଟେ ଅଭିଯୋଗ ପରେ ଅଭିଯୁକ୍ତ ଛାତ୍ରକୁ ଅଟକ ରଖି ଜେରା କରୁଛି ଇନଫୋସିଟି ଥାନା ପୁଲିସ। ତେଣେ ମୃତା ଛାତ୍ରୀଙ୍କ ପରିବାରକୁ ପୁଲିସ ଖବର





ଦେଇଛି। ସେମାନେ ପହଞ୍ଚିବା ପରେ ଶବବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ରହିଛି। ନେପାଳୀ ଛାତ୍ରୀଙ୍କୁ ଅସଦାରଣ ପରେ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗରେ ଅନ୍ୟ ଛାତ୍ରମାନେ ନ୍ୟାୟ ଦାବିରେ ବିକ୍ଷୋଭ କରିଛନ୍ତି। ରାତି ସାରା କ୍ୟାମ୍ପସରେ ଉତ୍ତେଜନା ପରେ ଆଜି ଶାନ୍ତିପୂର୍ଣ୍ଣ ଧାରଣା ଦେବେ। ସେପଟେ ଅଭିଯୋଗ ପରେ ଅଭିଯୁକ୍ତ ଛାତ୍ରକୁ ଅଟକ ରଖି ଜେରା କରୁଛି ଇନଫୋସିଟି ଥାନା ପୁଲିସ। ତେଣେ ମୃତା ଛାତ୍ରୀଙ୍କ ପରିବାରକୁ ପୁଲିସ ଖବର ଦେଇଛି। ସେମାନେ ପହଞ୍ଚିବା ପରେ ଶବବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ରହିଛି।



## ମୋ ବସ ଦୁର୍ଘଟଣା ଝିଅ ପରେ ମା'ର ମୃତ୍ୟୁ

ଭୁବନେଶ୍ୱର: ମୋ ବସ ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏମ୍ସ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗତ ଶୁକ୍ରବାର ପାତ୍ରପଡ଼ାରେ ମୋ ବସ ଦୁର୍ଘଟଣା ଘଟାଇଥିଲା। ଦୁର୍ଘଟଣା ଘଟାଇବା ପରେ ଶହେ ମିଟର ପର୍ଯ୍ୟନ୍ତ ସ୍କୁଟିକୁ ଘୋଷାଡ଼ି ନେଇଥିଲା ମୋ ବସ। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଝିଅର ମୃତ୍ୟୁ ହୋଇଥିବାବେଳେ ମା' ଗୁରୁତର ହୋଇଥିଲେ। ଆଜି ଏମ୍ସ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ମା'ଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଘର ଫୁଲବାଣୀ ଏବଂ ସେମାନେ ଭୁବନେଶ୍ୱରରେ ରହୁଥିଲେ ବୋଲି ଜଣାପଡ଼ିଛି।

## ବିବାହର ପ୍ରତିଶ୍ରୁତି ସହ ଧମକ ଦେଇ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗର୍ଭବତୀ କଲା ଯୁବକ

ଜଟଣୀ: ଭୁବନେଶ୍ୱର-କଟକ କମିସନରେଟ୍ ପୁଲିସ ଅଧୀନରେ ଜଣେ ନବମ ଶ୍ରେଣୀ ଛାତ୍ରୀ ୪ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ନାବାଳିକାକୁ ଏହି ଘଟଣାର ଅଭିଯୁକ୍ତ ଧମକ ଦେଇ ବଳପୂର୍ବକ ଶାରୀରିକ ସଂପର୍କ ରଖି ଆସୁଥିଲା। ଜଟଣୀ ଥାନାରେ ଅଭିଯୋଗ ହେଲା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଲା ଜହୀର ଖାନଙ୍କ ପୁଅ ଆୟମତ୍ ଖାନ୍ ଓରଫ ଚନ୍ଦୁ (୧୯)। ପୁଲିସ କହିଛି ପୀଡ଼ିତା ଜଣକ ଜଟଣୀ ଥାନା ଅଞ୍ଚଳରେ ପରିବାର ସହ ରହୁଥିବା ବେଳେ ସ୍ଥାନୀୟ ସରକାରୀ ସ୍କୁଲରେ ନବମ ଶ୍ରେଣୀରେ ପଢ଼ନ୍ତି। ଅଭିଯୁକ୍ତ ଜଣକ ଟ୍ୟୁସନ୍ ଯିବା ରାସ୍ତାରେ ପୀଡ଼ିତାଙ୍କର ନିୟମିତ ଭାବେ ପିଛା କରିବା ସହ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏହି ଭଳି କିଛିଦିନ ଯିବା ପରେ ସେ ପୀଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳପୂର୍ବକ ତାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ଦୁଷ୍କର୍ମ



କରିଥିଲା। ସେହିଦିନ ପରଠାରୁ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ତାଙ୍କ ମନରେ ଭୟ ସୃଷ୍ଟି କରିବା ସହ ତାଙ୍କ ସହିତ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲା। ଗତକାଲି ପୀଡ଼ିତାଙ୍କର ବାନ୍ତି ହୋଇ ତଳେ ପଡ଼ିଯିବା ଦେଖି ତାଙ୍କ ମାଆ ପଚରାଉଚରା କରିବାରୁ, ସେ ଚାରିମାସର ଅନ୍ତଃସତ୍ତ୍ୱା ଥିବା ଏବଂ ଅଭିଯୁକ୍ତ ଜଣକ ୨୦୨୩ ମସିହାରୁ ଡରାଇ ଧମକାଇ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିବା ଜାଣିବାକୁ ପାଇଥିଲେ। ଏହାବାଦ ଅଭିଯୁକ୍ତ ଜଣକ ପୂର୍ବରୁ ମଧ ପୀଡ଼ିତାଙ୍କୁ ବଳପୂର୍ବକ ଗର୍ଭନିରୋଧକ ଔଷଧ ଖାଇବାକୁ ଦେଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ। ଥାନାରେ ମାମଲା ରୁଜୁ ହେଲା ପରେ ପୁଲିସ ତିରିମଲ୍ଲ ନିକଟ ବେଣାପଞ୍ଜରୀ ଗାଁର ଜହୀର ଖାନ୍‌ଙ୍କ ପୁଅ ଆୟମତ୍ ଖାନ୍ ଓରଫ ଚନ୍ଦୁ (୧୯) ଗିରଫ ହୋଇଛି। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

# 'ବିଜୁଳି ଦର ବଢ଼ିଲେ ଜନଆନ୍ଦୋଳନ': ଆଜିଠୁ ଓଇଆରସିରେ ଶୁଣାଣି

ଭୁବନେଶ୍ୱର : ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ୍ ଦର ନିର୍ଦ୍ଧାରଣ ଲାଗି ବିଭିନ୍ନ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରସ୍ତାବ ଉପରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଆଜିଠୁ ଜନଶୁଣାଣି କରିବେ। ଏହି ଶୁଣାଣି ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। କମ୍ପାନୀଗୁଡ଼ିକର ଯୁକ୍ତିକୁ ଯଦି ଓଇଆରସି ଗ୍ରହଣ କରନ୍ତି ତାହେଲେ ବିଦ୍ୟୁତ୍ ଶୁଳ୍କ ବଢ଼ିପାରେ। ଜନଶୁଣାଣି ପୂର୍ବରୁ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଦର ବୃଦ୍ଧି ନକରିବାରୁ ଚେତାବନୀ ଦିଆଯାଇଛି। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନୁହେଁ, ଗ୍ରାହକଙ୍କଠାରୁ ବିଗତ ବର୍ଷଗୁଡ଼ିକରେ ୟୁନିଟ୍ ପିଛା ଆଦାୟ ହୋଇଥିବା ଅଧିକ ୯୦ ପଇସା ଫେରସ୍ତ କରିବାକୁ ପାଲଟା ମହାସଂଘ ଦାବି କରିଛି। ବିଦ୍ୟୁତ୍ ଶୁଳ୍କ ବଢ଼ିଲେ ଜନଆନ୍ଦୋଳନ ଜରିଆରେ ଜବାବ ଦିଆଯିବ ବୋଲି ମହାସଂଘ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ଆବାହକ ରବି ବେହେରା କହିଛନ୍ତି ଯେ, କେନ୍ଦ୍ରୀୟ ଶକ୍ତି ଅର୍ଥ ନିଗମ ୨୦୨୧-୨୨ ରିପୋର୍ଟ ଅନୁଯାୟୀ ସର୍ବଭାରତୀୟସ୍ତରରେ ୟୁନିଟ୍ ପିଛା ଗ୍ରାହକଙ୍କଠାରୁ ୫ ଟଙ୍କା ୮ ପଇସା ଆଦାୟ କରାଯାଉଥିଲା ବେଳେ ଓଡ଼ିଶାରେ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କଠାରୁ ୟୁନିଟ୍ ପିଛା ୫ ଟଙ୍କା ୯୮ ପଇସା ଆଦାୟ କରିଛନ୍ତି, ଅର୍ଥାତ୍ ଓଡ଼ିଶାର ପାଖାପାଖି ୧ କୋଟି ଗ୍ରାହକ ୟୁନିଟ୍ ପିଛା ୯୦ ପଇସା ଅଧିକ ଶୁଳ୍କ ଦୀର୍ଘଦିନ ଧରି ଦେଇଆସୁଛନ୍ତି। କେନ୍ଦ୍ରୀୟ ବିଦ୍ୟୁତ୍ ଆଇନ ମୁତାବକ ସବୁ ରାଜ୍ୟ ସରକାର ବିଦ୍ୟୁତ୍ ବିଲ୍ ପୈଠ ପାଇଁ ରିଆତି ଦେଉଥିଲାବେଳେ ଓଡ଼ିଶା ସରକାର ତା'ର ବ୍ୟତିକ୍ରମ



କରି କୌଣସି ଗୋଟିଏ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦକୁ ରିଆତି ଦେଇନାହାନ୍ତି। ଗୋଟିଏ ଦିଗରେ କମ୍ପାନୀଗୁଡ଼ିକ ୟୁନିଟ୍ ପିଛା ଗ୍ରାହକଙ୍କଠାରୁ ୯୦ ପଇସା ଅଧିକ ଅର୍ଥ ଆଦାୟ କରୁଥିଲାବେଳେ ଅନ୍ୟ ଦିଗରେ ଓଡ଼ିଶା ସରକାର ଗ୍ରାହକଙ୍କୁ ରିଆତି ନ ଦେଇ ପ୍ରତାରିତ କରିଚାଲିଛନ୍ତି। ଏହାକୁ ଓଡ଼ିଶା ଉପଭୋକ୍ତା ମହାସଂଘ ତୀବ୍ର ନିନ୍ଦା କରିବା ସହ ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଇଆରସି ଯେଉଁ ଜନଶୁଣାଣି କରିବାକୁ ଯାଉଛନ୍ତି, ସେହି ଜନଶୁଣାଣିରେ ବେଆଇନ ଭାବରେ କମ୍ପାନୀଗୁଡ଼ିକ ଗ୍ରାହକଙ୍କଠାରୁ ଅଧିକ ଶୁଳ୍କ ବାବଦକୁ ଯେଉଁ ଅର୍ଥ ଆଦାୟ କରିଛନ୍ତି, ତାହାକୁ ଫେରାଇବା ପାଇଁ ଓଇଆରସି କର୍ତ୍ତୃପକ୍ଷ କମ୍ପାନୀ ଏବଂ ରାଜ୍ୟ ସରକାରଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଶ୍ରୀ କାନୁନଗୋ ଓ ଶ୍ରୀ ବେହେରା ଦାବି କରିଛନ୍ତି। ତାହା ନ କରି ଯଦି ୨୦୨୫-୨୬ ଆର୍ଥିକ ବର୍ଷରେ ଓଇଆରସି କର୍ତ୍ତୃପକ୍ଷ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରନ୍ତି, ତାହେଲେ ରାଜ୍ୟରେ ଏକ ଦୁର୍ବାର ଜନଆନ୍ଦୋଳନ ଗଢ଼ିଉଠିବ। ସୂଚନାଯୋଗ୍ୟ ଯେ, ଆଗାମୀ ଆର୍ଥିକ ବର୍ଷରୁ ୟୁନିଟ୍ ପିଛା ୫୪ ପଇସା ବଢ଼ାଇବା ପାଇ ଦାବି କରି ଗ୍ରିଡ୍‌କୋ ପକ୍ଷରୁ ଓଇଆରସି ନିକଟରେ ଦରଖାସ୍ତ ଦିଆଯାଇଛି। ଆସନ୍ତା ୧୯ ତାରିଖ ଦିନ ଗ୍ରିଡ୍‌କୋ ଦରଖାସ୍ତ ଉପରେ ଓଇଆରସିରେ ଜନଶୁଣାଣି ହେବାର ପ୍ରସ୍ତାବ ରହିଛି। ଓଡ଼ିଶାରେ ପ୍ରଥମେ ବିଜୁଳି ସଂସ୍କାର ଆରମ୍ଭ ହୋଇଥିଲା। ରାଜ୍ୟବାସୀଙ୍କୁ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଇଦେବା ପାଇଁ ଏହି ସଂସ୍କାରରେ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଦୁଃଖର କଥା ଘଣ୍ଟାଘଣ୍ଟା ଧରି ପାୱାର କଟ୍ ଓ ପାୱାର ଟ୍ରିପ୍ ହେଉଛି। କମ୍ପାନୀଗୁଡ଼ିକର କ୍ଷତିକୁ ଭରଣା କରିବା ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶା ଭଳି ଏକ ବିଦ୍ୟୁତ୍ ଉତ୍ପାଦନକାରୀ ରାଜ୍ୟରେ ଏକକୋଟିରୁ ଅଧିକ ଉପଭୋକ୍ତା ବିଜୁଳି କମ୍ପାନୀ ଦ୍ୱାରା ଶୋଷଣରେ ଶିକାର ହେଉଛନ୍ତି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଆସନ୍ତା ୧୮ ତାରିଖ ଦିନ ମହାସଂଘର ରାଜ୍ୟ କାର୍ଯ୍ୟାଳୟରେ ବିଭିନ୍ନ ରାଜନୈତିକ ଦଳ ଓ ଗଣ-ସଂଗଠନଗୁଡ଼ିକର ବୈଠକ ବସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୋଧରେ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଥାଉକି, ଲଗାତାର ତିନିବର୍ଷ ହେଲା ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବଢ଼ିନାହିଁ। ୨ ବର୍ଷ ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରହିଥିବାବେଳେ ଗତବର୍ଷ ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତି ସ୍ଲାବ୍‌ରେ ଖୁଚୁରା ଯୋଗାଣ ଦେୟ ୟୁନିଟ୍ ପିଛା ୧୦ ପଇସା ହ୍ରାସ କରାଯାଇଥିଲା। ଆଜି ଦିନ ୧୧ଟାରେ ଓଏଚ୍‌ପିସି ଏବଂ ଅପରାହ୍ନ ୩ଟାରେ ଓପିଜିସିର ପ୍ରସ୍ତାବ ଉପରେ ଓଇଆରସି ଶୁଣାଣି କରାଯିବ।

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ



ବଦଳିଲେ ଓଡ଼ିଶା କଂଗ୍ରେସ ପ୍ରଭାରୀ

# ଅଜୟ କୁମାର ଗଲେ, ଅଜୟ ଲଲ୍ଲୁଙ୍କୁ ଦାୟିତ୍ୱ

ଓଡ଼ିଶା କଂଗ୍ରେସରେ ହୋଇଛି ନବକଳେବର। ୩ଦିନ ପୂର୍ବରୁ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା କଂଗ୍ରେସ ସଭାପତି ଘୋଷଣା କରାଯାଇଥିଲା। ଆଜି ଓଡ଼ିଶା କଂଗ୍ରେସ ପ୍ରଭାରୀ ବଦଳିଛନ୍ତି। ଅଜୟ କୁମାରଙ୍କ ବଦଳରେ ଅଜୟ କୁମାର ଲଲ୍ଲୁଙ୍କୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଦାୟିତ୍ୱ ମିଳିଛି।

ଭୁବନେଶ୍ୱର: ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଓଡ଼ିଶା କଂଗ୍ରେସ ପ୍ରଭାରୀ ନିଯୁକ୍ତ କରିଛି। ଅଜୟ କୁମାର ଲଲ୍ଲୁଙ୍କୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଦାୟିତ୍ୱ ଦେଇଛି। ସେହିପରି କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କୁ ମଣିପୁର, ତ୍ରିପୁରା, ସିକ୍କିମ ଓ ନାଗାଲାଣ୍ଡର ଦାୟିତ୍ୱ ଦେଇଛି। ଓଡ଼ିଶା କଂଗ୍ରେସର ବରିଷ୍ଠ ନେତା ଶ୍ରୀ ଉଲାକାଙ୍କୁ ପୂର୍ବ ଭାରତର ଏହି ୪ ରାଜ୍ୟରେ ପ୍ରଭାରୀ ଭାବେ ନିଯୁକ୍ତ କରିଛି। ଏଆଇସିସିର ସାଧାରଣ ସଂପାଦକ କେ.ସି ବେଣୁଗୋପାଳ ଏନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ସାଧାରଣ ନିର୍ବାଚନରେ ଦେଶରେ କଂଗ୍ରେସର ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। କଂଗ୍ରେସ ଏବେ ନିଜର ସଂଗଠନ ସଜାଡୁଛି। ଏହି କ୍ରମରେ ଏଆଇସିସି ଆଜି ପଂଜାବ ଓ ଜମ୍ମୁ କଶ୍ମୀରରେ ନୂଆ ସଂପାଦକ ନିଯୁକ୍ତ



କରିଛି। ସେହିପରି ହିମାଚଳ ପ୍ରଦେଶ, ଚଣ୍ଡିଗଡ଼, ହରିୟାଣା, ମଧ୍ୟପ୍ରଦେଶ, ପଣ୍ଡିଚେରୀ, ତାମିଲନାଡୁ, ଓଡ଼ିଶା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଣିପୁର, ତ୍ରିପୁରା, ସିକ୍କିମ, ନାଗାଲାଣ୍ଡ ଓ ବିହାରରେ ପ୍ରଭାରୀ ନିଯୁକ୍ତ କରିଛି। ଅଜୟ କୁମାର ଲଲ୍ଲୁ (୪୫) ଉତ୍ତର ପ୍ରଦେଶର କୁଶୀନଗର ଜିଲ୍ଲାର ନିବାସୀ ଅଟନ୍ତି। ସେ ୧୯୯୮-୯୯ରେ ଛାତ୍ର ସଂଘ ନିର୍ବାଚନ ମାଧ୍ୟମରେ ରାଜନୀତିରେ ପ୍ରବେଶ କରିଥିଲେ। ସାଧାରଣ ସଂପାଦକ ଭାବେ ନିର୍ବାଚିତ ହେଲା ପରେ ଆଉ ପଛକୁ ଫେରି ନଥିଲେ। ୧୯୯୯-୨୦୦୦ରେ ଛାତ୍ରସଂଘ ନିର୍ବାଚନରେ ବିଜୟୀ ହୋଇ ସଭାପତି ହୋଇଥିଲେ। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ-୨୦୦୭ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇ ସାମାଜବାଦୀ ପାର୍ଟି ପିକେ ରାୟଙ୍କ ଠାରୁ ପରାସ୍ତ ହୋଇଥିଲେ। ଏହା ପରେ କଂଗ୍ରେସରେ ଯୋଗ ଦେଇଥିଲେ। ବିଧାନସଭା ନିର୍ବାଚନ-୨୦୧୨ରେ ସେ କୁଶୀନଗର ଜିଲ୍ଲା ତମକୁହି ରାଜ ଆସନରୁ ବିଧାୟକ ହୋଇଥିଲେ। ଏହି ଆସନରୁ ସେ ୨୦୧୭ ନିର୍ବାଚନରେ ମଧ୍ୟ ବିଜୟୀ ହୋଇଥିଲେ। ଏଆଇସିସି ଓଡ଼ିଶା ଉପରେ ମଧ୍ୟ ନଜର ରଖିଛି। ଦୁଇ ଦିନ ପୂର୍ବରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ରେ ନୂଆ ସଭାପତି ଭାବେ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ଦେଇଥିଲା। ପିସିସିର ନୂଆ ସଭାପତି ହେଲା ପରେ ଶ୍ରୀ ଦାସ ରାଜ୍ୟରେ କଂଗ୍ରେସକୁ ଆଗକୁ ନେବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଥି ପାଇଁ ସେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କୁ ଭେଟିବେ ବୋଲି କହିଛନ୍ତି। କେବଳ ଏତିକି ନୁହେଁ, ଶ୍ରୀ ଦାସଙ୍କ ପକ୍ଷରୁ ଆଜି ଜାରି ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ ଓ ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରି ଦିଆଯାଇଛି। ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ କଂଗ୍ରେସ ଛାଡ଼ି ଚାଲି ଯାଇଛନ୍ତି ସେମାନେ ପୁଣିଥରେ କଂଗ୍ରେସକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ। ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ।

# ସବୁ କ୍ଷେତ୍ରରେ ସରକାର ବିଫଳ: କଂଗ୍ରେସ

ଭୁବନେଶ୍ୱର: ବିଧାନସଭାରେ ସରକାରଙ୍କୁ ଘେରିବା ପାଇଁ ପ୍ରସଙ୍ଗ ସ୍ଥିର କରିଛି କଂଗ୍ରେସ। ଆଜି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ଅଧ୍ୟକ୍ଷତାରେ ବିଧାୟକମାନଙ୍କ ବୈଠକ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଥିଲା। କେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଦଳ ପ୍ରାଥମିକତା ଭିତ୍ତିରେ ଗୃହରେ ଉଠାଇବ, ତାହାର ଯୋଜନା ପ୍ରସ୍ତୁତ ହୋଇଛି। ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ୍ ବେଳେ ଫ୍ଲଡ୍ ଲାଇଟ୍ ବନ୍ଦ ଯୋଗୁଁ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ନିନ୍ଦିତ ହେଲା। ଏହି ପ୍ରସଙ୍ଗକୁ କଂଗ୍ରେସ ବିଧାନସଭାରେ ଉଠାଇ ସରକାରଙ୍କୁ ଜବାବ ମାଗିବ। ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ ବି ଗୃହରେ ଉଠିବ। କଂଗ୍ରେସର ଅଭିଯୋଗ ହେଲା ବହୁ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ସରକାର କଟ୍‌ନିଛଟ୍‌ନି ବନ୍ଦ କରାଯିବ ବୋଲି କହିଥିଲେ ମଧ୍ୟ ଏଫ୍ଏକ୍ୟୁ ମାନ ଆଳରେ ଆଖିବୁଜା କଟ୍‌ନିଛଟ୍‌ନି ଚାଲିଛି। ମଣ୍ଡି ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ। ଚାଷୀଙ୍କର ଏହି ସମସ୍ୟାକୁ କଂଗ୍ରେସ ପ୍ରଭାବୀ ଢଙ୍ଗରେ ବିଧାନସଭାରେ ଉଠାଇବ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ



କାଡ଼ାମ କହିଛନ୍ତି, ମାଗଣା ବିଜୁଳି ଦେବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ବି ଭୁଲିଗଲେ। ନୂଆ ସରକାର ଆସିଲା ପରେ ଏବେ ଦ୍ୱିତୀୟ ବଜେଟ୍ ଉପସ୍ଥାପନ ହେବ। କିନ୍ତୁ ରାଜ୍ୟରେ ବିକାଶମୂଳକ କାମ ଆରମ୍ଭ ହୋଇପାରୁନି। ୮ ମାସ ଭିତରେ ରାଜ୍ୟରେ ସବୁ କ୍ଷେତ୍ରରେ ଅବ୍ୟବସ୍ଥା ବଢ଼ିଚାଲିଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭୁବନେଶ୍ୱରରେ ବି ଲୋକ ସୁରକ୍ଷିତ ନାହାନ୍ତି। ସରକାର ଅପରାଧକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। କଣାସରେ ହଇଜା ରୋକିବା, ଅନାହାର ରୋକିବାରେ ସରକାର ସମର୍ଥ ହୋଇନାହାନ୍ତି। ସାଧାରଣ ଜନତା ହିଁ ସରକାରଙ୍କ ଏଜେଣ୍ଡାରେ ନାହାନ୍ତି। ଏସବୁ ପ୍ରସଙ୍ଗରେ ସରକାରଙ୍କୁ ଜବାବ ମଗାଯିବ। ବିଧାୟକ ଦଳ ବୈଠକରେ ପ୍ରାୟ ୧୦ ଜଣ ବିଧାୟକ ଉପସ୍ଥିତ ଥିଲେ।

# ବିଜେପି ସଭାପତିଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା: ଇସ୍ତଫା ଦିଅ, ଉପନିର୍ବାଚନ କରିବୁ

ଭୁବନେଶ୍ୱର: ଆମେ ଶାସକ ଦଳର ବିଧାୟକ ହୋଇଛୁ, ହେଲେ ଆମ ଏରିଆରେ କିଛି କାମ କରିପାରୁନୁ। ମନ୍ତ୍ରୀଙ୍କୁ ଯାହା ଲେଖିକି ଦେଲେ କେହି ଶୁଣୁନାହାନ୍ତି। କୌଣସି ଅଧିକାରୀଙ୍କୁ ବଦଳି କରିବାକୁ କହିଲେ ହେଉନି। କାର୍ଯ୍ୟକର୍ତ୍ତା ଥିଲୁ ଭଲ ଥିଲା। ବିଧାୟକ ହୋଇକି କିଛି ଲାଭ ହେଉନି। ଏହିଭଳି ଢଙ୍ଗରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ବୁଧବାର ବସିଥିବା ବିଜେପି ବିଧାୟକ ଦଳ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। କେବଳ ଲକ୍ଷ୍ମଣ ବାଗ୍ ନୁହନ୍ତି। ସମାନ ଅଭିଯୋଗ ଆହୁରି ୫ରୁ ୬ଜଣ ବିଧାୟକ ଆଣିଥିଲେ। ହେଲେ ବିଧାୟକଙ୍କ କ୍ଷୋଭକୁ ପ୍ରଶମିତ କରିବା ପାଇଁ ଦଳର ସଭାପତି ମନମୋହନ ସାମଲଙ୍କ ଜବାବ୍ ସମସ୍ତଙ୍କୁ ଚକିତ କରିଥିଲା। ମନମୋହନ ତାଙ୍କ ବକ୍ତବ୍ୟରେ କହିଥିଲେ, ଥରେ ବିଧାୟକ ହୋଇକି ଏମିତି ହୁଅନି। ଏକାଧିକ ଥର ବିଧାୟକ ହୋଇ ଜିତିବା କଥା ଚିନ୍ତା କର। ଦଳର କାର୍ଯ୍ୟକର୍ତ୍ତା ହୋଇ ଯଦି ରହିବାକୁ ଚାହୁଁଛ ତେବେ ଇସ୍ତଫା ଦେଇଦିଅ। ଆମେ ଉପନିର୍ବାଚନ କରିବୁ। ଯାହାକୁ ଛିଡ଼ା କରିବୁ ସେ ଜିତିବେ।

ବିଧାନସଭା ଅଧିବେଶନ ପୂର୍ବରୁ ଗୃହରେ ବିରୋଧୀଙ୍କୁ ମୁକାବିଲା କରିବା ନେଇ ରଣନୀତି ପ୍ରସ୍ତୁତ କରିବାକୁ ବିଧାନସଭାର ୫୪ନଂ ପ୍ରକୋଷ୍ଠରେ ବସିଥିଲା ବିଜେପି ବିଧାୟକ ଦଳ ବୈଠକ। ଏଥିରେ ରଣନୀତି ପ୍ରସ୍ତୁତ ହେବା ଦୂରର କଥା, ବିଧାୟକଙ୍କ ଅସନ୍ତୋଷର ଝଡ଼ ଦେଖିବାକୁ ମିଳିଥିଲା। ଶୀତକାଳୀନ ଅଧିବେଶନ ବେଳେ ଯେପରି ବିଧାୟକମାନେ ସେମାନଙ୍କର ଅସନ୍ତୋଷ ଝାଡ଼ିଥିଲେ ଗତକାଲି ବି ସେହିପରି ନିଜର ଅସନ୍ତୋଷର ଚିଠା ପଢ଼ିଥିଲେ। ହେଲେ ଏଥରର ଅସନ୍ତୋଷ ଆହୁରି ସାଂଘାତିକ ଥିଲା। ବୈଠକରେ



ବିଧାୟକମାନେ କହିଥିଲେ, ଆମେ ମନ୍ତ୍ରୀଙ୍କୁ ଯଦି କୌଣସି କାର୍ଯ୍ୟ କରିବାକୁ ଚିଠା ଦେଉଛୁ କେହି ଶୁଣୁନାହାନ୍ତି। ଲୋକଙ୍କ କାମ ହେଉନି। ଆମେ ଲୋକଙ୍କ କାମ କରିବୁ ବୋଲି ଲୋକ ନିଷ୍ପତ୍ତି ବଦଳାଇଥିଲେ। ହେଲେ ଲୋକ ଯାହା କହୁଛନ୍ତି ଆମେ କରିପାରୁନୁ। ମନ୍ତ୍ରୀମାନେ କେବଳ ନିଜ କଥା ବୁଝୁଛନ୍ତି। ନିଜ ଇଚ୍ଛା ପୂରଣ କରୁଛନ୍ତି। ବିଧାୟକମାନଙ୍କୁ ପଚାରୁନାହାନ୍ତି। ଏମିତି ହେଲେ ଯେଉଁ ଲୋକ ଭୋଟ୍ ଦେଇ ଆମକୁ ସରକାରକୁ ଆଣିଥିଲେ ସେହି ଲୋକ ଆମକୁ ବିଦା କରିଦେବେ।

ବହୁ ବିଧାୟକ ମନ୍ତ୍ରୀମାନଙ୍କୁ ଟାର୍ଗେଟ୍ କରୁଥିବା ଦେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆପଣମାନେ ରାଗିବା ସ୍ୱାଭାବିକ। ହେଲେ ଆପଣମାନେ ଜାଣିବା ଦରକାର ଯେ ଆମେ ପ୍ରଥମ ଥର ପାଇଁ ସରକାର ଗଠନ କରିଛୁ। ନୂଆ ସରକାର, ସବୁ କାମ ପାଇଁ କିଛି ସମୟ ଲାଗିବ। ଆପଣମାନେ ଲୋକଙ୍କ ସହ ଭଲରେ ମିଶନ୍ତୁ। ଏହି ବଜେଟ୍ ପରେ ବହୁ ନୂଆ ପ୍ରକଳ୍ପ ସୃଷ୍ଟି ହେବ। ଆପଣଙ୍କ ପାଇଁ କାମ କରିବାକୁ ସୁଯୋଗ ମିଳିବ, ଅର୍ଥର ଅଭାବ ରହିବନି। ଆପଣମାନଙ୍କର ଯଦି ବିଶେଷ କିଛି ସମସ୍ୟା ଅଛି ମୋତେ ବ୍ୟକ୍ତିଗତ ଭାବେ ଜଣାନ୍ତୁ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ବିଧାୟକମାନେ ଶାନ୍ତ ହୋଇଥିଲେ। ହେଲେ ଦଳ ସଭାପତିଙ୍କ କଟାକ୍ଷ ବିଧାୟକଙ୍କ ମନରେ ନିଆଁ ଲଗାଇଦେଇଛି। ଏହାକୁ ନେଇ ଦଳ ଭିତରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

# ବିଜେପିର ବିଜୟରେ ଜୟନାରାୟଣ ସତ କହିବାକୁ ନାହିଁ ଭୟ

**ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଚେହରା ଜୟନାରାୟଣ ମିଶ୍ର...**

ନା ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପଦ ମିଳିଲା ନା ମନ୍ତ୍ରିମଣ୍ଡଳରେ ମିଳିଲା ସ୍ଥାନ । ଅଭିମାନ କରିଛନ୍ତି କି ରାଜ୍ୟ ବିଜେପିର ପଶ୍ଚିମ ଓଡିଶା ଚେହେରା ଜୟନାରାୟଣ ମିଶ୍ର ? ରାଜ୍ୟରେ ବିଜେପିର ପ୍ରଥମ ସରକାରର ଶପଥ ଗ୍ରହଣ ଉତ୍ସବରେ ଜୟନାରାୟଣଙ୍କ ଅନୁପସ୍ଥିତିକୁ ନେଇ ରାଜନୈତିକ ମହଲରେ ବଢିଥିଲା ଚର୍ଚ୍ଚା। ପୂର୍ବ ବିଜେଡି ସରକାରକୁ ଘେରିବାରେ ଆଗରେ ରହୁଥିବା ଜୟନାରାୟଣଙ୍କୁ ଅଣଦେଖା କରିଛି କି ବିଜେପି ?

**ମୋହନଙ୍କ କ୍ୟାବିନେଟରେ ମିଳିଲାନି ଜାଗା...**

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାଁ







ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ରେସରେ ବି ରହିଥିଲା। ବିଜେଡି ସରକାରରେ ଥିବା ବେଳେ ବିରୋଧୀ ଦଳ ନେତା ରହିଥିଲେ ଜୟନାରାୟଣ। ତେଣୁ ତାଙ୍କୁ ମୁଖ୍ୟମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଟପ୍ ତିନି ପଦରେ ତ ସ୍ଥାନ ମିଳିଲାନି, ଆଶ୍ଚର୍ଯ୍ୟଜନକ ଭାବେ ଜୟନାରାୟଣଙ୍କୁ ମନ୍ତ୍ରିମଣ୍ଡଳରେ ବି ସାମିଲ କରାଯାଇନି। ଏହାକୁ ନେଇ ଚର୍ଚ୍ଚା ଜୋରଦାର ହେଉଛି । ପ୍ରଶ୍ନ ଉଠୁଛି, ଜୟନାରାୟଣଙ୍କୁ କୋଣଠେସା କରିଛି କି ବିଜେପି ?

ବିଜେଡି ସରକାରକୁ ଦେଉଥିଲେ **ସିଧା ଟକ୍କର...**

ବିଜେଡି ସରକାରରେ ଥିବା ବେଳେ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ୍ କରୁଥିଲେ ଜୟନାରାୟଣ। ଫାଇଭ୍-ଟି ହେଉ କି ଅନ୍ୟ କିଛି ପ୍ରସଙ୍ଗ ବିରୋଧର ସ୍ୱର ପାଲଟିଥିଲେ। ଜୟନାରାୟଣ ବିରୋଧୀ ଦଳ ନେତା ହେବା ପରେ ହିଁ ବିଜେପିର ବିରୋଧକୁ ସ୍ୱର ମିଳିଥିଲା। ଜୟନାରାୟଣଙ୍କ ଆଟାକିଂ ଅନ୍ଦାଜ ପାଇଁ ବିଧାନସଭାରେ ବି ଅପଦସ୍ତ ହୋଇଥିଲା ବିଜେଡି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ନିର୍ବାଚନ ଜିତିବାରେ ବି ଜୟନାରାୟଣଙ୍କର ବଡ ଭୂମିକା ରହିଥିଲା । ଅଭିମାନ କରିଛନ୍ତି ଜୟନାରାୟଣ !କୁହାଯାଉଛି, ବିଜେପି ସରକାରରେ ମୁଖ୍ୟମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ପଦ ପାଇଁ କୁଆଡେ ଅଡି ବସିଥିଲେ ଜୟନାରାୟଣ। ତେବେ ଦଳ ତାଙ୍କ ଦାବି ନଶୁଣିବାରୁ ସେ ଅସନ୍ତୁଷ୍ଟ ହୋଇଥିଲେ । ଏହାପରେ ବି ଜୟନାରାୟଣ ମନ୍ତ୍ରିମଣ୍ଡଳରେ ସାମିଲ ହେବେ ବୋଲି ତାଙ୍କ ସମର୍ଥକ ଆଶା ବାନ୍ଧିଥିଲେ । ହେଲେ ଏଥିରେ ବି ତାଙ୍କୁ ନିରାଶ ହେବାକୁ ପଡିଥିଲା । ତେଣୁ ଜୟନାରାୟଣ ବିଜେପି ସରକାରର ଶପଥ ଗ୍ରହଣ ସମାରୋହକୁ ଆସିନଥିବା ଚର୍ଚ୍ଚା ହେଉଛି ।

**କାହିଁକି କଟିଲା ନାଁ ?**



ପଶ୍ଚିମ ଓଡିଶା କୋଟାରୁ କନକ ବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଓ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକଙ୍କୁ ବି କ୍ୟାବିନେଟରେ ସାମିଲ କରାଯାଇଛି । ବ୍ରାହ୍ମଣ ଓ ସାଧାରଣ ବର୍ଗ କୋଟାରୁ ସୁରେଶ ପୂଜାରୀ ଓ କେଭି ସିଂହଦେଓ ମନ୍ତ୍ରୀ ହୋଇଥିବାରୁ ଜୟନାରାୟଣଙ୍କୁ ମନ୍ତ୍ରୀ ପଦ ମିଳିନଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ମୋଟ୍ ୧୬ଜଣ ମନ୍ତ୍ରୀ ଶପଥ ନେଇଥିବା ବେଳେ ମନ୍ତ୍ରିମଣ୍ଡଳରେ ଆହୁରି ୬ଟି ପଦବୀ ଖାଲି ରହିଛି। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ନହେଲେ ବି ଜୟନାରାୟଣଙ୍କୁ ପରବର୍ତ୍ତୀ ସମୟରେ ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ରାଜ୍ୟରେ ବିଜେପି ପାଇଁ ବିରୋଧର ସ୍ୱର ପାଲଟିଥିବା ଜୟନାରାୟଣଙ୍କୁ ଅଣଦେଖା କରାଯାଇଥିବା କୁହାଯାଉଛି ।

# ଅଭିଲେଖଯୁକ୍ତ ବୀରଶିଳା ପାଠୋଦ୍ଧାର



ପୁରୀ ଜିଲ୍ଲା ପିପିଲି ବ୍ଲକର ହାଟସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଡ଼ଗୁଣା ଗ୍ରାମରୁ ଏକ ଅଭିଲେଖ ଜଡ଼ିତ ବୀରଶିଳା (ହିରୋଷ୍ଟୋନ) ଚିହ୍ନଟ ହୋଇଛି। କଟକ ରେ ଥିବା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମହିତୋଷ ଗୋପାଳ ଅଭିଲେଖ ର ପାଠ ଉଦ୍ଧାର କରିଛନ୍ତି। ସେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଥିବା ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରାଙ୍କ ତତ୍ତ୍ୱାବଧାନରେ ' ହିରୋଷ୍ଟୋନସ୍ ଇନ୍ ଓଡ଼ିଶା: ଏ କଂପ୍ରେହେନ୍ସିଭ ଷ୍ଟଡି ' ବିଷୟବସ୍ତୁ ଉପରେ ଗବେଷଣାରତ। ଅଧ୍ୟାପକଙ୍କ କହିବା ଅନୁସାରେ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜିର ଏକ ସ୍ମରଣୀୟ ପ୍ରତୀକ ହେଉଛି ବୀର ଶିଳା। ଏହା ଯୁଦ୍ଧରେ କିମ୍ବା କୌଣସି ବୀରତ୍ୱପୂର୍ଣ୍ଣ କାର୍ଯ୍ୟରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ସ୍ମୃତିରେ ନିର୍ମାଣ କରାଯାଏ। ଯାହା ବୀରଙ୍କ ସମ୍ମାନ ଓ ସ୍ମୃତି ରକ୍ଷା ନିମନ୍ତେ ଐତିହାସିକ, ସାମରିକ ଓ ସାଂସ୍କୃତିକ ଘଟଣାର ସାକ୍ଷୀ ଭାବେ କାର୍ଯ୍ୟ କରେ। ବୀରଶିଳା ସାଧାରଣତଃ କୌଣସି ଅସ୍ତ୍ରଶସ୍ତ୍ରଧାରୀ ବୀରଙ୍କୁ ଯୁଦ୍ଧ କରୁଥିବା ଭଙ୍ଗୀ ନଚେତ୍ ନିଜ ଆରାଧ ଦେବତାଙ୍କୁ ପୂଜା କରୁଥିବା ଦୃଶ୍ୟରେ ଦେଖିବାକୁ ମିଳିଥାଏ। ବୀରଶିଳା ଗୁଡ଼ିକୁ ତାଙ୍କର ଭାସ୍କର୍ଯ୍ୟ ଓ ଅଭିଲେଖ ଆଧାରରେ ତିନୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରାଯାଇପାରେ ୧)ଅଭିଲେଖ ସହିତ ବୀର ଖୋଦିତ ମୂର୍ତ୍ତି ୨)ଅଭିଲେଖ ବିନା ବୀର ଖୋଦିତ ମୂର୍ତ୍ତି ୩) ବୀର ମୂର୍ତ୍ତି ବିନା କେବଳ ଅଭିଲେଖ (ଯାହା ବିରଳ)। ଏହି ପୋଡ଼ଗୁଣା ଗ୍ରାମରୁ ମିଳିଥିବା ବୀରଶିଳା ହେଉଛି ଏକ ଅଭିଲେଖ ସହିତ ବୀର ଖୋଦିତ ମୂର୍ତ୍ତି। ଏହା ପୂର୍ବରୁ ଦଶ ଟି ଅଭିଲେଖଯୁକ୍ତ ବୀରଶିଳା ଓଡ଼ିଶାରେ ଯାଜପୁର, କଳାହାଣ୍ଡି, କଟକ, ପୁରୀ ଆଦି ଜିଲ୍ଲାରେ ମିଳିଛି। ଏହି ବୀରଶିଳାଟି ବାଲିପଥର ରେ ନିର୍ମିତ ଓ ଅଭିଲେଖ ସଂସ୍କୃତ ଭାଷା ଭଳି ମନେ ହେଉଛି। ଏହାର କୋଡ଼ିଏ ମିଟର ଦୂରରେ ଆଉ ଏକ ଅବହେଳିତ ମାଟିରେ ପୋତି ହୋଇଯାଇଥିବା ବୀରଶିଳାକୁ ଚିହ୍ନଟ କରିଛନ୍ତି ଅଧ୍ୟାପକ ଓ ଗବେଷକ ଶ୍ରୀ ମହିତୋଷ ଗୋପାଳ। ଅଧ୍ୟାପକ ଙ୍କ କହିବା ଅନୁସାରେ ଅଭିଲେଖ ବିହୀନ ବୀରଶିଳା ଓଡ଼ିଶାର ଅନେକ ଜିଲ୍ଲାରେ ଦେଖିବାକୁ ମିଳିଛି, ତନ୍ମଧ୍ୟରୁ କିଛି ମନ୍ଦିର ପ୍ରାଙ୍ଗଣରେ, କିଛି ଗ୍ରାମଦେବତୀ ହିସାବରେ, କିଛି ସଂଗ୍ରହାଳୟରେ ଓ ଅନେକ ଅବହେଳିତ ଭାବରେ ପଡ଼ିରହିଛନ୍ତି। ଦକ୍ଷିଣ ଭାରତରେ ଯଦିଓ ସବୁଠାରୁ ବେଶୀ ହିରୋଷ୍ଟୋନ ମିଳିଛି, ଓଡ଼ିଶାରେ ଐତିହ୍ୟ ଓ କୀର୍ତ୍ତିରାଜକୁ ବହନ କରୁଥିବା ବୀରଶିଳା ମଧ୍ୟ ବହୁତ ପଡ଼ିରହିଛି। ଏହି ସବୁ ପ୍ରକାରର ବୀରଶିଳା ଲିପିବଦ୍ଧ କରିବା ସହ ସଂରକ୍ଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ।

## ଅଲିଭ୍ ରିଡଲେଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲା ବନ ବିଭାଗ, ୬୭ କଇଁଛ ସୁରକ୍ଷା ଶିବିର

ଭୁବନେଶ୍ୱର: ସାମୁଦ୍ରିକ କଇଁଛ ଅଲିଭ୍ ରିଡଲେଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପଦକ୍ଷେପ ଦେଇଛି। ବାଲେଶ୍ୱରଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଅଞ୍ଚଳରେ ସେମାନଙ୍କ ସୁରକ୍ଷା ଓ ନିରାପଦ ଅଣ୍ଡାଦାନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଙ୍ଗଲ ବିଭାଗ, ସାମୁଦ୍ରିକ ପୁଲିସ, ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ, ଜିଲ୍ଲା ପ୍ରଶାସନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ଥାନୀୟ ଗୋଷ୍ଠୀଙ୍କ ମିଳିତ ପ୍ରୟାସରେ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ସମୁଦ୍ର କୂଳିଆ ଗ୍ରାମଗୁଡ଼ିକରେ ଅଲିଭରିଡଲେଙ୍କ ସୁରକ୍ଷା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବା ସହ ସେମାନଙ୍କ ଅଣ୍ଡାଦାନ ଅଞ୍ଚଳକୁ ପରିଷ୍କାର କରାଯିବା ଓ ନିରାପଦ ଅଣ୍ଡାଦାନକୁ ସୁନିଶ୍ଚିତ କରାଯାଉଛି। କଇଁଛମାନଙ୍କୁ ରକ୍ଷା କରିବାକୁ ଏକାଧିକ ବିଭାଗର କର୍ମଚାରୀଙ୍କୁ ନେଇ ଦୃଢ଼ ପାଟ୍ରୋଲିଂ ବ୍ୟବସ୍ଥା ହୋଇଛି। ସମୁଦ୍ର ଭିତରେ କୋଷ୍ଟଗାର୍ଡ ଓ ମେରାଇନ୍ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଛି। ସମୁଦ୍ର ଭିତରେ ସାମୁଦ୍ରିକ ପୁଲିସ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ସହଯୋଗରେ ପ୍ରତିଦିନ ମିଳିତ ପାଟ୍ରୋଲିଂ ହେଉଛି। ବାବୁବାଲି, ମାଡେଲି, ଧାମରା ଓ ଦେବୀ ନଦୀ ମୁହାଣରେ ଅଫସୋର ପାଟ୍ରୋଲିଂ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ବାଲେଶ୍ୱର ପ୍ରତିରକ୍ଷା ଗବେଷଣାଗାର(ଡିଆରଡିଓ) ଏହାର ହ୍ୱିଲର ଦ୍ୱୀପ(ଅବଦୁଲ୍ କଲାମ୍ ଦ୍ୱୀପ)ରେ କ୍ଷେପଣାସ୍ତ୍ର ପରୀକ୍ଷଣ ଓ ଆଲୋକ ହ୍ରାସ କରି ସହଯୋଗ ବୃଦ୍ଧି କରିଛି। ସେହିପରି ଭଦ୍ରକ ଡିଭିଜନର ଧାମରା ବନ୍ଦର ଏହାର ଆଲୋକକୁ ମ୍ଳାନ କରିବା ଓ କଇଁଛମାନଙ୍କ ଅସୁବିଧା ହ୍ରାସ କରିବାକୁ ଜାହାଜର ଗତିବିଧିକୁ ନିୟନ୍ତ୍ରଣ କରାଯାଇଛି। ନିରବଚ୍ଛିନ୍ନ ବସା ବାନ୍ଧିବାକୁ ବ୍ରହ୍ମପୁର, ଚିଲିକା ଓ ରାଜନଗରରେ ୬୨ଟି ଅନସୋର, ୫ଟି ଅଫ୍‌ସୋର କଇଁଛ ସୁରକ୍ଷା ଶିବିର ହୋଇଛି। ବ୍ରହ୍ମପୁର ବନଖଣ୍ଡରେ ଗୋଖରକୁଦା, ପୋଡମପେଟା ଓ ଋଷିକୁଲ୍ୟା ପର୍ଯ୍ୟନ୍ତ ୧୧ଟି, ଚିଲିକା ବନ୍ୟପ୍ରାଣୀର ନନ୍ଦଲା, ଅରଖକୁଦା, ସାତପଡ଼ା ପର୍ଯ୍ୟନ୍ତ ୮ଟି, ରାଜନଗର ହେନ୍ତାଳବନ ବନ୍ୟପ୍ରାଣୀ ପକ୍ଷରୁ ଗହିରମଥା, ହାବେଳି ଖଟି ଓ ଏକାକୁଲା ମଧ୍ୟରେ ୧୭ଟି, ବାଲେଶ୍ୱର ବନ୍ୟପ୍ରାଣୀ ପକ୍ଷରୁ ଡଗରା, କୀର୍ତ୍ତନିଆ ଓ ବାହବଳପୁର ମଧ୍ୟରେ ୧୦ଟି, ଭଦ୍ରକ ବନଖଣ୍ଡର ଧାମରାରୁ ଚାନ୍ଦବାଲି ପର୍ଯ୍ୟନ୍ତ ୬ଟି, ପୁରୀ ବନଖଣ୍ଡର ଅସ୍ତରଙ୍ଗଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ୧୫ଟି ଶିବିର ହୋଇଛି।

# ଏଏସ୍ଆଇର ସମ୍ମିଳନୀ: ଭାଗନେଲେ ୧୧୨ଟି ଶିକ୍ଷାନୁଷ୍ଠାନର ୪ ଶହ ଜ୍ୟୋତିର୍ବିଦ



ରାଉରକେଲା: ସ୍ଥାନୀୟ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ରେ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ସଂଗଠନ(ଏଏସ୍ଆଇ)ର ୪୩ତମ ବାର୍ଷିକ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉଦ୍‌ବୋଧନରେ ଆର୍ଯ୍ୟଭଟ୍ଟ, ବରାହମିହିର, ଭାସ୍କରଙ୍କ ଭଳି ଭାରତୀୟ ଗଣିତଜ୍ଞଙ୍କ ପ୍ରାଚୀନ ଅବଦାନ ଓ ଇସ୍ରୋ ଦ୍ୱାରା ମହାକାଶ ମିଶନ ଭଳି ଆଧୁନିକ ସଫଳତା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ।
ଆଇଆଇଏସ୍‌ଟି(ଥିରୁବନନ୍ତପୁରମ୍)ର ନିର୍ଦ୍ଦେଶକ ତଥା ଏଏସ୍ଆଇ ସଭାପତି ପ୍ରଫେସର ଦୀପଙ୍କର ବାନାର୍ଜୀ ସଂଗଠନର ବିଭିନ୍ନ କାର୍ଯ୍ୟକଳାପ ତଥା ଭାରତୀୟ ଜ୍ୟୋତିର୍ବିଜ୍ଞାନ ସମ୍ପ୍ରଦାୟ ଦ୍ୱାରା ଗୃହୀତ ଭିଜନ ଡକ୍ୟୁମେଣ୍ଟ୍ ଉପରେ କହିଥିଲେ। ଆୟୋଜନ କମିଟି ସଂଯୋଜକ ପ୍ରଫେସର ଅନନ୍ତ ଚରଣ ପ୍ରଧାନ, ଏନ୍ଆଇଟି ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତି ପ୍ରକାଶ କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଜ୍ଞାନର ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବହୁ ପ୍ରତିଷ୍ଠିତ ତଥା ପୁରସ୍କାରପ୍ରାପ୍ତ ଜ୍ୟୋତିର୍ବିଦ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଭାରତୀୟ ଏକ୍ସ-ରେ ଜ୍ୟୋତିର୍ବିଜ୍ଞାନର ଅନ୍ୟତମ ପ୍ରବର୍ତ୍ତକ ପ୍ରଫେସର ପ୍ରହଲ୍ଲାଦ ସି. ଅଗ୍ରୱାଲଙ୍କୁ 'ଗୋବିନ୍ଦ ସ୍ୱରୂପ ଜୀବନବ୍ୟାପୀ ସାଧନା ପୁରସ୍କାର', ଡ. ଅନୁପମ ଭରଦ୍ୱାଜ (ଆଇୟୁସିଏଏ. ପୁନେ) ଓ ଡ. ଜେ.ପି. ନିନାନ(ଟିଆଇଏଫ୍‌ଆର, ମୁମ୍ବାଇ)ଙ୍କୁ ଯୁଗ୍ମଭାବେ ଯୁବ ବୈଜ୍ଞାନିକ ପୁରସ୍କାର, ଗ୍ୟାଲେକ୍ସି ଓ ରେଡିଓ ଆଷ୍ଟ୍ରୋନୋମି କ୍ଷେତ୍ରରେ ଅବଦାନ ପାଇଁ ଆଇଆଇଏସ୍‌ସି (ବେଙ୍ଗାଲୁରୁ) ପ୍ରଫେସର ନିରୁପମ ରାୟଙ୍କୁ 'ଲକ୍ଷ୍ମୀନାରାୟଣ ଓ ନାଗାଲକ୍ଷ୍ମୀ ମୋଡାଲି ପୁରସ୍କାର', ଡ. ବି.ଏସ୍. ଶୈଳଜାଙ୍କୁ 'ଜୁବିନ କେମ୍ଭାବି ପୁରସ୍କାର', ଶ୍ରେଷ୍ଠ ପିଏ-ଚ୍‌ଡି ଥେସିସ୍ ପାଇଁ ଡ. ଦେବଜ୍ୟୋତି କାଂସବାନିକ ଓ ଡ. ଆଦିତ୍ୟ ବିଜୟ କୁମାରଙ୍କୁ 'ଜଷ୍ଟିସ ଭି.ଜି.ଓକ୍ ପୁରସ୍କାର', ସିପ୍ରା ହୋତାଙ୍କୁ 'ଆଷ୍ଟ୍ରୋସାଟ୍ ପୁରସ୍କାର', ସର୍ବୋତ୍କୃଷ୍ଟ ପ୍ରକାଶନ ପାଇଁ ଡ. ସିନ୍ଧୁ ସତ୍ୟଭୋଲୁଙ୍କୁ 'ଶ୍ରେଷ୍ଠ ଯୁବ ଜ୍ୟୋତିର୍ବିଦ ପୁରସ୍କାର' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, କାର୍ଯ୍ୟକ୍ରମରେ ଭାରତର ୧୭ଟି ରାଜ୍ୟ ତଥା ୧୭ଟି ଦେଶର ୧୧୨ଟି ଶିକ୍ଷାନୁଷ୍ଠାନରୁ ୪ ଶହରୁ ଅଧିକ ଜ୍ୟୋତିର୍ବିଦ ଅଂଶଗ୍ରହଣ କରିଛନ୍ତି। ଅନୁଷ୍ଠାନ ମଧ୍ୟରେ ୨୯ଟି ବିଦେଶୀ ପ୍ରତିଷ୍ଠାନ,୩୭ଟି ଭାରତୀୟ ଗବେଷଣା ପ୍ରତିଷ୍ଠାନ ଓ ୪୬ଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ଏଏସ୍ଆଇ ସମ୍ପାଦକ ପ୍ରଫେସର ସରିତା ଭିଗ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଅଭୟ ପ୍ରତାପ ଯାଦବ ଧନ୍ୟବାଦ ଦେଇଥିଲେ।


# କୌଳିକ ବୃତ୍ତିରୁ ଟେରାକୋଟା କାରିଗର, ପରିଶ୍ରମକୁ ମିଳୁନି ପାରିଶ୍ରମିକ, ମିଳିଛି ପରିଚୟ...


ଭିନ୍ନ ଏକ ମାଟିର ମଣିଷ ଦେବସନ

ଭିନ୍ନ ଏକ ମଣିଷ ଦେବସନ... ଟେରାକୁଟା ର ବିଭିନ୍ନ ପ୍ରକାର ମାଟି ତିଆରି ସାମଗ୍ରୀ ଦେଇଛି ରୋଜ-ଗାର....କୌଳିକ ବୃତ୍ତି ଓ ପରମ୍ପରା କୁ ଛାଡି ନାହାନ୍ତି ବରଂ ସମୟ ସ୍ରୋତ ସାଙ୍ଗରେ କୌଳିକ ବୃତ୍ତି କୁ ନିଶା ସାଙ୍ଗରେ ଟେରାକୋଟା କୁ ପେଶା କରିଛନ୍ତି ବଲାଙ୍ଗୀର ଜିଲ୍ଲା ଦୁର୍ଗମ ଅଂଚଳ ଗୁଡଭେଲା ବ୍ଲକ ଦେଉଳଗୁଡ଼ି ପଞ୍ଚାୟତ ର ମୁଣ୍ଡପଳା କୁଟେନପାଲି ଗାଁ।
ଯୁଗ ଥିଲା ମାଟି ହାଣ୍ଡି ରନ୍ଧା ଖାଦ୍ୟ ସହ ବାସ୍ନା ପେଟ ପୁରୁ ଥିଲା କ୍ଷ ଏବେ ଆଉ ସେ ଯୁଗନାହିଁ ସେତେବେଳେ ମାଟି ର ତିଆରି ସାମଗ୍ରୀ଼ ଗାଁ ଗଣ୍ଡା ହାଟ ରେ଼ ବିକ୍ରି ହେଉଥିଲା କ୍ଷ ପ୍ରକୃତି ପରିବେଶ଼ ଭଲ ଥିଲା କ୍ଷ ଘରେ ଘରେ ମାଟିର ପାତ୍ର ର ବ୍ୟବହାର଼ ଥିଲା କ୍ଷ ଆଧୁନିକ ଯୁଗରେ ମାଟି ପାତ୍ର ର ବ୍ୟବହାର କମିବା ସହ ଷ୍ଟିଲ, ଆଲୁମିନିୟମ, ନନ ଷ୍ଟିକ ର ଚାହିଦା ବଢିଲା କ୍ଷ ଲୋପ ପାଇବା ଅବସ୍ଥା ରେ ମାଟି ପାତ୍ର ସହ ମାଟିର କାରିଗର କ୍ଷ ହେଲେ କୌଳିକ ବୃତ୍ତି ଓ ପରମ୍ପରା କୁ ଛାଡି ନାହାନ୍ତି ବରଂ ସମୟ ସ୍ରୋତ ସାଙ୍ଗରେ କୌଳିକ ବୃତ୍ତି କୁ ନିଶା ସାଙ୍ଗରେ ଟେରାକୋଟା କୁ ପେଶା କରିଛନ୍ତି ମାଟିର ମଣିଷ ଦେବସନ ରଣା....ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଦେଉଳଗୁଡ଼ି ପଞ୍ଚାୟତ ମୁଣ୍ଡପଳା କୁଟେନପାଲି ଗ୍ରାମର ଦେବସନ ରଣା...... ପେଟ ପାଇଁ ଦାନା ର ଯୋଗାଡ଼ ପାଇଁ ଦିନ ଥିଲା ମାଟି ମାଠିଆ ଓ ମାଟି ର ଘର ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଗାଁ ଗାଁ ବୁଲି ବାପା ଓ ଅଜା ଙ୍କ ସହ ବିକୁ ଥିଲେ କ୍ଷ ଏ୍ବେ ଯୁଗ ବଦଳି ଗଲାଣି ଲୋକ କାଠ ଚୁଲି ବଦଳରେ ଗ୍ୟାସ ଓ ଷ୍ଟିଲ, ଆଲୁମିନିଅମ ରେ ରନ୍ଧନ କରୁଥିବା ବେଳେ ମାଟିର ପାତ୍ର ର ବ୍ୟବହାର କମି ଯିବା ସହ ବିକ୍ରି ମଧ୍ୟ କମିଯାଇଛି କ୍ଷ କିନ୍ତୁ ନିଜ ପରମ୍ପରା ଓ କୌଳିକ ବୃତ୍ତି କୁ ଛାଡି ପାରିନାହାନ୍ତି ଏହି ମାଟିର ମଣିଷ ଦେବସନ ଟେରାକୋଟା କାରିଗର ! କିଛି ବର୍ଷ ଆଗରୁ ଗାଁ ରେ ଟେରାକୋଟା ତାଲିମ ପାଇଁ ଝଐଏ ଗ୍ରୁପ ର ମହିଳା ମାନଙ୍କୁ ଦେଉଥିଲେ ବାହାରୁ ଆସିଥିବା ପ୍ରଶିକ୍ଷକ କ୍ଷ ଦେବସନ ଙ୍କ ଇଚ୍ଛା ଶକ୍ତିଥିଲା କିଛି ଶିଖିବାର ତାଲିମ ସମୟରେ ଉପସ୍ଥିତ ରହି କେମିତି ତିଆରି କରୁଛନ୍ତି ଅନୁଧ୍ୟାନ କରୁଥିଲେ କ୍ଷ ଶିଖିବାର ନିଶା ରେ ଶିଖିବା ସହିତ ମାଟିର କାରିଗର ପାଲଟିଗଲେ ଦେବସନ କ୍ଷ ବର୍ତ୍ତମାନ ମାଟିର ଟେରାକୋଟା ଦେଶ ବିଦେଶ ରେ ବହୁତ ଚାହିଦା ଅଛି କ୍ଷଟେରାକୋଟା ର ବିଭିନ୍ନ ପ୍ରକାର ମାଟି ତିଆରି ଘର ସଜାଇବା ସୌଖିନ ସାମଗ୍ରୀ, ବାହାଘର ପାଇଁ କଳସ, ମାଟି ର ମୂର୍ତ୍ତି,ମାଟି ଗ୍ଲାସ, ମାଟି ପାତ୍ର, ମାଟି ର ପାଣି ବୋତଲ ଏପରି ଅନେକ ସାମଗ୍ରୀ ତିଆରି କରୁଛନ୍ତି କ୍ଷଆଗରୁଘର ପାଇଁ ଖପର ସହ ମାଠିଆ, ମାଟି ହାଣ୍ଡି ଘର ଉପକରଣ, କଳସ ତିଆରି କରୁଥିଲେ କ୍ଷ ହେଲେ କାଞ୍ଚମାଲ ପାଇଁ ଏହି ଉପକାରଣ ପାଇଁ ଦଶ କିଲୋମିଟର ଦୂରରୁ ମାଟି ଆଣୁଛନ୍ତି କ୍ଷ ପରିଶ୍ରମ଼ କରୁଛନ୍ତି ହେଲେ ପରିଶ୍ରମ କୁ ମିଳୁନି ପାରିଶ୍ରମିକ କ୍ଷ ହେଲେ ଏମିତି ଦୁର୍ଗମ ଅଞ୍ଚଳ ରେ ବିକ୍ରି ର ସମସ୍ୟା ଥିଲେ ମଧ୍ୟ଼ ଟେରା କୋଟା ର ମୂଲ୍ୟ ଯିଏ ଜାଣିଛି ମନ ଖୁସିରେ ହଜାର ହଜାର ଟଙ୍କା ରେ଼ ଦେବସନ ଙ୍କ ଠାରୁ କିଣୁଛି କ୍ଷ ଏପଟେ ଦେବସନ କହିଛନ୍ତି ମୁଁ ଛାଡ଼ି ନାହିଁ ମୋ କୌଳିକବୃତ୍ତି କୁ ବରଂ ଆଧୁନିକ ଯୁଗ ସହିତ ତାଳ ଦେଇ ଆହୁରି ଚାହିଦା ଅନୁସାରେ ମୋ ମାଟିର କଳା ଦେଖେଇବି କ୍ଷ ସମୟ ସ୍ରୋତ କୁ ପୁଣି ଫେରିବ ପୁଣି ସେଇ ମାଟି ପାତ୍ର ର ଖାଇବା ସହ ମାଟିର ବାସ୍ନା କ୍ଷ ମୁଁ ନିଜ ଗୋଡ ରେ ନିଜେ ଛିଡା ହେବା ସହ ଅନ୍ୟ କୁ଼ ସାହାଯ୍ୟ କରିବି ବୋଲି କହିଛନ୍ତି. ! ଗ୍ରାହକ ! ସରକାରୀ ସହାୟତା ରେ ମାଟି କାରିଗର ପାଇଁ ଉଦିଷ୍ଟ ସରଞ୍ଜାମ ମିଳେ ଆଗକୁ ଏକ କୁଟୀରଶିଳ୍ପ ସହ ତାଲିମ କେନ୍ଦ୍ର କରିବାକୁ ଇଚ୍ଛା ରଖିଛନ୍ତି ଏହି ମାଟିର ମଣିଷ ଦେବସନ।

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ

# ଦୁର୍ଗମ ଅଂଚଳରେ ପୁଲିସ କ୍ୟାମ୍ପ ପ୍ରତିଷ୍ଠା: ପଛକୁ ଯିବାକୁ ବାଧ ହେଲେ ନକ୍ସଲ



ମାଲକାନଗିରି: ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଦୁର୍ଗମ ଅସୁର ଥାନା ଅଂଚଳର ପୂଜାରୀକାଂକେର ଠାରେ ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହି ଅଂଚଳରେ ନକ୍ସଲ ନିଜର ଅଡ୍ଡା ବନାଇବା ସହ ଲୋକଙ୍କୁ ନିର୍ଯାତନା ଦେଉଥିଲେ। ଦୀର୍ଘ ଦିନ ଧରି ଲୋକେ ନକ୍ସଲ କବଜାରେ ରହିଥିବା ବେଳେ ପୁଲିସ ଏବେ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିଛି। ନକ୍ସଲଙ୍କ ଲଗାତାର ମାତ ଦେଇ ପୁଲିସ ସଫଳତା ପାଉଥିବା ବେଳେ ଏଠାରେ ନୂତନ ପୁଲିସ କ୍ୟାମ୍ପ ପରେ ନକ୍ସଲ ପଛକୁ ଯିବାକୁ ବାଧ ହୋଇଛନ୍ତି। ଏହି ଅଂଚଳରେ ସୁରକ୍ଷାକର୍ମୀ ଦିନରାତି ଏକ କରି ନକ୍ସଲଙ୍କର ଗତିବିଧି ଉପରେ ସହଜରେ ନଜର ରଖିପାରିବେ ବୋଲି କୁହାଯାଇଛି। ନୂତନ କ୍ୟାମ୍ପ ପ୍ରତିଷ୍ଠା ପରେ ଏହି ଅଂଚଳର ଲୋକଙ୍କ ଖୁସି କହିଲେ ନସରେ। ଜାରୀକାଂକେର ଠାରେ ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଏହି ଅଂଚଳରେ ନକ୍ସଲ ନିଜର ଅଡ୍ଡା ବନାଇବା ସହ ଲୋକଙ୍କୁ ନିର୍ଯାତନା ଦେଉଥିଲେ। ଦୀର୍ଘ ଦିନ ଧରି ଲୋକେ ନକ୍ସଲ କବଜାରେ ରହିଥିବା ବେଳେ ପୁଲିସ ଏବେ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିଛି। ନକ୍ସଲଙ୍କ ଲଗାତାର ମାତ ଦେଇ ପୁଲିସ ସଫଳତା ପାଉଥିବା ବେଳେ ଏଠାରେ ନୂତନ ପୁଲିସ କ୍ୟାମ୍ପ ପରେ ନକ୍ସଲ ପଛକୁ ଯିବାକୁ ବାଧ ହୋଇଛନ୍ତି।
ଦୀର୍ଘ ବର୍ଷ ପରେ ସେମାନେ ଶାନ୍ତିରେ ରାତିରେ ଶୋଇପାରିବେ। ଏହି ପୁଲିସ କ୍ୟାମ୍ପ ପ୍ରତିଷ୍ଠା ପରେ ଗାଁକୁ ରାସ୍ତା, ପାନୀୟ ଜଳ, ଚିକିତ୍ସା, ଶିକ୍ଷା ଇତ୍ୟାଦି ପହଞ୍ଚିବ ବୋଲି କୁହାଯାଇଛି। ମାଲକାନଗିରି ଜିଲ୍ଲାରେ ଯେପରି ନକ୍ସଲ ପ୍ରବଣ ଅଂଚଳଗୁଡିକକୁ ଚିହ୍ନଟ କରି ନୂତନ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ପରେ ଜିଲ୍ଲାରୁ ନକ୍ସଲ ହଟିଥିଲେ। ସେହି ଫର୍ମୁଲା ଏବେ ଛତିଶଗଡ ସରକାର ଆପଣେଇଛନ୍ତି। ଲୋକେ ସ୍ୱାଧୀନ ହୋଇ ପରାଧୀନ ଭାବେ ଜୀବନଯାପନ କରୁଥିଲେ। ଏହି ଅଂଚଳର ଲୋକେ ଅଶିକ୍ଷିତ ରହିଥିବାରୁ ନକ୍ସଲ ଏମାନଙ୍କ ଉପରେ ନିଜର ଆଇନ କାନୁନ ଚଳାଇବାରେ ସହଜ ହେଉଥିଲା। ସୁରକ୍ଷାକର୍ମୀ ମଧ୍ୟ ଲୋକଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରାଇବେ ବୋଲି କୁହାଯାଇଛି। ନକ୍ସଲ ଯୋଗୁଁ ହିଁ ଏହି ଅଂଚଳର ବିକାଶ ହୋଇପାରିନଥିବା ଲୋକଙ୍କୁ ବୁଝାଯିବ ବୋଲି ପୁଲିସ କହିଛି। ନକ୍ସଲଙ୍କ ସମର୍ଥନ ନକରି ଯବାନଙ୍କୁ ସହଯୋଗ କରିବା ପାଇଁ କୁହାଯିବ। ଯାହା ଆଗକୁ ନକ୍ସଲ ଦମନରେ ସଫଳତା ମିଳିବ।

# ଦନ୍ତାହାତୀର ମୃତଦେହ ଠାବ, ମୃତ୍ୟୁର କାରଣ ଅସ୍ପଷ୍ଟ

ରିଆମାଳ: ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ସୁରଙ୍ଗିପାଳ ତାରିଣୀ ମନ୍ଦିର ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଆଜି ଭୋର ସକାଳୁ ଖବର ପାଇ ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରୁଛି।ମୃତ ଦନ୍ତାହାତୀର ପାଟିରେ କ୍ଷତ ସ୍ଥାନ ଥିବା ବେଳେ କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି ତଦନ୍ତ ଚାଲିଛି। ରିଆମାଳ ରେଞ୍ଜ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ସୁରଙ୍ଗିପାଳ ତାରିଣୀ ମନ୍ଦିର ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଆଜି ଭୋର ସକାଳୁ ଖବର ପାଇ ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରୁଛି।ମୃତ ଦନ୍ତାହାତୀର ପାଟିରେ କ୍ଷତ ସ୍ଥାନ ଥିବା ବେଳେ କେଉଁ କାରଣ ପାଇଁ ମୃତ୍ୟୁ ଘଟିଛି ତଦନ୍ତ ଚାଲିଛି।ଖବର ପାଇ ରେଞ୍ଜର ନିରଞ୍ଜନ ଧରୁଆ ଓ ଫରେଷ୍ଟର ତପନ ନାୟକ ପହଞ୍ଚିଛନ୍ତି। ଏହି ଦନ୍ତାହାତୀଟି ଦୀର୍ଘ ଦିନ ହେଲା ଅଞ୍ଚଳରେ ଉପଦ୍ରବ କରି ଚାଲିଥିବା ବେଳେ ବହୁ ଜୀବନହାନି ଘଟାଇଥିଲା। ଖବର ପାଇ ରେଞ୍ଜର ନିରଞ୍ଜନ ଧରୁଆ ଓ ଫରେଷ୍ଟର ତପନ ନାୟକ ପହଞ୍ଚିଛନ୍ତି। ଏହି ଦନ୍ତାହାତୀଟି ଦୀର୍ଘ ଦିନ ହେଲା ଅଞ୍ଚଳରେ ଉପଦ୍ରବ କରି ଚାଲିଥିବା ବେଳେ ବହୁ ଜୀବନହାନି ଘଟାଇଥିଲା।

## ପ୍ରଥମ ପୃଷ୍ଠାରୁ...

### 'ବିକଶିତ ଗାଁ...

ରୋଡ଼ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ। ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ । ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନି। ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳ ଭିତରେ ରହୁଥିବା ଲୋକଙ୍କ ପାଇଁ ମଧ୍ୟ ମେଟାଲିଂ ମାନର ରାସ୍ତା ନିର୍ମାଣ କରଯିବ । ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଙ୍ଗଲ ଅଞ୍ଚଳରେ ରାସ୍ତା ତିଆରି ଉପରେ କଟକଣା ଥିଲା । ଏଣିକି ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ । ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବଧା ମିଳିବ। ପୂର୍ବାହ୍ନ ୯ଟାରୁ ରାତି ୯ଟା ଯିଏ ଏହା ଖୋଲା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଳ୍ପ ଦେୟ ଦେଇ ଆରାମରେ ବସି ପଢ଼ିପାରିବେ। ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମାର୍କେଟ୍ ସେଡ୍ ତିଆରି ପାଇଁ ଟଙ୍କା ମିଳିବ। ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ।

### ଭୂକମ୍ପ ପରେ...

(NCS) ଅନୁଯାୟୀ, ସୋମବାର ପ୍ରତ୍ୟୁଷରେ ଦିଲ୍ଲୀ-ଏନସିଆରରେ ୫କିଲୋମିଟର ଗଭୀରତାରେ ରିକ୍ଟର ସ୍କେଲରେ ୪.୦ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଥିଲା। ସୋମବାର ସକାଳ ୫:୩୬ ମିନିଟରେ ଏହି ଭୂକମ୍ପ ଝଟକାଗୁଡ଼ିକ ଅନୁଭୂତ ହୋଇଥିଲା। ହଠାତ ଭୂକମ୍ପ ଯୋଗୁଁ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଲେ। ଏନସିଏସ ଏକ୍ସରେ ଭୂମିକମ୍ପ ବିଷୟରେ ସୂଚନା ଦେଇ ଏକ ପୋଷ୍ଟ ପୋଷ୍ଟ କରିଛି। ଯେଉଁଥିରେ ଲେଖାଯାଇଥିଲା, ସକାଳ ୫.୩୬ ସମୟରେ ୪.୦ ତୀବ୍ରତାର ଏକ ଭୂକମ୍ପ ହୋଇଥିଲା। ଏହି ଭୂକମ୍ପ ୨୮.୫୯ ଡିଗ୍ରୀ ଉତ୍ତର ଅକ୍ଷାଂଶରେ, ୭୭.୧୬ ଡିଗ୍ରୀ ପୂର୍ବରେ ଭୂମି ଭିତରେ ୫ କିଲୋମିଟର ଗଭୀରତାରେ ଘଟିଥିଲା।

ସୂଚନାଯୋଗ୍ୟ, 'ଆଫ୍ଟରଶକ'କୁ ଭୂକମ୍ପର ଏକ ଛୋଟ ରୂପ ଭାବରେ ବିବେଚନା କରାଯାଏ, ଯାହା କୌଣସି ଅଞ୍ଚଳରେ ଏକ ବଡ଼ ଭୂକମ୍ପ ପରେ ଆସେ। ଭୂକମ୍ପ ପରବର୍ତ୍ତୀ ଝଟକା ମଧ୍ୟ ବିପଦପୂର୍ଣ୍ଣ ପ୍ରମାଣିତ ହୋଇପାରେ। କାରଣ ଭୂକମ୍ପ ସମୟରେ ପୃଥିବୀ ଭିତରେ ଥିବା ଟେକ୍ଟୋନିକ ପ୍ଲେଟଗୁଡ଼ିକ ଗତି କରିଥାଏ। ପ୍ଲେଟଗୁଡ଼ିକର ଗତି ଯୋଗୁଁ ଶକ୍ତି ନିର୍ଗତ ହୁଏ। ଯେତେବେଳେ ଏହି ଶକ୍ତି ଖସିଯିବାର ରାସ୍ତା ପାଏ ନାହିଁ, ସେତେବେଳେ ପୃଥିବୀ ଥରିବାକୁ ଲାଗେ। ଯାହାକୁ ଭୂକମ୍ପ କୁହାଯାଏ। ଏକ ବଡ଼ ଭୂକମ୍ପ ପରେ, ପୃଥିବୀର ସ୍ତରଗୁଡ଼ିକ ନୂତନ ଭୌଗୋଳିକ ସ୍ଥିତିରେ ନିଜକୁ ପୁନଃସନ୍ତୁଳିତ କରନ୍ତି। ଏପରି ପରିସ୍ଥିତିରେ, କେତେକ ସମୟରେ ଭୂକମ୍ପର ମୃଦୁ କମ୍ପନ ଘଟିବାକୁ ଲାଗେ ଯାହାକୁ ପରଶକ କୁହାଯାଏ। ଏହି ପରବର୍ତ୍ତୀ ଝଟକାଗୁଡ଼ିକ ମୁଖ୍ୟ ଭୂକମ୍ପର କିଛି ସମୟ ପରେ କିମ୍ବା କିଛି ଘଣ୍ଟା ପରେ ଏବଂ କେତେକ ସମୟରେ ଗୋଟିଏ କିମ୍ବା ଦୁଇ ଦିନ ପରେ ମଧ୍ୟ ହୋଇପାରେ।

### ଖୋଲିବ କି ...

ମୋହନ ଚରଣ ମାଝୀ ସରକାରର ପ୍ରସ୍ତୁତି ଆରମ୍ଭ କଲେଣି। ବିଜେଡି ସରକାରରେ ସବୁଠୁ ବଡ ଦୁର୍ନୀତି ଖଣି ଦୁର୍ନୀତିର ଚେର ଖୋଜିବାରେ ଲାଗି ପଡିଛନ୍ତି ନୂଆ ବିଜେପି ସରକାର। ଦାୟିତ୍ୱ ନେବାର ୧୫ ଦିନ ନହେଉଣୁ, ସିଧାସଳଖ ଖଣି ମାଫିଆଙ୍କୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ହେଲା ପରେ ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତରେ ଯାଇଥିବା ବେଳେ ପୂର୍ବ ସରକାର ଉପରେ ଗର୍ଜିଛନ୍ତି ମୋହନ ଚରଣ ମାଝୀ। ସେ କହିଛନ୍ତି, କେନ୍ଦୁଝର ଖଣି ଲୁଟ୍‌ରେ ସେତେବେଳର ରାଜ୍ୟ ସରକାର ସମ୍ପୃକ୍ତ ରହିଛନ୍ତି। ୨୦୧୯ ମସିହାରେ ବିଧାନସଭାରେ କେନ୍ଦୁଝରର ହକ୍ ପାଇଁ ଲଢ଼େଇ ହୋଇଥିଲା। କିଛି ଅଣ ଓଡ଼ିଆ କେନ୍ଦୁଝରର ଗରିବ, ଆଦିବାସୀଙ୍କୁ ଲୁଟିଛନ୍ତି। ଯେଉଁମାନେ ଲୁଟ୍ କରିଛନ୍ତି, ସେମାନେ ମୋ ନଜରରେ ଅଛନ୍ତି। କେହି ବର୍ତ୍ତି ପାରିବେ ନାହିଁ। ସମସ୍ତଙ୍କୁ ଜେଲ୍ ପଠାଇବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାର ୧୯୨ଟି ଖଣି ଲିଜ୍ ମଧ୍ୟରୁ ୧୭୬ ଖଣି ଲିଜ୍ ଘଂଚ ଜଙ୍ଗଲ ଅଂଚଳରେ ଅବସ୍ଥିତ । ୯୮ଟି ଲିଜ୍‌ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଜଙ୍ଗଲ କ୍ଷେତ୍ରର ଅନୁମତି ପ୍ରଦାନ କରାଯାଇ ନାହିଁ । ୪୭ଟି ଖଣି ଜଙ୍ଗଲ ମଞ୍ଜୁରୀ ବିନା ଚାଲିଛି । ୫୫ଟି ଖଣି ନଦୀ, ଉପନଦୀ ନାଳ ଅଂଚଳରେ ପ୍ରଭାବିତ ହୁଏ । ସେହିପରି ୧୯୨ଖଣି ଲିଜ୍ ମଧ୍ୟରୁ ୯୪ଟି ବିନା ପରିବେଶ କ୍ଲିୟରାନ୍ସ, ୭୫ଖଣି ଲୁହାପଥର ଓ ମାଙ୍ଗାନିଜ ଖଣିରୁ ଅଧିକ ଉତୋଳନ କରିଥିଲେ । ଖଣି ଲିଜ୍ ଯାହା ଜଙ୍ଗଲ ଅଂଚଳରେ ଅବସ୍ଥିତ ଜଙ୍ଗଲ ମଞ୍ଜୁରୀ ବିନା ସେମାନଙ୍କୁ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି, ଯାହାକି ସଂପୂର୍ଣ୍ଣ ଆଇନ ବିରୋଧୀ ଅଟେ । ଅନ୍ୟ ପଟେ ବେଆଇନ ଭାବେ ଚାଲିଥିବା ଖଣିରୁ ଆଦାୟ କରାଯାଉଥିବା ଜୋରିମାନା ଟଙ୍କା ବହୁତ୍ କମ୍ ।

### ଭକ୍ତଙ୍କ ପାଇଁ...

ଖସଡ଼ା ପ୍ରସ୍ତୁତ କରିବା ହେବ ବଡ଼ ଟାସ୍କ । କଂଗ୍ରେସକୁ ରାଜ୍ୟରେ ତୃତୀୟ ସ୍ଥାନରୁ ଉପରକୁ ଉଠାଇବା ଏବଂ ଦଳ ସହ ମହିଳା, ଯୁବ, ଛାତ୍ରଙ୍କୁ କଂଗ୍ରେସ ଦଳ ସହ ଯୋଡ଼ିବା ବି ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ । ଦଳ ଛାଡ଼ିଥିବା ପ୍ରମୁଖ ନେତାଙ୍କୁ ଘରବାହୁଡ଼ା କରିବା ବି ହେବ ମୁସ୍କିଲ କାମ । ସେପଟେ ୮ମାସ ପରେ କଂଗ୍ରେସକୁ ନୂଆ ମଙ୍ଗୁଆଳ ମିଳିଥିବାରୁ କଂଗ୍ରେସ ଶିବିର ଉତ୍ସାହିତ । ଦଳର ବରିଷ୍ଠ , ବିଧାୟକ ଓ ଯୁବନେତାମାନେ ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ଅଣ୍ଟା ଭିଡ଼ିଛନ୍ତି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ଭକ୍ତ ଦାସ ଜଣେ ଅଭିଜ୍ଞ ରାଜନେତା । ଦଳକୁ ଆଗକୁ ନେବାରେ ତାଙ୍କୁ ପୂର୍ଣ୍ଣ ସହଯୋଗ କରିବେ । ପିସିସି ସଭାପତି କଂଗ୍ରେସ ପାଇଁ କାମ କରୁଥିବା ନେତାଙ୍କୁ ନେଇ ଛୋଟିଆ ନୂଆ ଟିମ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି ଜୟଦେବ । ଅନ୍ୟପଟେ ଦଳ ଭିତରେ ଯେମିତି ଗୋଷ୍ଠୀ ତିଆରି ନହେବ ତାହା ଉପରେ ପିସିସି ସଭାପତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି ବିଧାୟକ ଦାଶରଥୀ ଗମାଙ୍ଗ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପିସିସି ସଭାପତିଙ୍କ ନେତୃତ୍ୱରେ ଦଳ ଶକ୍ତିଶାଳୀ ହେବ ବୋଲି କହିଛନ୍ତି । ଭକ୍ତ ଦାସ ଖୁବଶୀଘ୍ର ଓଡ଼ିଶା ଫେରିବା ପରେ ବିଶାଳ ପଟୁଆରରେ ନୂଆ ପିସିସି ସଭାପତିଙ୍କୁ ସ୍ୱାଗତ କରିବାକୁ କଂଗ୍ରେସ ନେତା ଓ କର୍ମୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଦୀର୍ଘ ୮ ମାସର କଳ୍ପନାଜଳ୍ପନା ପରେ, ଶେଷରେ ଓଡ଼ିଶା କଂଗ୍ରେସକୁ ମିଳିଛି ନୂଆ ମୁଖିଆ । ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କ ନାଁରେ ମୋହର ମାରିଛନ୍ତି ହାଇକମାଣ୍ଡ । ଏଥିସହ ମୁରବୀ ବିହୀନ ହେଇପଡିଥିବା ଓଡିଶା କଂଗ୍ରେସକୁ ମିଳିଛି, ନୂଆ ମୁଖିଆ । ତେବେ ଓଡ଼ିଶା କଂଗ୍ରେସ ମୁଖିଆ ହେବାକୁ ଏକାଧିକ ନେତା ଲିଷ୍ଟରେ ଥିଲେ ବି, ବାଜି ମାରିନେଇଛନ୍ତି ଭକ୍ତ ଦାସ । ଖାସ୍ କରି ପୂର୍ବତନ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, ସାଂସଦ ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଭଳି ନେତା ଏହି ଆସନ ପାଇଁ ଜୋରଦାର ଲବି ଚଲେଇଥିଲେ, ଶେଷରେ କିନ୍ତୁ ଭକ୍ତଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ଦିଲ୍ଲୀ ମୁଖିଆ । ଆଉ ଏହା ପଛରେ ହିଁ, ୩ରୁ ୪ଟି ପ୍ରମୁଖ କାରଣ ଥିବା କୁହାଯାଉଛି । ଗାନ୍ଧୀ ପରିବାର ପ୍ରତି ଆନୁଗତ୍ୟ,,,,,ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କୁ ଗାନ୍ଧୀ ପରିବାରର ନିକଟତର ବୋଲି କୁହାଯାଏ । ଏପରିକି ସେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀଙ୍କ ବେଶ ଖାସ୍ ବୋଲି ସମସ୍ତେ ଜାଣନ୍ତି । ଏଥିସହ ବର୍ତ୍ତମାନ କଂଗ୍ରେସ ସଭାପତି ଥିବା ମଲ୍ଲିକାର୍ଜୁନ୍ ଖଡଗେଙ୍କ ସହ ଭକ୍ତଙ୍କର କୁଆଡେ ଭଲ ସମ୍ପର୍କ ରହିଛି । ଯେଉଁ କାରଣରୁ ତାଙ୍କୁ ଓଡ଼ିଶା କଂଗ୍ରେସର ଦାୟିତ୍ୱ ମିଳିଛି ବୋଲି ଚର୍ଚ୍ଚା ହେଉଛି । ଦୀର୍ଘ ବର୍ଷର ଅଭିଜ୍ଞତା,,,,,,ଜଣେ କଂଗ୍ରେସ ନେତା ଭାବେ ଭକ୍ତ ଦାସଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ଥରେ ବିଧାୟକ ଏବଂ ତିନି ଥର କଂଗ୍ରେସ ସାଂସଦ ଭାବେ ତାଙ୍କର ଅଭିଜ୍ଞତା ରହିଛି । ୧୯୮୫ ମସିହାରେ ସେ ଭବାନୀପାଟଣା ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଜିଣି, ବିଧାନସଭାକୁ ଆସିଥିଲେ । ଏହାପରେ ପରେ ସେ ୧୯୮୯, ୧୯୯୬ ଏବଂ ୨୦୦୯ ମସିହାରେ ଲୋକସଭା ନିର୍ବାଚନ ଜିତିଥିଲେ । ତେଣୁ ଦୀର୍ଘ ବର୍ଷର ତାଙ୍କ ରାଜନୈତିକ ଅଭିଜ୍ଞତାକୁ ଦେଖି ତାଙ୍କୁ ନୂଆ ଦାୟିତ୍ୱ ମିଳିଥିବା ଚର୍ଚ୍ଚା ହେଉଛି । ଦଳିତ ଚେହେରା,,,,,ରାଜ୍ୟ କଂଗ୍ରେସର ଓଡ଼ିଶାରେ ଗୋଟିଏ ସ୍ୱତନ୍ତ୍ର ଭୋଟ୍ ବ୍ୟାଙ୍କ୍ ରହିଛି । ଆଉ ଭକ୍ତ ଦାସ ହେଉଛନ୍ତି ଦଳିତ ବର୍ଗର । ତେଣୁ ତାଙ୍କୁ ସଭାପତି ଆସନରେ ବସେଇ, ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳିତ ବର୍ଗର ଭୋଟ୍ ହାତେଇବାକୁ ଆଖି ରଖିଛି କଂଗ୍ରେସ । ଖାଲି ସେତିକି ନୁହେଁ, ଦଳିତ ବର୍ଗର ହେବା ସହ ତାଙ୍କର ଦିଲ୍ଲୀ ଲବି ମଧ୍ୟ କାମ କରିଛି ବୋଲି ରାଜନୈତିକ ପଣ୍ଡିତମାନେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି । ଜାଣିରଖିବା ଉଚିତ୍ ଯେ, ଗତବର୍ଷ ନର୍ଲା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହେଇ ଭାଗ୍ୟ ପରୀକ୍ଷା କରିଥିଲେ ଭକ୍ତଚରଣ ଦାସ । ହେଲେ ବିଜେଡି ପ୍ରାର୍ଥିନୀ ମନୋରମା ମହାନ୍ତିଙ୍କଠାରୁ ସେ ପରାଜିତ ହେଇଥିଲେ । ନିର୍ବାଚନରେ ୬୨ ହଜାରରୁ ଅଧିକ ଭୋଟ୍ ପାଇ ବି ଦ୍ୱିତୀୟ ସ୍ଥାନରେ ରହିଥିଲେ ଭକ୍ତ ଦାସ । ତା ପୂର୍ବରୁ ମଧ୍ୟ ୨୦୧୯ରେ ସେ କଳାହାଣ୍ଡି ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ହେଲେ ସେଥର ମଧ୍ୟ ସେ ତୃତୀୟ ସ୍ଥାନରେ ରହିଥିଲେ । ବିଜେପି ପ୍ରାର୍ଥୀ ବସନ୍ତ ପଣ୍ଡା ଏହି ଆସନରୁ ନିର୍ବାଚନ ଜିତିଥିଲେ, ଆଉ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଲମ୍ବା ପ୍ରତିକ୍ଷାର ଅନ୍ତ ଘଟାଇ କଂଗ୍ରେସ ହାଇକମାଣ୍ଡ ଓଡିଶାରେ ଦଳର ମୁଖିଆ ନିଯୁକ୍ତ କରିଛନ୍ତି। ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା କଂଗ୍ରେସ ସଭାପତି ନିଯୁକ୍ତ କରାଯାଇଛି। ମଙ୍ଗଳବାର ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଶୋଚନୀୟ ପରାଜୟ ପରେ ପୂର୍ବତନ ସଭାପତି ଶରତ ନାୟକ ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡିଥିଲା।

ଭକ୍ତ ଚରଣ ଦାସ ଓଡ଼ିଶା ବିଧାନସଭାରେ ଜଣେ ବିଧାୟକ ଭାବରେ ଥରେ ଏବଂ ଲୋକ ସଭା ସଂସଦ ଭାବରେ ତିନି ଥର କାର୍ଯ୍ୟ କରିଛନ୍ତି । ୧୯୮୫ ମସିହାର ଓଡ଼ିଶା ବିଧାନ ସଭା ନିର୍ବାଚନରେ ସେ ଭବାନୀପାଟଣା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୯ମ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୯, ୧୯୯୬ ଓ ୨୦୦୯ ଭାରତୀୟ ସାଧାରଣ ନିର୍ବାଚନରେ ସେ କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୯ମ, ୧୧ଶ ଓ ୧୫ଶ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ଭକ୍ତ ଚରଣ ଦାସ ଓଡ଼ିଶା ରାଜନୀତିରେ ପ୍ରଥମେ ଜନତା ପାର୍ଟିର କର୍ମକର୍ତ୍ତା ଭାବରେ କାର୍ଯ୍ୟ କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ଗତ ବିଧାନସଭା ନିର୍ବାଚନରେ ତାଙ୍କ ପୁଅ ସାଗର ଚରଣ ଦାସ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଛନ୍ତି ।

### ଲୋକଙ୍କ ସହ...

ଏବଂ ଛୋଟ ଛୋଟ ବୈଠକ ଆୟୋଜନ କରାଯିବ । କର୍ମୀମାନଙ୍କ ମନୋବଳ ବଢ଼େଇବା ସହ ଏକତ୍ରିତ ହୋଇ ଦଳୀୟ ଅନୁଭୂତି ଏବଂ ଉତ୍ସାହ ବଢ଼ାଇବା ପାଇଁ କାର୍ଯ୍ୟ କରାଯିବ । କାର୍ଯ୍ୟକ୍ରମ ଏବଂ ଯୋଜନାମୂଳକ ଅଭିଯାନ ମାଧ୍ୟମରେ କର୍ମୀଙ୍କୁ ସକ୍ରିୟ ରଖାଯିବ । କର୍ମୀମାନଙ୍କ ପାଇଁ ଶିକ୍ଷାମୂଳକ ଶିବିର ଏବଂ ମୋଟିଭେସନାଲ ଅଧିବେଶନ ଆୟୋଜନ କରାଯିବ । ଗ୍ରାସରୁଟ୍ ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ଦଳ । ଅଞ୍ଚଳସ୍ତରୀୟ ଏବଂ ସ୍ଥାନୀୟ ମୁଦ୍ଦାଗୁଡ଼ିକୁ ଗୁରୁତ୍ୱ ଦେଇ ଅଭିଯାନ ଚାଲିବ ସମସ୍ତ କର୍ମୀଙ୍କୁ ସାମିଲ କରି ଗ୍ରାମ ଓ ଶହର ସ୍ତରରେ ଗ୍ରୀବାନ୍ୟ ଅନୁଷ୍ଠାନ କରାଯିବ ସୋସିଆଲ ମିଡିଆ ଏବଂ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଯୁବ ପିଢ଼ୀ ଏବଂ ନୂଆ ନେତାମାନଙ୍କୁ ଆକର୍ଷିତ କରାଯିବ ବରିଷ୍ଠ ଓ ଯୁବ ନେତାଙ୍କ ମଧ୍ୟରେ ସମନ୍ୱୟ ବଢ଼ାଯିବ।

# ନିଃସନ୍ତାନଙ୍କୁ ଗର୍ଭବତୀ କରିବାକୁ ଜାଲ ୧୫ ଲକ୍ଷ, କୋଠା ଲୋଭରେ ଫସୁଛନ୍ତି ଯୁବକ

କଟକ: ନିଃସନ୍ତାନ ମହିଳାଙ୍କୁ ଗର୍ଭବତୀ କଲେ ଏକକାଳୀନ ମିଳିବ ୧୫ ଲକ୍ଷ ଟଙ୍କା। ଏଥିପାଇଁ ଫେସ୍‌ବୁକ୍‌ରେ ଯୁବକଙ୍କୁ ଟାର୍ଗେଟ୍ କରାଯାଉଛି। ବିହାର ନ୍ୱାଡ଼ା ଜିଲ୍ଲାର ଏକ ସାଇବର୍ ଅପରାଧୀ ଗ୍ୟାଙ୍ଗ୍ ଏଭଳି କୌଶଳରେ ଟଙ୍କା ଲୋଭ ଦେଖାଇ ଯୁବକଙ୍କୁ ସୋସିଆଲ୍ ମିଡିଆରେ ଫସାଉଛନ୍ତି। ଡିଜିଟାଲ୍ ଆରେଷ୍ଟ ଭଳି ସାଇବର୍ ଅପରାଧ ଯୁଗରେ ବିହାରର ଏକ ନୂଆ ଗ୍ୟାଙ୍ଗ୍ ଏଭଳି ମହିଳାଙ୍କୁ ଗର୍ଭବତୀ କରିବାକୁ ପ୍ରସ୍ତାବ ଦେଇ ଠକୁଥିବାରୁ ସାଇବର୍ ପୁଲିସ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ବିହାର ନ୍ୱାଡ଼ା ଜିଲ୍ଲା ନାଡ଼ିଗଞ୍ଜ ଉପଖଣ୍ଡ ଅନ୍ତର୍ଗତ କହୁଆର ଗାଁରେ ଏକ ନୂଆଧରଣର ସାଇବର୍ ଅପରାଧୀ ଗ୍ୟାଙ୍ଗ୍ ସକ୍ରିୟ ହୋଇଛନ୍ତି। ଏମାନେ 'ଅଲ୍ ଇଣ୍ଡିଆ ପ୍ରେଗ୍‌ନାଣ୍ଟ ଜବ୍ ସର୍ଭିସ୍' ନାଁରେ ଏକ ଜାଲ୍ ୱେବ୍‌ସାଇଟ୍ ଚଳାଉଛନ୍ତି। ଫେସ୍‌ବୁକ୍‌ରେ ଦମ୍ପତି ପରିଚୟରେ ସାଇବର୍ ଠକ ବିଜ୍ଞାପନ ଆକାରରେ ଭିଡିଓ ବି



ବିହାର ନ୍ୱାଡ଼ା ଜିଲ୍ଲାରୁ ଗ୍ୟାଙ୍ଗର ନିୟନ୍ତ୍ରଣ
ଫେସ୍‌ବୁକ୍‌ରେ ମାଳମାଳ ଠକ ଦମ୍ପତିଙ୍କ ଭିଡିଓ

ଛାଡୁଛନ୍ତି। ନିଃସନ୍ତାନ ମହିଳାଙ୍କୁ ଗର୍ଭବତୀ କରାଇବାକୁ ଏହି ବିଜ୍ଞାପନରେ ଉଲ୍ଲେଖ କରାଯାଉଛି। ଯଦି କେହି ପୁରୁଷ ଜଣେ ନିଃସନ୍ତାନ ମହିଳାଙ୍କୁ ଗର୍ଭବତୀ କରାଇ ଦିଅନ୍ତି, ତେବେ ଏଥିପାଇଁ ତାଙ୍କୁ ୧୫ ଲକ୍ଷ ଟଙ୍କା ଯାଏଁ ଅର୍ଥ ମିଳିବାର ପ୍ରତିଶ୍ରୁତି ଦିଆଯାଉଛି। ଏହାସହିତ କୋଠା ବି ଆବେଦନକାରୀଙ୍କ ନାଁରେ କରିବାକୁ ପ୍ରତିଶ୍ରୁତି ଦିଆଯାଉଛି। ସେମାନେ କିଛି ସର୍ତ୍ତ ବି ରଖୁଛନ୍ତି। ଯଦି ମହିଳାଜଣକ ଗର୍ଭବତୀ ହେବେ ନାହିଁ, ତେବେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଦିଆଯିବ। ଏହି ବିଜ୍ଞାପନରେ ଯୋଗାଯୋଗ ନମ୍ବର ମଧ୍ୟ ଦିଆଯାଉଛି। କେହି ଯୁବକ ଏଭଳି ବିଜ୍ଞାପନରେ ଭଳିଯାଇ ଯଦି ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରୁଛନ୍ତି ତେବେ ପଞ୍ଜୀକରଣ ନାଁରେ ପାନ୍, ଆଧାରକାର୍ଡ ଦେବାକୁ କୁହାଯାଉଛି। ଏସବୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବା ପରେ ଆବେଦନକାରୀଙ୍କ ଏକ ସେଲ୍‌ଫି ଦେବାକୁ କୁହାଯାଉଛି। ଏସବୁ ବ୍ୟକ୍ତିଗତ ତଥ୍ୟ ଆସିବା ପରେ ପଞ୍ଜୀକରଣ ବାବଦ ୭୯୯ ଟଙ୍କା ଅନ୍‌ଲାଇନ୍‌ରେ ଜମା କରିବାକୁ କୁହାଯାଉଛି। ଏହି ଟଙ୍କା ଜମା କରିବା ପରେ ବିଭିନ୍ନ ନିଃସନ୍ତାନ ମହିଳାଙ୍କ ଫଟୋ ଆବେଦନକାରୀଙ୍କ ନିକଟକୁ ପଠାଯାଉଛି। ଯେଉଁ ଫଟୋ ଚୟନ କରିବେ ସେହି ଆଧାରରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେଉଛି। ଏଥିପାଇଁ ହୋଟେଲ୍ ବୁକିଂ ବାବଦ ଟଙ୍କା ଆବେଦନକାରୀଙ୍କୁ ଜମା କରିବାକୁ କୁହାଯାଉଛି। ଆବେଦନକାରୀ ଏହି ଟଙ୍କା ଜମା କରିବା ପରେ ସିକ୍ୟୁରିଟି ଟଙ୍କା ମଗାଯାଉଛି। ଏଭଳି ବିଭିନ୍ନ ପର୍ଯ୍ୟାୟରେ ଆବେଦନକାରୀଙ୍କଠାରୁ ଟଙ୍କା ଲୁଟିବା ଆରମ୍ଭ କରିଦେଉଛନ୍ତି ସାଇବର୍ ଠକ ଗ୍ୟାଙ୍ଗ। ଯେଉଁ ଆବେଦନକାରୀ ଯୁବକ ଟଙ୍କା ଦେବାକୁ ମନା କରୁଛନ୍ତି, ସେମାନଙ୍କୁ ବ୍ଲାକ୍‌ମେଲ୍ କରାଯାଉଛି। ଚରିତ୍ରସଂହାର ସାଙ୍ଗକୁ ଅଶ୍ଲୀଳ ଫଟୋ ଭାଇରାଲ୍ କରିଦେବାକୁ ଧମକ ଦିଆଯାଉଛି। ଏହି ଭୟରେ ଆବେଦନକାରୀଙ୍କ ନିକଟରୁ ଏହି ସାଇବର୍ ଗ୍ୟାଙ୍ଗ୍ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି। ଯାହା ଏବେ ସାଇବର୍ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏଭଳି ବିହାରୀ ଗ୍ୟାଙ୍ଗ୍ ପଡ଼ୋଶୀ ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଉପରେ ଆଖି ପକାଇଥିବାରୁ ଠକେଇରୁ ବର୍ତ୍ତିବା ପାଇଁ ସତର୍କ ରହିବାକୁ ଜଣେ ସାଇବର୍ ପୁଲିସ ଅଧିକାରୀ ପରାମର୍ଶ ଦେଇଛନ୍ତି।

# କଟକରେ ଡବଲ ମର୍ଡର ମାମଲାର ସିନ୍ ରିକ୍ରିଏସନ୍ କଲା ପୁଲିସ୍



କଟକ: କଟକର ବେଲେଶ୍ୱରରେ ୨୦୧୯ ଡିସେମ୍ବରରେ ହୋଇଥିବା ଡବଲ ମର୍ଡରେ ମାମଲାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ସିହ୍ନା କିପରି ହତ୍ୟାକାଣ୍ଡ ଘଟାଇଥିଲା, ତାର ଡେମୋ ଦେଖାଇଛି। କିନ୍ତୁ ଏହି ହତ୍ୟାକାଣ୍ଡରେ କେବଳ ସନ୍ତୋଷ ଓ ତାର ପତ୍ନୀ ଥିବା କଥାକୁ ଗ୍ରହଣ କରିପାରୁନାହାନ୍ତି ମୃତକଙ୍କ ସଂପର୍କୀୟ। ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ଥାନା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ମୃତ୍ତ୍ୟୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା। ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ବିଭିନ୍ନ ଚର୍ଚ୍ଚା ସାମ୍ନାକୁ ଆସୁଥିବା ବେଳେ ବ୍ରହ୍ମପୁରର ଏକ ଭଡ଼ାଟିଆ ଦମ୍ପତିଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ପ୍ରାୟ ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ବି କରିଥିଲା। ତିନିଗଛିଆ ଅଞ୍ଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବି ପୁଲିସର ଜେରାର ସାମ୍ନା କରିଥିଲା। କମିସନରେଟ୍ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସନ୍ତୋଷ ସିହ୍ନା। ଭୁବନେଶ୍ୱର-କଟକ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଶୁକ୍ରବାର ଗଣମାଧ୍ୟମଙ୍କୁ ଏହି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ଥାନା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ମୃତ୍ତ୍ୟୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା। ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ବିଭିନ୍ନ ଚର୍ଚ୍ଚା ସାମ୍ନାକୁ ଆସୁଥିବା ବେଳେ ବ୍ରହ୍ମପୁରର ଏକ ଭଡ଼ାଟିଆ ଦମ୍ପତିଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ପ୍ରାୟ ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ବି କରିଥିଲା। ତିନିଗଛିଆ ଅଞ୍ଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବି ପୁଲିସର ଜେରାର ସାମ୍ନା କରିଥିଲା।

# ନବ ଦାସଙ୍କୁ ହତ୍ୟା ଘଟଣା: ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ମାମଲା

କଟକ: ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ନବ ଦାସଙ୍କୁ ଗୁଳି ମାରି ହତ୍ୟା କରାଯିବା ଘଟଣା ସଂପର୍କିତ ଫୌଜଦାରୀ ମାମଲା ଏବଂ ତଦନ୍ତର ସ୍ଥିତି ବାବଦରେ ଅବଗତ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ଆବେଦନ ଉପରେ ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରି ୧୯ରେ ହେବ। ଆବେଦନକାରୀଙ୍କ ତରଫରୁ ଦାୟର ମାମଲାରେ ଦର୍ଶାଯାଇଛି ଯେ ଓଡ଼ିଶାରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସ୍ପଷ୍ଟଦିବାଲୋକରେ ହତ୍ୟା କରାଗଲା। ନବ ଦାସଙ୍କୁ କଣ ପାଇଁ ଓ କେଉଁ ପରିସ୍ଥିତିରେ ହତ୍ୟା କରାଯାଇଥିଲା ତାହାର ଉତ୍ତର କ୍ରାଇମବ୍ରାଞ୍ଚ ତଦନ୍ତରୁ ମିଳିଲା ନାହିଁ। ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଗଲେ ସତ ପଦାକୁ ଆସିବ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ। ଏଥିସହିତ ୨୦୧୪ ନିର୍ବାଚନ ବେଳେ ବିଜେଡି ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ସନ୍ଦିଗ୍ଧ ପାଣ୍ଠିରୁ ଆସିଥିଲା। ବିଭିନ୍ନ ଚିଟ୍‌ଫଣ୍ଡ ସ୍କାମ୍‌ରେ ବିଜେଡି ସଭାପତି ଓ ଅନ୍ୟ ନେତାଙ୍କ ଭୂମିକା ମଧ୍ୟ ଯାଞ୍ଚ କରାଯିବା ଉଚିତ। ଏହି ଦୁଇ ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିସହିତ ପରୀ ଦୁଷ୍କର୍ମ ଓ ହତ୍ୟା, ମମିତା ମେହେର ଓ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚର ପୂର୍ବତନ ଜଣେ ଆଇପିଏସ୍ ଅଧିକାରୀ ଦାଖଲ କରିଥିବା ରିପୋର୍ଟର ସିବିଆଇ ଯାଞ୍ଚ କରିବା ଆବଶ୍ୟକ। ଏହି ସବୁ ରିପୋର୍ଟକୁ ନେଇ ସନ୍ଦେହ ରହିଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି।

# ୟୁଟ୍ୟୁବ୍‌ରେ ପରୀକ୍ଷା ପ୍ରଶ୍ନପତ୍ର ର୍‌ୟାକେଟ୍: ଶିକ୍ଷକଙ୍କ ସହ ୪ ୟୁଟ୍ୟୁବର ଗିରଫ

କଟକ: ୟୁଟ୍ୟୁବ୍ ମାଧ୍ୟମରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି କରୁଥିବା ଏକ ବଡ଼ ର୍‌ୟାକେଟ୍ ଧରାପଡ଼ିଛି। ଏହି ର୍‌ୟାକେଟ୍‌ରେ ସଂପୃକ୍ତ ୪ ଜଣ ୟୁଟ୍ୟୁବର ଓ ସରକାରୀ ସ୍କୁଲର ଜଣେ ଶିକ୍ଷକଙ୍କୁ କଟକ ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳର ଜ୍ୟୋତିରଞ୍ଜନ ବାରିକ(୨୬), ବରଗଡ଼ ଅତାବିରାର ସାହିଲ କୁମାର ମିଶ୍ର(୨୪), ଟିଟଲାଗଡ଼ର ସୁଶାନ୍ତ କୁମାର ବିଶି(୨୮) ଓ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ସାଇଶଙ୍କର ପାତ୍ର(୧୮)। ଗିରଫ ସହକାରୀ ଶିକ୍ଷକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଘନଶ୍ୟାମ ବେଉରା। ଅଭିଯୁକ୍ତଙ୍କ ଠାରୁ ୬ଟି ମୋବାଇଲ୍ ଫୋନ୍ ଓ ଗୋଟିଏ ଟାବଲେଟ୍ ଜବତ ହୋଇଛି। ସୂଚନା ଅନୁଯାୟୀ ଗତବର୍ଷ ନଭେମ୍ବର ୧ରେ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର୍ସ




ଆସୋସିଏସନ ବା 'ଓଷ୍ଟା'ର ସଂପାଦକ ରଞ୍ଜନ କୁମାର ଦାଶ ସାଇବର ଥାନାରେ ଏକ ଏତଲା ଦେଇଥିଲେ। ଗତ ଅକ୍ଟୋବର ୨୮ରୁ ନଭେମ୍ବର ୪ ମଧ୍ୟରେ ସ୍କୁଲସ୍ତରରେ ଅଷ୍ଟମରୁ ଦଶମ ଶ୍ରେଣୀ ମଧ୍ୟରେ ଚାଲିଥିବା ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ଏପରିକ ପୂର୍ବ ବର୍ଷର 'ପ୍ରି ବୋର୍ଡ' ପରୀକ୍ଷାର ପ୍ରଶ୍ନପତ୍ର ମଧ୍ୟ ବିଭିନ୍ନ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଭାଇରାଲ୍ କରାଯାଇଥିଲା। ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ ଗୁଗଲ୍ ଓ ଅନ୍ୟ ସଂସ୍ଥାଠାରୁ ଏକାଧିକ ବୈଷୟିକ ତଥ୍ୟ ମଗାଯାଇଥିଲା। ଏହି ତଥ୍ୟ ଯାଞ୍ଚ ପରେ ଘଟଣା ପଛରେ ଏକ ବଡ଼ ର୍‌ୟାକେଟ୍ କାମ କରୁଥିବା ଜଣାପଡ଼ିଥିଲା। କରୋନା ପୂର୍ବରୁ କିଛି ୟୁଟ୍ୟୁବର ଓ ସରକାରୀ ସ୍କୁଲର ଶିକ୍ଷକ ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ପରସ୍ପର ସହ ସମ୍ପର୍କ ଯୋଡ଼ିଥିଲେ। କିଛି ଶିକ୍ଷକ ପ୍ରଶ୍ନପତ୍ର ଦେବାକୁ ରାଜି ହେବାରୁ ଭିଡିଓ କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରିବାର ଖେଳ ଆରମ୍ଭ ହୋଇଥିଲା। ଶିକ୍ଷକମାନେ ଗଣିତ ପ୍ରଶ୍ନପତ୍ର ପାଇଁ ୫ ହଜାର, ବିଜ୍ଞାନ ୩ ହଜାର, ସାମାଜିକ ବିଜ୍ଞାନ ପାଇଁ ୨ ହଜାର ଓ ଇଂରାଜୀ ପ୍ରଶ୍ନପତ୍ର ପାଇଁ ୫ ହଜାର ଟଙ୍କା ନେଉଥିଲେ। ଆଉ ଏହି ପ୍ରଶ୍ନପତ୍ର ପାଇବା ମାତ୍ରେ ପରୀକ୍ଷା ପୂର୍ବରୁ ତାହାକୁ ଭିଡିଓ କରି ୟୁଟ୍ୟୁବ୍‌ରେ ଛଡ଼ା ଯାଉଥିଲା। ଏହି ଖେଳ ଗଲା କିଛି ବର୍ଷ ହେବ ଲଗାତାର ଚାଲିଛି। ଏହାର ତଥ୍ୟ ପ୍ରମାଣ ପାଇବା ପରେ ଗତକାଲି ସାଇବର ଥାନା ପୁଲିସ ଉପରୋକ୍ତ ୪ ଜଣ ୟୁଟ୍ୟୁବରଙ୍କୁ ଗିରଫ କରିଥିଲା। ସେମାନଙ୍କ ସୂଚନା ଆଧାରରେ ଆଜି ଶିକ୍ଷକ ଜଣକ ଧରାପଡ଼ିଛନ୍ତି। ଅଭିଯୁକ୍ତ ଜ୍ୟୋତିରଞ୍ଜନ 'ସ୍ମାର୍ଟ ଷ୍ଟଡି ଲର୍ଣ୍ଣ' ନାମରେ ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଉଥିଲା ବେଳେ ସାହିଲ 'ଏଜୁକେସନାଲ୍ ଜ୍ଞାନ' ଚ୍ୟାନେଲ, ସୁଶାନ୍ତ 'ସ୍ମାର୍ଟ ଓଡିଆ' ଚ୍ୟାନେଲ ଏବଂ ହିଞ୍ଜିଳିକାଟୁର ସାଇଶଙ୍କର 'ଭାଇବ୍ରେଟ୍ ଏଜୁକେସନ' ଚ୍ୟାନେଲ୍ ଖୋଲିଥିଲା। ଏହି ତିନିଟି ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ବ୍ଲକ୍ କରାଯାଇଛି। ଏହି ର୍‌ୟାକେଟ୍‌ରେ ସାମିଲ ଅନ୍ୟ ଶିକ୍ଷକଙ୍କୁ ଧରିବାକୁ ଉଦ୍ୟମ ହେଉଥିବା ସାଇବର ଥାନା ଅଧିକାରୀ ରଶ୍ମିତା ଜେନା ସୂଚନା ଦେଇଛନ୍ତି।

# ଜୟଲଳିତାଙ୍କର ୨୭ କିଲୋ ସୁନା ତାମିଲନାଡୁ ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦେଲେ କୋର୍ଟ

ନୂଆଦିଲ୍ଲୀ: ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଜୟଲଳିତାଙ୍କ ସମ୍ପତ୍ତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବୁଧବାର ଦିନ ସିବିଆଇ କୋର୍ଟ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ ଜେ ଜୟଲଳିତାଙ୍କ ସମସ୍ତ ଜବତ ସମ୍ପତ୍ତି ତାମିଲନାଡୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ବେଙ୍ଗାଲୁରୁ କୋର୍ଟଙ୍କ ନିର୍ଦ୍ଦେଶର ଗୋଟିଏ ଦିନ ପରେ, ଶୁକ୍ରବାର ଦିନ ଜବତ ସମ୍ପତ୍ତିଗୁଡ଼ିକୁ ଆନୁଷ୍ଠାନିକ ଭାବରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା। କର୍ଣ୍ଣାଟକ କର୍ତ୍ତୃପକ୍ଷ ତାମିଲନାଡୁକୁ ଦେଇଥିବା ବିଳାସପୂର୍ଣ୍ଣ ସାମଗ୍ରୀ ମଧ୍ୟରେ ଏକ ସୁନା ଖଣ୍ଡା ଏବଂ ଏକ ସୁନା ମୁକୁଟ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସୁଦ୍ଧା, କର୍ଣ୍ଣାଟକ କର୍ତ୍ତୃପକ୍ଷଙ୍କ ହାତରେ ଜୟଲଳିତାଙ୍କ ଜବତ ସମ୍ପତ୍ତିର ଏକ ବିଶାଳ ଭଣ୍ଡାର ଥିଲା। ଏଥିରେ ୨୭ କିଲୋ ୫୫୮



ଗ୍ରାମ ସୁନା ଅଳଙ୍କାର, ୧,୧୧୬ କିଲୋ ରୂପା ଏବଂ ୧,୫୨୬ ଏକର ଜମି ସହିତ ଜଡ଼ିତ କାଗଜପତ୍ର ଥିଲା। ଏହି ସମସ୍ତ ଖଜଣା କର୍ଣ୍ଣାଟକ ବିଧାନସଭାର କୋଷାଗାରରେ ସୁରକ୍ଷିତ ରଖାଯାଇଥିଲା ଏବଂ କୋର୍ଟ ଏବଂ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା। ଆପଣଙ୍କୁ କହି ରଖୁଛୁ ଯେ ଜାନୁଆରୀ ୧୩ ତାରିଖରେ କର୍ଣ୍ଣାଟକ ହାଇକୋର୍ଟ ଜୟଲଳିତାଙ୍କ ଭଣଜା ଜେ ଦୀପକ ଏବଂ ଭଣଜୀ ଜେ ଦୀପାଙ୍କ ଏକ ଆବେଦନକୁ ଖାରଜ କରିଦେଇଥିଲେ, ଯେଉଁଥିରେ ସେମାନେ ଜୟଲଳିତାଙ୍କ ଆଇନଗତ ଉତ୍ତରାଧିକାରୀ ଭାବରେ ସମ୍ପତ୍ତି ଦାବି କରିଥିଲେ। ଜୟଲଳିତାଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଜୟଲଳିତାଙ୍କ ବିରୁଦ୍ଧରେ ମାମଲା ଶେଷ ହୋଇଥିଲେ ମଧ୍ୟ ତାଙ୍କ ମୃତ୍ୟୁ ପରେ ହାଇକୋର୍ଟ ୨୦୧୬ରେ ତାଙ୍କ ସମ୍ପତ୍ତି ଜବତକୁ ସମର୍ଥନ କରିଥିଲେ। ଜୟଲଳିତାଙ୍କ ବିରୋଧରେ ମାମଲା ଶେଷ ହେବା ପରେ ତାଙ୍କ ସମ୍ପତ୍ତି ଜବତ କରାଯିବା ଉଚିତ୍ ନୁହେଁ ବୋଲି ତାଙ୍କ ଉତ୍ତରାଧିକାରୀମାନେ ଯୁକ୍ତି ଦେଇଥିଲେ। ତଥାପି, ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ସ୍ୱତନ୍ତ୍ର ଅଦାଲତର ରାୟକୁ ବଜାୟ ରଖିଛନ୍ତି, ତେଣୁ ସମ୍ପତ୍ତି ଜବତ ବୈଧ।

SATEJ ସତେଜ
ସତ୍ୟ ସମ୍ବାଦ ପରିବେଷଣ

# ରାଜ୍ୟ ବଜେଟ୍ : କୃଷି ପାଇଁ ୩୭,୮୩୮ କୋଟିର ବ୍ୟୟ ବରାଦ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ । ଆଗାମୀ ଆର୍ଥିକ ବର୍ଷ ପାଇଁ ମୋଟ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି । ବଜେଟର ପ୍ରଥମ ଭାଗରେ ସେ କୃଷି ବଜେଟ୍ ସଂପର୍କରେ ଘୋଷଣା କରିଥିଲେ । କୃଷି କ୍ଷେତ୍ର ପାଇଁ ୨୦୨୫-୨୬ ବଜେଟରେ ମୋଟ ୩୭,୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଚଳିତ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ରହନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ । ବଜେଟର ପ୍ରଥମ ଭାଗରେ ମୁଖ୍ୟମନ୍ତ୍ରୀ କୃଷି ବଜେଟ୍ ସଂପର୍କରେ ଘୋଷଣା କରିଥିଲେ । କୃଷି କ୍ଷେତ୍ର ପାଇଁ ୨୦୨୫-୨୬ ବଜେଟରେ ମୋଟ ୩୭,୮୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ଚଳିତ ଆର୍ଥିକ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ରହନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ । କୃଷି ଓ କୃଷକଙ୍କ ସଶକ୍ତୀକରଣ ପାଇଁ ମୋଟ ୧୪୭୦୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସମୃଦ୍ଧ କୃଷକ ଯୋଜନାରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ତୁଳନାରେ ଅଧିକ ଅର୍ଥ ଇନପୁଟ ସହାୟତା ଆକାରରେ ପ୍ରଦାନ କରାଯାଉଛି ଫଳରେ ଧାନର ସର୍ବ ନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛି ୩୧୦୦ ଟଙ୍କାକୁ ବୃଦ୍ଧି ପାଇଛି ।



ନବରଙ୍ଗପୁର ଚା ଖଟିରେ ସତେଜ ଖବର କାଗଜରେ ପ୍ରକାଶ ପାଉଥିବା ବିଭିନ୍ନ ଖବରକୁ ନେଇ ଚର୍ଚ୍ଚା

# ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇର ୮ଜଣିଆ ଟିମ୍



ଭୁବନେଶ୍ୱର: ପୁଣି ଅଡୁଆରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ। ଆଜି ସକାଳେ ସିବିଆଇର ୮ଜଣିଆ ଟିମ୍ ତାଙ୍କର ସରକାରୀ କ୍ୱାର୍ଟରରେ ପହଞ୍ଚିଥିଲେ। ହେଲେ ବିଷ୍ଣୁପଦ ସେଠୀ ସେମାନଙ୍କୁ ଘରେ ପୁରାଇ ନଦେଇ, ବରଂ ସେମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ ଲାଞ୍ଚ ଅଭିଯୋଗ ମାମଲାରେ ଚଢ଼ାଉ କରିବାକୁ ସିବିଆଇର ୮ଜଣିଆ ଟିମ୍ ପହଞ୍ଚିଥିବା ଜଣାଯାଇଛି। ତଦନ୍ତରେ ସିବିଆଇର ୮ଜଣିଆ ଟିମକୁ ସହଯୋଗ କରୁନଥିବା କୁହାଯାଉଛି। ସିବିଆଇ ସମନ କରିବା ପରେ ବି ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ହାଜର ହୋଇନଥିଲେ।

ଉଲ୍ଲେଖଯୋଗ୍ୟ, ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ ଲାଞ୍ଚ ଅଭିଯୋଗ ମାମଲାରେ ସିବିଆଇ ସମନ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ରାଜ୍ୟ ସରକାର ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଦାୟିତ୍ୱରେ ଥିବା ତିନି ବିଭାଗ ଦାୟିତ୍ୱରୁ ତାଙ୍କୁ ହଟାଇ ଦିଆଯାଇଥିଲା। ଏଥିସହିତ ସେ ସାଧାରଣ ପ୍ରଶାସନ ବିଭାଗର ଓଏସ୍ଡି ଭାବେ ଅବସ୍ଥାପିତ ହୋଇଥିଲେ। ସାଧାରଣତଃ ଏହି ପଦବି ଏକ ଦଣ୍ଡନୀୟ ପଦବି ଭାବେ ବିବେଚନା କରାଯାଏ।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଜିଜିଏମ୍‌ଙ୍କୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ତନାଘନା ଜାରି ରହିଛି। ଏହି ମାମଲାରେ ସିବିଆଇ ଉକ୍ତ ଉଦ୍ୟୋଗର ଜିଏମ୍‌ଙ୍କ ସମେତ ଆକାଉଣ୍ଟସ୍ ଅଧିକାରୀ ଓ ଅନ୍ୟ ଜଣେ ଅଧିକାରୀଙ୍କୁ ଘନଘନ ଜେରା କରିଛି। ଜିଏମ୍ ଭୂପେନ୍ଦ୍ର ସିଂହଙ୍କୁ ୬ଘଣ୍ଟା ମାରାଥନ ଜେରା କରାଯାଇଥିଲା ଏବଂ ଆକାଉଣ୍ଟସ୍ ଅଫିସର୍‌ଙ୍କୁ ୭ ଦିନ ହେଲା ପର୍ଯ୍ୟାୟକ୍ରମେ ପଚରାଉଚରା କରାଯାଇଥିଲା। ବିଶେଷକରି ଅଭିଯୁକ୍ତ ଠିକାଦାର ଦେବଦତ୍ତ ମହାପାତ୍ର ଓ ସନ୍ତୋଷ ମହାରଣାଙ୍କ କେଉଁ କାମ ପାଇଁ କେତେ ବିଲ୍ ପାସ୍ କରାଯାଇଛି, ସେନେଇ ସିବିଆଇ ଜେରା କରିଥିଲା। ଏହି ମାମଲାରେ ଆଇଏଏସ୍ ବିଷ୍ଣୁପଦ ସେଠୀ ସିବିଆଇ ଜେରାର ସମ୍ମୁଖୀନ ହେବା ଆପାତତଃ ନିଶ୍ଚିତ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା।

ସିବିଆଇର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଡିସେମ୍ବର ୫ ତାରିଖରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଜିଜିଏମ୍ ଚଞ୍ଚଲ୍ ମୁଖାର୍ଜୀ ଭେଟିଥିଲେ। ଡିସେମ୍ବର ୬ ତାରିଖରେ ପେଣ୍ଟା ଏ ଷ୍ଟୁଡିଓ ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ତାଙ୍କ ବାପା ମନମୋହନ ମହାରଣାଙ୍କୁ ତୁରନ୍ତ ଭେଟିବାକୁ କହିଥିଲେ ଚଞ୍ଚଲ୍। ଲାଞ୍ଚ ଆକାରରେ ଦିଆଯିବାକୁ ଥିବା ୧୦ ଲକ୍ଷ ଟଙ୍କାକୁ ପରବର୍ତ୍ତୀ ବିଲ୍ କିମ୍ବା କାର୍ଯ୍ୟାଦେଶରେ ଆଡ୍‌ଜଷ୍ଟ କରାଯିବ ବୋଲି ଚଞ୍ଚଲ୍ କହିଥିଲେ। ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେସନ୍ ନାଲ୍କୋ ଦାମନଯୋଡ଼ି ବିଶାଖାପାଟଣାରେ ସିଭିଲ୍ କାମ କରିବାକୁ ଟେଣ୍ଡର ନେଇଛି ଏବଂ ଏହି କାମ ପାଇଁ ପେଣ୍ଟା ଏ ଷ୍ଟୁଡିଓକୁ ଦାୟିତ୍ୱ ଦେଇଛି। ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ଜିଏମ୍ ଭୂପେନ୍ଦ୍ରଙ୍କୁ ସିବିଆଇ ପଚରାଉଚରା କରିଛି। ଏହି କାରବାରରେ ଆଇଏଏସ୍ ବିଷ୍ଣୁପଦଙ୍କ କି ପ୍ରକାର ସମ୍ପୃକ୍ତି ରହିଛି, ସେନେଇ ସିବିଆଇ ପଚାରିଥିଲା। ସେହିଭଳି ୪ ତାରିଖରେ ଜିଏମ୍ ଭୂପେନ୍ଦ୍ର ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଏକ ହାତଲେଖା ଚିଠି ଲେଖିଥିବା ପ୍ରସଙ୍ଗରେ ମଧ୍ୟ ସିବିଆଇ ଖୋଳତାଡ଼ କରୁଛି।

# ରେଳ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଜୀବନ୍ତ ଦଗ୍ଧ

ଗୁରୁଡ଼ିଝାଟିଆ: କଟକ ଜିଲ୍ଲା ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୁରୁଡ଼ିଝାଟିଆ ରେଲୱେ ପାର୍କିଂରେ ଆଜି ସକାଳେ ଏକ ଅଘଟଣ ଘଟିଛି। ଏଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜୀବନ୍ତ ଦଗ୍ଧ ହୋଇଛନ୍ତି ଜଣେ ଯୁବକ। ଉକ୍ତ ଯୁବକ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ଜଣାଯାଇଛି। ତାଙ୍କର ଗୋଟିଏ ପୁଅ ଅଛି। ଏଣେ ତାଙ୍କର ସ୍ତ୍ରୀ ଏବେ ଗର୍ଭବତୀ ଅଛନ୍ତି। ଆଜି ସକାଳ ସମୟରେ ପାରାଦୀପରୁ ଆସି ଗୁରୁଡ଼ିଝାଟିଆ ରେଲୱେ ପାର୍କିଂରେ ଠିଆ ହୋଇଥିବା କୋଇଲା ବୋଝେଇ ଟ୍ରେନ ପାଖରେ ଯୁବକଜଣକ ଠିଆ ହୋଇଥିଲେ। ଏହି ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ସେଠାରେ ଥିବା ସ୍ଥାନୀୟ ଲୋକ ଆସି ପହଞ୍ଚିଲା ବେଳକୁ ଯୁବକଙ୍କର ଅର୍ଦ୍ଧ ଦଗ୍ଧ ଶରୀର ହୁତୁ ହୁତୁ ହୋଇ ଜଳୁଛି। ଖବର ପାଇ ଘଟଣା ସ୍ଥଳରେ ରେଳବାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଯୁବକଙ୍କ ଘର ଛଅଗାଁ ଅଞ୍ଚଳରେ ବୋଲି ସୂଚନା ମିଳିଛି।

# ଆରମ୍ଭ ହେବ ସୁଭଦ୍ରା ପ୍ଲସ୍ ଯୋଜନା




ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି । ଏହି ବଜେଟରେ ମହିଳା ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସରକାରଙ୍କ ଲୋକପ୍ରିୟ ସୁଭଦ୍ରା ଯୋଜନାର ପରିସର ବୃଦ୍ଧି କରିବାକୁ ଘୋଷଣା କରାଯାଇଛି । ଏଥିପାଇଁ ଆରମ୍ଭ ହେବ ସୁଭଦ୍ରା ପ୍ଲସ୍ ଯୋଜନା ।

ସୁଭଦ୍ରାପ୍ଲସ୍ ଯୋଜନା ଅଧିନରେ କେତେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରାଯିବ । ସେସବୁ ମଧ୍ୟରେ ରହିଛି କିଶୋରୀ ସୁଭଦ୍ରା, ସୁଭଦ୍ରା ସଂଚୟ, ସୁଭଦ୍ରା ସୁରକ୍ଷା, ସୁଭଦ୍ରା ସାକ୍ଷୀ, ସୁଭଦ୍ରା ଯାତ୍ରୀ, ସୁଭଦ୍ରା ସଂଘ, କୁହ ସୁଭଦ୍ରା (କଲ୍ ସେଣ୍ଟର), ସୁଭଦ୍ରା ସହଯୋଗୀ, ସୁଭଦ୍ରା ସ୍କଲାର, ସୁଯୋଗ୍ୟ ସୁଭଦ୍ରା । ସୁଭଦ୍ରା ଯୋଜନା ପାଇଁ ବଜେଟରେ ମୋଟ ୧୦,୧୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଯୋଜନା ଆରମ୍ଭ କରାଯିବ । ଏହି ଯୋଜନା ପାଇଁ ୧୫୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏପର୍ଯ୍ୟନ୍ତ ପ୍ରାୟ ୯୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ସହାୟତା ପାଇଛନ୍ତି ଓ ଏବାବଦରେ ସରକାର ପ୍ରାୟ ୪୯୦୦ କୋଟି ଟଙ୍କା ବ୍ୟୟ କରିସାରିଲେଣି ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଭରଣପୋଷଣ ମାମଲାରେ ସଂପତ୍ତି ତଥ୍ୟ ସହ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ



କଟକ: ଭରଣପୋଷଣ ପ୍ରସଂଗ ନେଇ ଦାୟର କରାଯାଉଥିବା ମାମଲାରେ ନିଜ ସଂପତ୍ତି ସଂପର୍କିତ ତଥ୍ୟ ପ୍ରକାଶ କରି ସତ୍ୟପାଠ ଦାଖଲ କରିବାକୁ ବାଧ୍ୟ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରଜନିଶ୍ ମାମଲା ରାୟରେ ଏ ନେଇ ଉଲ୍ଲେଖ ରହିଛି। ଭରଣପୋଷଣ ସଂପର୍କିତ ମାମଲାର ଶୁଣାଣି କରୁଥିବା ଅଦାଲତଙ୍କ ପାଇଁ ଏହି ନିୟମାବଳୀ ଅବଶ୍ୟପାଳନୀୟ ବୋଲି ହାଇକୋର୍ଟ କହିଛନ୍ତି। ଭରଣପୋଷଣ ସଂପର୍କିତ ମାମଲାରେ ଆବେଦନକାରୀ ପତ୍ନୀ ଓ ପ୍ରତିପକ୍ଷ ସ୍ୱାମୀ ନିଜ ସଂପତ୍ତି ସଂପର୍କିତ ତଥ୍ୟ ପ୍ରକାଶ କରି ସତ୍ୟପାଠ ଦାଖଲ କରି ନଥିବା ବେଳେ ଖୋର୍ଦ୍ଧା ପରିବାର ଅଦାଲତ ଆବେଦନର ଶୁଣାଣି କରି ରାୟ ପ୍ରକାଶ କରିଥିଲେ। ପତ୍ନୀ ଓ ନାବାଳକ ପୁଅକୁ ମାସିକ ୧୦ ହଜାର ଟଙ୍କା ଲେଖାଏଁ ଭରଣପୋଷଣ ପ୍ରଦାନ ପାଇଁ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ପରିବାର ଅଦାଲତ ରଜନିଶ୍ ମାମଲାରେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ ପାଳନ କରି ନଥିବାରୁ ହାଇକୋର୍ଟ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଭରଣପୋଷଣ ପ୍ରଦାନ ପାଇଁ ଖୋର୍ଦ୍ଧା ପରିବାର ଅଦାଲତ ୨୦୨୩ ଜୁଲାଇ ୨୨ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହି ପ୍ରସଂଗରେ ସାନି ଶୁଣାଣି ପାଇଁ ମାମଲାକୁ ପୁଣି ପରିବାର ଅଦାଲତକୁ ପଠାଇ ଦେଇଛନ୍ତି। ରଜନିଶ ମାମଲାରେ ପ୍ରଦାନ କରାଯାଇଥିବା ଗାଇଡ୍‌ଲାଇନ ଅନୁପାଳନ କରି ପରିବାର ଏହି ପ୍ରସଂଗରେ ଫଇସଲା କରିବେ। ୨୦୧୭ରୁ ବିଚାରାଧୀନ ଥିବା ଏହି ଭରଣପୋଷଣ ମାମଲାର ଫଇସଲା ଦୁଇ ମାସ ଭିତରେ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବାର ଅଦାଲତଙ୍କ ଭରଣପୋଷଣ ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ ସ୍ୱାମୀଙ୍କ ବିରୋଧରେ ଭରଣପୋଷଣ ଦାବି କରି ସିଆରପିସିର ଧାରା ୧୨୫ରେ ପତ୍ନୀ ପରିବାର ଅଦାଲତରେ ମାମଲା ରୁଜୁ କରିଥିଲେ। ପତ୍ନୀ ଓ ନାବାଳକ ପୁଅକୁ ମାସିକ ୧୦ ହଜାର ଟଙ୍କା ଲେଖାଏଁ ୨୦୧୭ ଡିସେମ୍ବର ୧ରୁ ଦେବାକୁ ସ୍ୱାମୀଙ୍କୁ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ପରିବାର ଅଦାଲତଙ୍କ ୨୦୨୩ ଜୁଲାଇ ୨୨ର ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ରଜନିଶ ବନାମ ନେହା ମାମଲାରେ ସୁପ୍ରିମକୋର୍ଟ ୨୦୨୦ ନଭେମ୍ବର ୪ରେ ପ୍ରଦାନ କରିଥିବା ରାୟରେ ଉଲ୍ଲେଖ ଗାଇଡ୍‌ଲାଇନ ପାଳନ କରାଯାଇ ନଥିବା ଆବେଦନକାରୀ ସ୍ୱାମୀଙ୍କ ତରଫରୁ ଦର୍ଶାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ରାୟ ଅନୁସାରେ ଭରଣପୋଷଣ ଦାବି କରି ଦାୟର କରାଯାଉଥିବା ଆବେଦନ ସହିତ ପକ୍ଷ ନିଜ ସଂପତ୍ତି ତଥ୍ୟ ପ୍ରକଟ କରି ସତ୍ୟପାଠ ଦାଖଲ କରିବେ। ସେହିଭଳି ପ୍ରତିପକ୍ଷ ଜବାବ ଦାଖଲ କରିବା ବେଳେ ନିଜ ସଂପତ୍ତି ସଂକ୍ରାନ୍ତୀୟ ତଥ୍ୟ ପ୍ରକାଶ କରି ସତ୍ୟପାଠ ମଧ୍ୟ ଦେବେ। କିନ୍ତୁ ପରିବାର ଅଦାଲତରେ ମାମଲାର ଶୁଣାଣି ସମୟରେ ଆବେଦନକାରୀ ପତ୍ନୀ ଓ ପ୍ରତିପକ୍ଷ ସ୍ୱାମୀ ସଂପତ୍ତି ସଂପର୍କିତ ତଥ୍ୟ ପ୍ରକଟ କରି ସତ୍ୟପାଠ ଦାଖଲ କରି ନଥିବା ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ଦେଶର କଳା, ସଂସ୍କୃତି, ପରମ୍ପରାର ପ୍ରସାର ବିଶ୍ୱ ଦରବାରରେ କରିବା ପାଇଁ ଶପଥ ନେବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାର ଭୁନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ହେଉଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ପ୍ରବାସୀ ଭାରତୀୟ ଦିବସ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଉଛି। ଦେଶର ବିକାଶରେ ଭାରତୀୟଙ୍କ ଅବଦାନ ଅବିସ୍ମରଣୀୟ। ଆସନ୍ତୁ ସ୍ୱଦେଶୀ ଚିନ୍ତାଧାରାକୁ ଆପଣାଇବା ସହ ବିଶ୍ୱ ଦରବାରରେ ନିଜ ଦେଶର କଳା, ସଂସ୍କୃତି, ପରମ୍ପରାର ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଶପଥ ନେବା। ଓଡ଼ିଶୀ ନୃତ୍ୟ, ପଟ୍ଟଚିତ୍ର ଏବଂ ସମ୍ବଲପୁରୀ ହସ୍ତତନ୍ତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ବିଭିନ୍ନ ପରମ୍ପରାର ଏକ କେନ୍ଦ୍ର ଅଟେ। ସେ କହିଛନ୍ତି, ଓଡ଼ିଶା ରାଜ୍ୟ ହେଉଛି ବିବିଧ ସଂସ୍କୃତି ଏବଂ ଐତିହାସିକ ଉତ୍କର୍ଷର ଏକ ହବ୍। ଓଡ଼ିଶୀ ହେଉଛି ଭାରତର ପୁରାତନ ଶାସ୍ତ୍ରୀୟ ନୃତ୍ୟ ମଧ୍ୟରୁ ଅନ୍ୟତମ। ଓଡ଼ିଶାର ପଟ୍ଟଚିତ୍ରର ଜଟିଳ କଳା ଜଗତକୁ ଆକର୍ଷିତ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବଲପୁରର ବିଶ୍-ପ୍ରସିଦ୍ଧ ହସ୍ତତନ୍ତ କପଡା ଆମର ଅନ୍ୟତମ ପ୍ରିୟ ତଥା ଜୀବନ୍ତ ପରମ୍ପରା ମଧ୍ୟରୁ ଅନ୍ୟତମ। ଓଡିଶା ପ୍ରାକୃତିକ ସୌନ୍ଦର୍ଯ୍ୟର ଭଣ୍ଡାର। ଏହା ପ୍ରବାସୀଙ୍କୁ ବେଶ୍ ଆକୃଷ୍ଟ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ମନ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଇଥିଲେ । ପୁଞ୍ଜିନିବେଶ ପାଇଁ ପ୍ରବାସୀ ଭାରତୀୟଙ୍କୁ ଅପିଲ୍ କରିଥିଲେ ମୁଖ୍ୟମନ୍ତ୍ରୀ ।

# ମୁଁ 'ସନମ ତେରୀ କସମ ୨' ଅଭିନୟ କରିବାକୁ ପସନ୍ଦ କରିବି: ମାଓ୍ୱରା ହୋକେନ୍

ମୁମ୍ବାଇ: ବଲିଉଡ୍ ଅଭିନେତା ହର୍ଷବର୍ଦ୍ଧନ ରାଣେ ଏବଂ ମାଓ୍ୱରା ହୋକେନଙ୍କ ରୋମାଣ୍ଟିକ ଫିଲ୍ମ 'ସନମ ତେରୀ କସମ' ୨୦୧୬ରେ ମୁକ୍ତିଲାଭ କରିଥିଲା। ପ୍ରଥମ ମୁକ୍ତିଲାଭରେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ୯ ବର୍ଷ ପରେ ଫିଲ୍ମଟି ପୁନଃ ମୁକ୍ତିଲାଭ ହେବାପରେ ହିଟ୍ ହୋଇଛି। ଇତିମଧ୍ୟରେ, ନିର୍ମାତାମାନେ ଫିଲ୍ମର ଦ୍ୱିତୀୟ ଭାଗ ମଧ୍ୟ ଘୋଷଣା କରିଛନ୍ତି। ଏହି ଫିଲ୍ମରେ ହର୍ଷବର୍ଦ୍ଧନ ରାଣେ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ଜଣାପଡ଼ିଛି। 'ସନମ୍ ତେରୀ କସମ୍'ର ସିକ୍ୱେଲ୍ 'ସନମ ତେରୀ କସମ ୨' ଘୋଷଣା ହେବାପରେ, ଅଭିନେତ୍ରୀ ମାଓ୍ୱରା ଏହାର ଅଂଶ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

'ସନମ ତେରୀ କସମ' ୨୦୧୬ରେ ମୁକ୍ତିଲାଭ କରିଥିଲା। ପ୍ରଥମ ମୁକ୍ତିଲାଭରେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ୯ ବର୍ଷ ପରେ ଫିଲ୍ମଟି ପୁନଃ ମୁକ୍ତିଲାଭ ହେବାପରେ ହିଟ୍ ହୋଇଛି।

ସୂଚନା ମୁତାବକ, ନିକଟରେ ଅଭିନେତ୍ରୀ ମାଓ୍ୱରା ହୋକେନ୍ ବିବାହ ପରେ ପ୍ରଥମ ଥର ପାଇଁ ଏକ ସାକ୍ଷାତକାରରେ ନଜର ଆସିଥିଲେ। ଫରିଦୁନ ଶାହରିୟାରଙ୍କ ସହ କଥାବାର୍ତ୍ତା ସମୟରେ ମାଓ୍ୱରା କହିଥିଲେ ଯେ, ''ମୁଁ ସନମ ତେରୀ କସମ ୨'ର ଅଂଶ ହେବାକୁ ପସନ୍ଦ କରିବି। 'ସନମ ତେରୀ କସମ ୨' ମୁଁ କରେ କି ଅନ୍ୟ କିଏ ବି କରନ୍ତୁ, ମୁଁ ଏତିକି ଜାଣିଛି ଯେ ମୋ ପ୍ରଯୋଜକମାନେ ଏହି ଫିଲ୍ମକୁ ମିଳୁଥିବା ସଫଳତାର ପ୍ରକୃତ ଯୋଗ୍ୟ ଅଟନ୍ତି ।''

'ସନମ୍ ତେରୀ କସମ୍'ର ପୁନଃ ମୁକ୍ତିଲାଭ ହେବାପରେ ମାଓ୍ୱରା କହିଥିଲେ ଯେ, ''ସତ କହିବାକୁ ଗଲେ, ଯଦି ଫିଲ୍ମକୁ ଏହି ସଫଳତା ହାସଲ କରିବା ପାଇଁ ନଅ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା, ତେବେ ମୁଁ ଭାବୁଛି ଏହା ମୋ ସ୍ୱାମୀଙ୍କ ଭାଗ୍ୟ।' କାରଣ ସେବେଠାରୁ କେବଳ ଏହା ହିଁ ପରିବର୍ତ୍ତନ ହୋଇଛି। ଫିଲ୍ମଟି ସବୁବେଳେ ଥିଲା ଏବଂ ସବୁକିଛି ସେଠାରେ ଥିଲା। କିନ୍ତୁ ମୁଁ ପ୍ରକୃତରେ ଭାବୁଛି ଏହା ବିବାହର ଭାଗ୍ୟ କାରଣ ଏହା ପ୍ରକୃତରେ ସମାନ ତାରିଖ।''

ଆପଣଙ୍କୁ କହି ରଖୁଛୁ ଯେ, 'ସନମ୍ ତେରୀ କସମ୍'ର ଅଭିନେତ୍ରୀ ମାଓ୍ୱରା ହୋକେନ୍ ଚଳିତ ବର୍ଷ ଫେବୃଆରି ୫ ତାରିଖରେ ପାକିସ୍ତାନୀ ଅଭିନେତା ଆମିର ଗିଲାନିଙ୍କୁ ବିବାହ କରିଥିଲେ। ଆଉ 'ସନମ୍ ତେରୀ କସମ୍' ୨୦୧୬ ଫେବୃଆରି ୫ରେ ମୁକ୍ତିଲାଭ କରିଥିଲା।





# ଯେଉଁମାନେ ପରିବାର ନୁହନ୍ତି ତାଙ୍କୁ ଡାକି ନଥିଲୁ; ପ୍ରତୀକଙ୍କ ପରିବାରକୁ ଡକାନଯିବା ଉପରେ ପ୍ରତିକ୍ରିୟା ଦେଲେ ପତ୍ନୀ

ମୁମ୍ବାଇ: ବଲିଉଡ ଅଭିନେତା ପ୍ରତୀକ ବବ୍ବର ଭାଲେଣ୍ଟାଇନ୍ ଡେ'ରେ ଦ୍ୱିତୀୟ ଥର ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।। କିନ୍ତୁ ସେ ଏହି କାର୍ଯ୍ୟକ୍ରମରେ ତାଙ୍କ ପରିବାରକୁ ନିମନ୍ତ୍ରଣ କରିନଥିବା ସାମ୍ନାକୁ ଆସିଥିଲା। ତାଙ୍କ ବାପା ରାଜ୍ ବବ୍ବର, ସାବତ ଭାଇ ଆର୍ଯ୍ୟ ବବ୍ବର ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ବିବାହ ପାଇଁ ନିମନ୍ତ୍ରଣ କରାଯାଇନଥିବା ଜଣାପଡ଼ିଥିଲା।

ଏବେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ଦ୍ୱିତୀୟ ପତ୍ନୀ ପ୍ରିୟା ବାନାର୍ଜୀ। ସେ କହିଛନ୍ତି ଯେ, 'ବିବାହରେ ପରିବାରର କୌଣସି ସଦସ୍ୟ ଅନୁପସ୍ଥିତ ନଥିଲେ। ମୁଁ ଜାଣିନାହିଁ କାହିଁକି ଏଭଳି ଗୁଜବ ଉଠୁଛି ଯେ 'ପରିବାର ସଦସ୍ୟ' ଅନୁପସ୍ଥିତ ଥିଲେ। ବିବାହରେ ଆମର ପରିବାର, ମୋ ବାପାମାଆ, ପ୍ରତୀକଙ୍କୁ ଲାଳନପାଳନ କରିଥିବା ତାଙ୍କ ମାଉସୀ, ତାଙ୍କ ଅଜା-ଆଇ ଏବଂ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ସେମାନେ ଉପସ୍ଥିତ ଥିଲେ। ସମସ୍ତେ ଆମ ସହିତ ଥିଲେ।'

ଉଲ୍ଲେଖଯୋଗ୍ୟ, ବଲିଉଡ ଅଭିନେତା ରାଜ୍ ବବ୍ବର ପ୍ରଥମେ ନଦିରା ବବ୍ବରଙ୍କୁ ବିବାହ କରିଥିଲେ। ଏହା ପରେ ଦୁହେଁ ଆର୍ଯ୍ୟ ଓ ଜୁହି ବବ୍ବରଙ୍କ ମାତାପିତା ହୋଇଥିଲେ। ବିବାହର କିଛି ବର୍ଷ ପରେ ନଦିରାଙ୍କୁ ଧୋକା ଦେଇ ରାଜ୍ ଅଭିନେତ୍ରୀ ସ୍ମିତା ପାଟିଲଙ୍କ ପ୍ରେମରେ ପଡ଼ିଥିଲେ। ଏହା ପରେ ତାଙ୍କୁ ୧୯୮୩ରେ ବିବାହ କରିବା ସହ ୧୯୮୬ରେ ପ୍ରତୀକଙ୍କ ଜନ୍ମ ହୋଇଥିଲା। ହେଲେ ପ୍ରତୀକଙ୍କ ଜନ୍ମ ସମୟରେ ପ୍ରସବ ସମ୍ବନ୍ଧିତ ସମସ୍ୟା ହେବାରୁ ସ୍ମିତାଙ୍କ ମୃତ୍ୟୁ ହୋଇଥିଲା। ସ୍ମିତାଙ୍କ ମୃତ୍ୟୁ ପରେ ରାଜ୍ ପୁଣି ନିଜ ପ୍ରଥମ ପତ୍ନୀଙ୍କ ପାଖକୁ ଫେରିଯାଇଥିଲେ ଓ ପ୍ରତୀକ୍ ନିଜ ଅଜା-ଆଇଙ୍କ ସହ ରହିବା ଆରମ୍ଭ କରିଥିଲେ।

ଯଦି ପ୍ରତୀକଙ୍କ କଥା କହିବା ତେବେ ପ୍ରିୟାଙ୍କ ପୂର୍ବରୁ ପ୍ରତୀକ୍ ୨୦୧୯ରେ ସାନ୍ୟା ସାଗରଙ୍କୁ ବିବାହ କରିଥିଲେ, କିନ୍ତୁ ୨୦୨୩ରେ ଉଭୟଙ୍କର ଛାଡପତ୍ର ହୋଇଥିଲା।


SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ

# ଫିଟ୍‌ନେସ୍ ଟ୍ରେନ୍‌ରଙ୍କୁ ଗୁଳିମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ସହ ୬ ଜଣ ଗିରଫ



ରାଉରକେଲା: ବନ୍ଧମୁଣ୍ଡାର ଫିଟ୍‌ନେସ୍ ଟ୍ରେନରଙ୍କୁ ଗୁଳିମାଡ଼ ଘଟଣାରେ ବନ୍ଧମୁଣ୍ଡା ପୁଲିସ ମୁଖ୍ୟଅଭିଯୁକ୍ତ ସହ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟଅଭିଯୁକ୍ତ ବନ୍ଧମୁଣ୍ଡା 'ଡି' ସେକ୍ଟରର ଗୁଣ୍ଡିଚାପାଲିର ସୋନୁ ଓରଫ ସୁକାନ୍ତ ଦାସ (୨୩), 'ସି' ସେକ୍ଟରର ମଧୁସୂଦନ ପାର୍କ ନିକଟରେ ରହୁଥିବା ସଂସ୍କାର କୁମାର ସିଂହ (୨୩), ଅଭିନବ ବର୍ମା (୨୨), ବନ୍ଧମୁଣ୍ଡା ମେନ୍‌ରୋଡର ପ୍ରିୟାଂଶୁ ସିଂହ (୨୧), ସେକ୍ଟର ସି/୪୬ର ବି. କାର୍ତ୍ତିକ (୧୯) ଓ ବନ୍ଧମୁଣ୍ଡା ଶୀତଳନଗରର ଅଭିଷେକ ବରୁଆ ଓରଫ ନାନୁ (୩୦)। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ପିସ୍ତଲ, ଖାଲି କ୍ୟାଟ୍ରିକ୍, ମାଗାଜିନ୍ ସହ ଗୋଟିଏ ଅଫୁଟା ଗୁଳି ଜବତ ହୋଇଛି। ପୂର୍ବରୁ ଗୋଷ୍ଠୀ ସଂଘର୍ଷରୁ ଶ୍ୟାମଳ ସରକାରଙ୍କୁ ଗୁଳିମାଡ଼ କରାଯାଇଥିଲା। ଗତ ୧୪ ତାରିଖ ସଂଧ୍ୟା ୬ଟାରେ ଶ୍ୟାମଳ ସରକାର ବନ୍ଧମୁଣ୍ଡା ଡିଜେଲ କଲୋନି ନିକଟସ୍ଥ ପ୍ରଗତି ମୈଦାନରେ ପିଲାମାନଙ୍କୁ ଫିଟ୍‌ନେସ୍ ଟ୍ରେନିଂ ଦେଉଥିଲେ। ଗିରଫ ୬ ଯୁବକ ସେଠାରେ ପହଞ୍ଚି ଶ୍ୟାମଳ ସରକାରଙ୍କ ସହ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଅଭିଯୁକ୍ତମାନେ ସେଠାରୁ ଚାଲିଯାଇଥିଲେ। ପଡ଼ିଆରୁ ବାହାରି ଶ୍ୟାମଳ ତାଙ୍କ ବନ୍ଧୁମାନଙ୍କ ସହ ଡି ସେକ୍ଟର ଛକରେ ଛିଡ଼ା ହୋଇ କଥାହେଉଥିଲେ। ଅଭିଯୁକ୍ତମାନେ ପହଞ୍ଚି ଖଣ୍ଡାରେ ଶ୍ୟାମଳଙ୍କୁ ଆକ୍ରମଣ କରିଥିଲେ। ମୁଖ୍ୟଅଭିଯୁକ୍ତ ସୁକାନ୍ତ ଦାସ ଓରଫ୍ ସୋନୁ ତା' ପିସ୍ତଲରୁ ଗୋଟିଏ ରାଉଣ୍ଡ ଗୁଳିଚଳାଇ ଶ୍ୟାମଳଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲା। ସୌଭାଗ୍ୟବଶତଃ ଗୁଳିଟି ଶ୍ୟାମଳଙ୍କ ଦେହରେ ବାଜିନଥିଲା। ଗୁଳି ନ ବାଜିବାରୁ ସୋନୁ ଶ୍ୟାମଳଙ୍କ ମୁଣ୍ଡକୁ ପିସ୍ତଲରେ ଆକ୍ରମଣ କରିଥିଲା। ଆକ୍ରମଣ ଯୋଗୁଁ ଶ୍ୟାମଳଙ୍କ ହାତ, ପିଠି ଓ ମୁଣ୍ଡରେ ଆଘାତ ଲାଗିଥିଲା। ଶ୍ୟାମଳ ଗୁରୁତର ଅବସ୍ଥାରେ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳ ପହଞ୍ଚିଥିଲା। ଘଟଣାସ୍ଥଳରୁ ଗୋଟିଏ ମାଗାଜିନ୍, ଗୋଟିଏ ଖୋଖା ସହିତ ଗୋଟିଏ ଗୁଳି ଜବତ କରିଥିଲା। ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭିଯୁକ୍ତମାନଙ୍କୁ ଧରିବାକୁ ତିନିଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା।


# ନିଖୋଜ କୋଇଲା ବ୍ୟବସାୟୀଙ୍କ ଶବ ଉଦ୍ଧାର, ୩ ଅଟକ



କୁତ୍ରା/ରାଉରକେଲା: ଗତ ଶୁକ୍ରବାରରୁ ନିଖୋଜ ଥିବା ରାଉରକେଲା ସିଭିଲଟାଉନସିପ୍‌ର କୋଇଲା ବ୍ୟବସାୟୀ ବିନୋଦ ଦ୍ୱାରିକା (୬୪)ଙ୍କ ଶବ ଶନିବାର କୁତ୍ରା ଥାନା ଗମ୍ଭାରଡିହି ନିକଟରୁ ମିଳିଛି। ବିନୋଦଙ୍କ ମୁଣ୍ଡ ଓ ଶରୀରର କିଛି ସ୍ଥାନରେ ଗଭୀର ଆଘାତ ରହିଛି। ବିନୋଦଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ପରିବାର ପକ୍ଷରୁ କୁତ୍ରା ଥାନାରେ ଅଭିଯୋଗ ହୋଇଛି। କୁତ୍ରା ପୁଲିସ ଏହି ଘଟଣାରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବ୍ୟବସାୟୀଙ୍କ କାର ଜବତ ହୋଇଥିବାବେଳେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପରିବାର ଲୋକଙ୍କ ବୟାନ ଓ ପାରିପାର୍ଶ୍ୱିକ ସ୍ଥିତି ଆଧାରରେ ପୁଲିସ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ ବିନୋଦ ରାଉରକେଲା ସିଭିଲଟାଉନସିପ୍‌ରେ ପରିବାର ସହ ରହନ୍ତି। ବହୁଦିନରୁ ସେ କୋଇଲା ବ୍ୟବସାୟ କରୁଥିଲେ। ଶୁକ୍ରବାର ସଂଧ୍ୟାରେ ସେ ଘରୁ କାର ନେଇ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନଥିଲେ। ବିନୋଦଙ୍କ ମୋବାଇଲ୍ ବନ୍ଦ ଥିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଶନିବାର ସେମାନେ ରଘୁନାଥପାଲି ଥାନାରେ ନିଖୋଜ ମାମଲା ଦେଇଥିଲେ। ବିନୋଦ ରାଉରକେଲା ସିଭି-ଲଟାଉନସିପ୍‌ରେ ପରିବାର ସହ ରହନ୍ତି। ବହୁଦିନରୁ ସେ କୋଇଲା ବ୍ୟବସାୟ କରୁଥିଲେ। ଶୁକ୍ରବାର ସଂଧ୍ୟାରେ ସେ ଘରୁ କାର ନେଇ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନଥିଲେ। ଆଜି ବିଭିନ୍ନ ଖବରକାଗଜରେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର ଖବର ଫଟୋ ସହିତ ବାହାରିବା ଦେଖି ପରିବାର ଲୋକେ କୁତ୍ରା ଥାନାକୁ ଆସି ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷେ ପୁଲିସ ତାଙ୍କ କାର୍‌ଟିକୁ ରାଜଗାଙ୍ଗପୁର ଥାନା ଅଞ୍ଚଳରୁ ଜବତ କରିଛି। ପରିବାରବର୍ଗ ତାଙ୍କୁ ହତ୍ୟା କରାଯାଇଥିବା ସଂଦେହ କରୁଛନ୍ତି। ପୁଲିସର ଅଧିକ ତଦନ୍ତ ପରେ ଏହା ହତ୍ୟା ନା ଦୁର୍ଘଣାଜନିତ ତାହା ସ୍ପଷ୍ଟ ହେବ। ପ୍ରକାଶ ଥାଉକି ଗତ ଶୁକ୍ରବାର ରାତିରେ ବିଜୁ ଏକ୍ସପ୍ରେସ ୱେ'ରୁ ଗମ୍ଭାରଡିହିକୁ ଯାଇଥିବା ରାସ୍ତା ଉପରେ ଜଣେ ବ୍ୟକ୍ତି ପଡ଼ିଥିବା ନେଇ ପୁଲିସ ସୂଚନା ପାଇବା ପରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜେଲ୍ କର୍ତ୍ତୃପକ୍ଷଙ୍କୁ ସ୍ୱାଇଡର ଡର: ସେଲ୍‌ରେ କଡ଼ା ପହରା, ପାଚେରି ଚଢ଼ି ଜେଲ୍‌ରୁ ଚମ୍ପଟ ମାରିପାରେ

ଭୁବନେଶ୍ୱର: ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଘରୁ ଚୋରି କରି ଗିରଫ ହୋଇଥିବା ଆନ୍ଧ୍ରପ୍ରଦେଶର କୁଖ୍ୟାତ ସ୍ୱାଇଡର ସତୀଶ ପାଇଁ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ତା' ନାଁରେ ପାଚେରି ଚଢ଼ି ଜେଲ୍‌ରୁ ଫେରାର ହୋଇଯିବାର ରେକର୍ଡ ରହିଛି। ତେଣୁ ଧୁରନ୍ଧର ସତୀଶ ଏଠାରେ ବି ସେମିତି କିଛି କାଣ୍ଡ କରି ବସିବ ବୋଲି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷଙ୍କୁ ଭୟ ଘାରିଛି। ତେଣୁ ତାକୁ ହାଇ ସିକ୍ୟୁରିଟି ସେଲ୍‌ରେ ରଖାଯାଇଛି ଏବଂ ସେଲ୍ ନିକଟରେ ୨୪ ଘଣ୍ଟିଆ କଡ଼ା ପହରା ଦିଆଯାଉଛି। ଏଥିପାଇଁ ୨ ଜଣ ଜେଲ୍ ୱାର୍ଡରଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। କେରଳ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ତେଲେଙ୍ଗାନା ପୁଲିସକୁ ବହୁତ ଥର ସତୀଶ ହରଡ଼ଘଣାରେ ପକାଇଥିବା ଉଦାହରଣ ରହିଛି। କେବଳ କୋଟିପତିଙ୍କ ଘରକୁ ଟାର୍ଗେଟ୍ କରୁଥିବା ସତୀଶ ମଉକା ଉଣ୍ଡି ରାଜନେତା ଓ ବଡ଼ବଡ଼ ବ୍ୟବସାୟୀଙ୍କ ଘରେ ପଶୁଥିଲା। ଯେଉଁଠି ହାତ ବୁଲାଉଥିଲା, କୋଟିକୋଟି ଟଙ୍କାର ଗହଣା ଓ ନଗଦ ଆକାରରେ ଲକ୍ଷାଧିକ ଟଙ୍କା ଲୁଟି ଛୁ' ମାରୁଥିଲା। ତେଣୁ ସ୍ୱାଭାବିକ ଭାବେ ପୁଲିସ ଉପରେ ଚାପ ବଢୁଥିଲା। ସେଥିପାଇଁ ୪ ରାଜ୍ୟର ପୁଲିସ ସତୀଶର ଗତିବିଧି ଉପରେ ନଜର ରଖୁଥିଲେ। ଏକଦା ସେ ତାମିଲନାଡୁର ଏକ ଜେଲ୍‌ରୁ ଫେରାର ହୋଇଯାଇଥିଲା। ହଲିଉଡ୍ ଚଳଚ୍ଚିତ୍ରର ସ୍ୱାଇଡରମ୍ୟାନ୍ ଭଳି ସତୀଶ ଜେଲ୍‌ର ସୁଉଚ୍ଚ ପାଚେରି ଚଢ଼ି ପାର ହୋଇଯାଇଥିଲା। ବହୁତଳ କୋଠାର କାନ୍ଥ ଚଢ଼ି ଲୁଟ୍ କରିପାରୁଥିବା ସତୀଶ ସେଥର ଜେଲ୍ ପାଚେରିରେ ଚଢ଼ି ପଳାଇଥିଲା। ତେଣୁ ସେବେଠୁ ପୁଲିସ ତାକୁ ସ୍ୱାଇଡର ସତୀଶ ବୋଲି କହୁଥିଲା। କମିସନରେଟ୍ ପୁଲିସ ତା'ର ଏହି ରେକର୍ଡ ଜାଣିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେଣୁ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତୀଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଝାରପଡ଼ା ଜେଲ୍ ଭିତରେ ରହୁଥିବା ୧୨ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ପାଇଁ ଏକ ସ୍ୱତନ୍ତ୍ର



ହାଇସିକ୍ୟୁରିଟି ୱାର୍ଡ ରହିଛି। ସେହି ୱାର୍ଡର ୧୯ ନମ୍ବର ସେଲ୍‌ରେ ସ୍ୱାଇଡର ସତୀଶକୁ ଏକୁଟିଆ ରଖାଯାଇଛି। ତା'ର ଗତିବିଧି ଉପରେ ସିସିଟିଭି ନଜର ରହିଛି। ଦୁଇ ଜଣ ୱାର୍ଡର ୨୪ ଘଣ୍ଟା ପହରା ଦେଉଛନ୍ତି। ଜେଲ୍ ଲକ୍‌ଅପ୍‌ରୁ ଖାଇବାକୁ ବାହାରିବା ବେଳେ ସେ କାହା ସହ ମିଶୁଛି, କ'ଣ କଥା ହେଉଛି, ସେସବୁ ଉପରେ କଡ଼ା ନଜର ରଖାଯାଇଛି। ଜେଲ୍ ଅଧୀକ୍ଷକଙ୍କ କହିବାନୁସାରେ ସ୍ୱାଇଡର ସତୀଶର ସମସ୍ତ ରେକର୍ଡ ସଂଗ୍ରହ କରାଯାଇଛି। ଏହି ଜେଲ୍ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ। କାରଣ ସେ ପ୍ରଥମ ଥର ପାଇଁ ଏଠାକୁ ଆସିଛି। ତେଣୁ ଜେଲ୍‌ର ପରିସୀମା ଓ ଆୟତନ ଉପରେ ତା'ର ସେତେଟା ଧାରଣା ନଥିବ ବୋଲି ଆଶା କରାଯାଉଛି। ତେଣୁ ସାଧାରଣ ୱାର୍ଡରେ ରହିଲେ, ସେ ଜେଲ୍ ବାବଦରେ ତଥ୍ୟ ପାଇଯିବ ଏବଂ ଏଠାରୁ ଫେରାର ହେବାକୁ ଯୋଜନା କରିବ। କିନ୍ତୁ ତାକୁ ସେ ସୁଯୋଗ ଦିଆଯିବ ନାହିଁ।

ସୂଚନାଯୋଗ୍ୟ ଯେ ସିଙ୍ଗାପୁରରୁ ଫେରିବା ପରେ ସତୀଶ ଏକ ଲୁଟେରା ଗ୍ୟାଙ୍ଗ୍‌ରେ କାମ କରୁଥିଲା। ମାତ୍ର ବାରମ୍ବାର ଗିରଫ ହେବା ପରେ ଜାଣିଲା ଯେ ଗ୍ୟାଙ୍ଗ୍ ଯୋଗୁ ପୁଲିସ ତାକୁ ସହଜରେ ଧରିପାରୁଛି। ତେଣୁ ସେ ଯୋଜନା ବଦଳାଇଲା ଏବଂ ଚତୁରତାର ସହ ପୁଲିସର ସହଯୋଗୀ ସାଜିଲା। ତା' ଉପରୁ ପୁଲିସ ନଜର ହଟିବା ସୁଯୋଗରେ ସେ ଏକାକୀ ଚୋରି କଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସେ ପାଖାପାଖି ୭୦ରୁ ଅଧିକ ଚୋରି କରିଛି ଏବଂ ୧୨ ଥର ଗିରଫ ହୋଇଛି। କମିସନରେଟ୍ ପୁଲିସ ହିସାବରେ ସେ ଓଡ଼ିଶାରୁ ୨ଥର ଚୋରି କରିଛି। ୨୦୨୩ ମସିହାରେ ସେ ନୂଆପଲ୍ଲୀ ଆଇଆରସି ଭିଲେଜ୍‌ସ୍ଥିତ ଏଆରଏସ୍‌ଏସ୍ ମାଲିକଙ୍କ ଘରେ କଳାକନା ବୁଲାଇଥିଲା। ତାକୁ ରିମାଣ୍ଡ୍‌ରେ ଆଣିବା ପରେ ସେ ଓଡ଼ିଶାର ଆଉ କେଉଁଠି ହାତ ମାରିଛି କି ନା, ଜଣାପଡ଼ିବ।


# ସହଦେବ ନାୟକଙ୍କୁ ହତ୍ୟା ଘଟଣା: ବନ୍ଧା ହେଲା ମୁଖ୍ୟ ଅଭିଯୁକ୍ତ ରମା ନାୟକ

ଭୁବନେଶ୍ୱର: ମୁନିସିପାଲିଟି ସଫେଇ ମଜଦୁର ସଂଘର ସମ୍ପାଦକ ସହଦେବ ନାୟକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରମା ନାୟକଙ୍କୁ ପୁଲିସ ଗିରଫ କରିଛି। ହତ୍ୟାକାଣ୍ଡର ୪୦ ଦିନ ପରେ ଖୋର୍ଦ୍ଧାରୁ ତାଙ୍କୁ ମଞ୍ଚେଶ୍ୱର ଥାନା ପୁଲିସ ଗିରଫ କରିଥିବାର ସୂଚନା ମିଳିଛି। ଗତ ଜାନୁଆରୀ ୮ ତାରିଖରେ ସଫେଇ କର୍ମଚାରୀ ସହଦ୍ୱେ ନାୟକଙ୍କ ମୃତ୍ୟୁ ହୋଇଥିଲା। ରସୁଲଗଡ଼ ଓଭରବ୍ରିଜ ଉପରେ ସହଦେବଙ୍କ ମୁଣ୍ଡ ଗଣ୍ଡି ଅଲଗା କରିଦେଇଥିଲେ ଦୁର୍ବୃତ୍ତ। ପୁଲିସ ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିସାରିଛି। ଏଣେ ସହଦେବଙ୍କ ପତ୍ନୀ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଧାରଣାରେ ବସିଥିଲେ। ମୁଖ୍ୟ ଅଭିଯୁକ୍ତ ଗିରଫ ନହେଲେ ବିଧାନସଭା ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ହତ୍ୟା ଘଟଣାକୁ ଗୋଟିଏ ମାସ ପୂରଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ପରିବାରକୁ ଉଚିତ୍ ନ୍ୟାୟ ମିଳି ନଥିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ହତ୍ୟାର ମାଷ୍ଟର ମାଇଣ୍ଡ ଏବେ ବି ବାହାରେ ବୁଲୁଛି। ପରିବାରକୁ ୩୦ ଲକ୍ଷ ଅନୁକମ୍ପା ରାଶି ଦେବ କହି ବିଏମ୍ସି ଭଣ୍ଡାଉଛି। ଏହାକୁ ନେଇ ତାତିଥିଲା ମୁନିସିପାଲିଟି ସଫେଇ ମଜଦୁର ସଂଘ। ବିଏମ୍ସି ଅଫିସ୍ ଆଗରେ ବିକ୍ଷୋଭ କରିବା ସହ ବିଏମ୍ସିର ସମସ୍ତ ଫାଟକକୁ ତାଲା ପକାଇ ଆନ୍ଦୋଳନ କରିଥିଲେ। ଶେଷରେ ସଂଘର କର୍ମକର୍ତ୍ତା ଓ ବିଏମ୍ସି ଅଧିକାରୀଙ୍କ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୮ ତାରିଖରେ ସଫେଇ କର୍ମଚାରୀ ସହଦ୍ୱେ ନାୟକଙ୍କ ମୃତ୍ୟୁ ହୋଇଥିଲା।

# ଲ୍ୟାମ୍ପସ୍‌ରେ ଜମାଟଙ୍କା ଆତ୍ମସାତ୍ ମାମଲା: ହିସାବରକ୍ଷକଙ୍କୁ ୩ ବର୍ଷ ଜେଲ୍

ରାଉରକେଲା: ନୂଆଗାଁ ଲ୍ୟାମ୍ପସ୍‌ରେ ଜମା ଟଙ୍କା ଆତ୍ମସାତ୍ ମାମଲାର ରାୟ ପ୍ରକାଶ ପାଇଛି। ରାଉରକେଲା ଏସିଜେଏମ୍ ଗୀତାଞ୍ଜଳି ନନ୍ଦ ମାମଲାର ଶୁଣାଣୀ କରି ଅଭିଯୁକ୍ତ ହିସାବରକ୍ଷକ ଶୁକଦେବ ଓରାମଙ୍କୁ ୩ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ୩୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ ଓ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତିପ୍ରମାଣ ଆଧାରରେ ବିଚାରପତି ଏହି ରାୟ ଶୁଣାଇଛନ୍ତି। ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ପୂର୍ବତନ ହିସାବରକ୍ଷକ ଜକ୍‌ତୁ ସିଂହ ଓ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଖେଳବନ୍ତ ସାହୁଙ୍କର କୋର୍ଟରେ ମାମଲା ଚାଲିଥିବାବେଳେ ମୃତ୍ୟୁ ହୋଇଯାଇଥିଲା।

ସହକାରୀ ପିପି ନିରଞ୍ଜନ ମହାନ୍ତ ଓ ସନ୍ତୋଷ ନାୟକ ମାମଲା



ପରିଚାଳନା କରୁଥିଲେ। ନୂଆଗାଁ ଲ୍ୟାମ୍ପସ୍‌ରେ ଜକ୍‌ତୁ ସିଂହ ହିସାବରକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଜମା କରି ଆସୁଥିବା ଚାଷୀଙ୍କ ଟଙ୍କା ଜମାଖାତାରେ ଲେଖାଯାଉଥିଲା। କିନ୍ତୁ ହିସାବରକ୍ଷକ ତାଙ୍କ ଆକାଉଣ୍ଟରେ ଜମା କରୁନଥିଲେ। ଆକାଉଣ୍ଟରେ ଟଙ୍କା ନଥିବା ଜାଣିବା ପରେ ଚାଷୀମାନେ ଲ୍ୟାମ୍ପସ୍‌ରେ ଅଭିଯୋଗ କରିଥିଲେ।

ଅଭିଯୋଗ ପରେ ଲ୍ୟାମ୍ପସର ହିସାବରକ୍ଷକ ଜକ୍‌ତୁ ସିଂହ ନିଜ ପଦବୀ ଛାଡି ଦେଇଥିଲେ। ତାଙ୍କ ସ୍ଥାନରେ ଯୋଗଦେଇଥିଲେ ଶୁକଦେବ ଓରାମ। ତିନି ଅଧିକାରୀ ମିଶି ମୋଟ ୪ ଲକ୍ଷ ୩୫ ହଜାର ୭୫୩ ଟଙ୍କା ଆତ୍ମସାତ୍ କରି ଦେଇଥିଲେ। ଏ ସଂକ୍ରାନ୍ତରେ ଲ୍ୟାମ୍ପସ୍‌ର ଅଧିକାରୀ ବାସୁଦେବ ଧନୱାର ଗତ ୧୨.୦୮.୨୦୦୦ରେ ନୂଆଗାଁ ଫାଣ୍ଡିରେ ହିସାବରକ୍ଷକ ଜକ୍‌ତୁ ସିଂହ, ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଖେଳବନ୍ତ ସାହୁ ଓ ଶୁକଦେବ ଓରାମଙ୍କ ନାଁରେ ଲିଖିତ ଏତଲା ଦେଇଥିଲେ।

ମାମଲା ହାତୀବାରି ଥାନାକୁ ସ୍ଥାନାନ୍ତର ହୋଇଥିଲା। କୋର୍ଟ ମାମଲାରେ ମାମଲା ବିଚାଧୀନ ଥିବାବେଳେ ପ୍ରଥମେ ଜକ୍‌ତୁ ସିଂହ ଓ ପରେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଖେଳବନ୍ତ ସାହୁଙ୍କର ମୃତ୍ୟୁ ହୋଇଯାଇଥିଲା। ହିସାବରକ୍ଷକ ଶୁକେଦବ ଓରାମଙ୍କୁ କୋର୍ଟରେ ହାଜର ହେବାକୁ ବାରମ୍ବାର ନୋଟିସ୍ ହୋଇଥିଲା। ହେଲେ ସେ ଚାରିବର୍ଷ ଧରି କୋର୍ଟରେ ହାଜର ନ ହେବାରୁ ତାଙ୍କ ନାଁରେ ଜାମିନବିହୀନ ଗିରଫପରୱାନା ଜାରି କରାଯାଇଥିଲା।

ଭାରତୀୟ ଜନଜାତିଙ୍କୁ ଜଳବାୟୁ ପରିବର୍ତ୍ତନ ବିପଦ

# ବାତ୍ୟା, ମରୁଡ଼ି ଓ ବିସ୍ଥାପନ ଭୋଗୁଛନ୍ତି ଆଦିମ ସମ୍ପ୍ରଦାୟ



ପିମ୍ପୁଡ଼ିମାନେ ଯଦି ସେମାନଙ୍କ ବସା ପାଖରେ ହୁଙ୍କା ଗଢ଼ନ୍ତି, ଆମ ପାଇଁ ତାହାର ଅର୍ଥ କିଛି ନଥାଏ। ମାତ୍ର ନୀଳଗିରି ପାହାଡ଼ର ତୋହବା ସମ୍ପ୍ରଦାୟ ସେଥିରୁ ଆସନ୍ନ ବର୍ଷାର ସୂଚନା ପାଇଥା'ନ୍ତି। ସେହିପରି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜର୍ୱା ଜନଜାତି ମାଛମାନଙ୍କର ଗତିବିଧିକୁ ନିରୀକ୍ଷଣ କରି ବାତ୍ୟାର ଭୟାବହତା ପୂର୍ବାନୁମାନ କରିପାରନ୍ତି। ଏଭଳି ଗଭୀର ପ୍ରାକୃତିକ ସମ୍ପର୍କ ହିଁ ଅଧିକାଂଶ ଆଦିମ ଅଧିବାସୀଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେବାରେ ସାହାଯ୍ୟ କରିଥାଏ। ପ୍ରକୃତି ସହ ନିବିଡ଼ତା ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ଜନିତ ଚରମ ପ୍ରତିକୂଳ ପାଗର ବିପଦ ସମ୍ମୁଖରେ ମଧ୍ୟ ଛିଡ଼ା କରାଇଛି।

ଇଣ୍ଡିଜେନସ୍‌ୱାର୍ଲ୍ଡ-୨୦୨୩ର ରିପୋର୍ଟ ଅନୁଯାୟୀ, ଭାରତରେ ୧୦.୪ କୋଟି ଆଦିମ ଅଧିବାସୀ ଅଛନ୍ତି, ଯାହା ଦେଶର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ। ସେମାନଙ୍କୁ ଏବେ ବନ୍ୟା, ଅପ୍ରତ୍ୟାଶିତ ବର୍ଷା, ବର୍ଦ୍ଧିତ ତାପମାତ୍ରା ଓ ଜଙ୍ଗଲହାନି ଆଦି ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ଯୁଗ ଯୁଗ ଧରି ଜନଜାତି ସମ୍ପ୍ରଦାୟ ନିଜର ଜୀବନଧାରଣ ଓ ସାଂସ୍କୃତିକ ପ୍ରଥାର ପାଳନ ନିମନ୍ତେ ବନ୍ୟ ସମ୍ବଳ ଉପରେ ନିର୍ଭର କରି ଆସୁଛନ୍ତି। ମାତ୍ର ଜଙ୍ଗଲହାନି ସାଙ୍ଗକୁ ବିସ୍ତୃତ ଜମି ନଷ୍ଟ ସେମାନଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ଲୋବାଲ ଫରେଷ୍ଟୱାଚ୍‌ର ଏକ ରିପୋର୍ଟ ଅନୁଯାୟୀ, ୨୦୦୨ରୁ ୨୦୨୩ ଭିତରେ ଭାରତର ୪,୧୪,୦୦୦ ହେକ୍ଟର ଆର୍ଦ୍ର ଜଙ୍ଗଲ ନଷ୍ଟ ହୋଇଯାଇଛି। ତେବେ ଜନଜାତିଙ୍କ ସହ ଆଲୋଚନା ବିନା ଜଙ୍ଗଲ କଟା ବଢ଼ି ଚାଲିଥିବାରୁ ସେମାନେ ବିସ୍ଥାପିତ ହେବା ସହ ସେମାନଙ୍କର ପାରମ୍ପରିକ ପ୍ରଥାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବନ୍ୟା, ମରୁଡ଼ି ଓ ବାତ୍ୟା ଯୋଗୁଁ ସେମାନେ ବିସ୍ଥାପିତ ହେବାକୁ ବାଧ୍ୟ ହୋଇଥିବା ବେଳେ ସେମାନଙ୍କୁ ଖାଦ୍ୟ ଅସୁରକ୍ଷା ଓ ଭକ୍ଷଣ ଅଭ୍ୟାସରେ ପରିବର୍ତ୍ତନ ପରି ଦୁଇଟି ସଂକଟଜନକ ପରିଣତି ଭୋଗିବାକୁ ପଡୁଛି। ନଦୀ ମାଛ, ସ୍ଥାନୀୟ ଶସ୍ୟବୀଜ ଓ ଜଙ୍ଗଲ ଉତ୍ପାଦ ପରି ପାରମ୍ପରିକ ଖାଦ୍ୟ ଉତ୍ସରେ ହ୍ରାସ ହେତୁ ବଜାରରେ ଉପଲବ୍ଧ ଖାଦ୍ୟ ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି, ଯେଉଁଥିରେ ପୋଷକତତ୍ତ୍ୱ କମ୍ ରହୁଛି। ତେଣୁ ସେମାନେ ରୋଗରେ ଶୀଘ୍ର ଶିକାର ହେବା ସହ ତାଙ୍କ ଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି।

ପର୍ଯ୍ୟାବରଣ ପ୍ରଣାଳୀର ପରିଚାଳନାରେ ଆଦିମ ସମ୍ପ୍ରଦାୟମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥା'ନ୍ତି, ଯାହା ପ୍ରାକୃତିକ ସମ୍ବଳ ଓ ଜୈବବିବିଧତାକୁ ସଂରକ୍ଷିତ ରଖିଥାଏ। ମେଘାଳୟର ଖାସି ସମ୍ପ୍ରଦାୟ ବାଡ଼ିରେ ବଗିଚା କରି ଖାଦ୍ୟ ପାଇଁ ବନ୍ୟ ସମ୍ବଳକୁ ବଢ଼ାଇଥା'ନ୍ତି। ବିଷ୍ଣୋଇ ସମ୍ପ୍ରଦାୟ ବନ୍ୟଜନ୍ତୁ ସୁରକ୍ଷା ସମେତ ଜଳ ବଞ୍ଚାଇବା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥା'ନ୍ତି। ହିମାଚଳ ପ୍ରଦେଶର ଲାହୌଲ ସମ୍ପ୍ରଦାୟ ଥଣ୍ଡା ମରୁଭୂମିରେ ବରଫ ଜଳ ସଂଗ୍ରହ କରି ଶୀତଦିନେ କୃଷି ବଜାୟ ରଖିଥା'ନ୍ତି। ସେହିପରି ପୂର୍ବଘାଟ ପର୍ବତମାଳାର ଡଙ୍ଗରିଆ କନ୍ଧମାନେ ଜୈବଚାଷ ମାଧ୍ୟମରେ ଶୁଷ୍କ ପରିବେଶରେ ମଧ୍ୟ ବିଭିନ୍ନ ଫସଲ ଅମଳ କରିଥା'ନ୍ତି। ପଶ୍ଚିମ-ଘାଟର ଇଲୁରାର ସମ୍ପ୍ରଦାୟ ପ୍ରାକୃତିକ କୀଟ ପରିଚାଳନା ଦ୍ୱାରା ବିହନ ସଂରକ୍ଷଣ କରି ରଖିଥା'ନ୍ତି। ଏହି ଆଦିମ ଅଧିବାସୀମାନଙ୍କର ଦୃଢ଼ ସାମାଜିକ ସଂରଚନା ରହିଛି ଯାହା ସଂକଟ ବେଳେ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଦିନକୁ ଦିନ ଖାଦ୍ୟାଭାବ, ଜୈବବିବିଧତାରେ ହ୍ରାସ ଓ ବିସ୍ଥାପନ ଆଦି ସମସ୍ୟା ବଢ଼ିଚାଲିଥିବା ବେଳେ ଏହି ଜନଜାତି ସମ୍ପ୍ରଦାୟମାନଙ୍କର ଶତାବ୍ଦୀ ଶତାବ୍ଦୀର ପ୍ରାଚୀନ ଜ୍ଞାନ ପ୍ରଣାଳୀ ହିଁ ନମନୀୟତା ଓ ଜଳବାୟୁ ସହ ଖାପ ଖୁଆଇବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବ। ତେଣୁ ଜଳବାୟୁ ସମ୍ପର୍କିତ ଯୋଜନା ପ୍ରଣୟନରେ ସେମାନଙ୍କର ଆଭିମୁଖ୍ୟକୁ ଅନ୍ତର୍ଭୁକ୍ତ କରିବା ସହ ସ୍ଥାନୀୟ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ। ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଉଦ୍ଭୂତ ଉପାୟ ସହ ପ୍ରାଚୀନ ଆଦିବାସୀ ପ୍ରଥାଗୁଡ଼ିକୁ ସାମିଲ କଲେ ଏକ ଦୀର୍ଘସୂତ୍ରୀ ସମାଧାନ ବାଟ ଖୋଲିପାରିବ, ଯାହା ଉଭୟ ଜନଜାତି ସମ୍ପ୍ରଦାୟ ଓ ସାଧାରଣ ଲୋକଙ୍କର ହିତ ସାଧନ କରିବ।

ଭାରତୀୟ ଜନଜାତିଙ୍କୁ ଜଳବାୟୁ ପରିବର୍ତ୍ତନ ବିପଦ: ବାତ୍ୟା, ମରୁଡ଼ି ଓ ବିସ୍ଥାପନ ଭୋଗୁଛନ୍ତି ଆଦିମ ସମ୍ପ୍ରଦାୟ

ପିମ୍ପୁଡ଼ିମାନେ ଯଦି ସେମାନଙ୍କ ବସା ପାଖରେ ହୁଙ୍କା ଗଢ଼ନ୍ତି, ଆମ ପାଇଁ ତାହାର ଅର୍ଥ କିଛି ନଥାଏ। ମାତ୍ର ନୀଳଗିରି ପାହାଡ଼ର ତୋହବା ସମ୍ପ୍ରଦାୟ ସେଥିରୁ ଆସନ୍ନ ବର୍ଷାର ସୂଚନା ପାଇଥା'ନ୍ତି। ସେହିପରି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜର୍ୱା ଜନଜାତି ମାଛମାନଙ୍କର ଗତିବିଧିକୁ ନିରୀକ୍ଷଣ କରି ବାତ୍ୟାର ଭୟାବହତା ପୂର୍ବାନୁମାନ କରିପାରନ୍ତି। ଏଭଳି ଗଭୀର ପ୍ରାକୃତିକ ସମ୍ପର୍କ ହିଁ ଅଧିକାଂଶ ଆଦିମ ଅଧିବାସୀଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେବାରେ ସାହାଯ୍ୟ କରିଥାଏ। ପ୍ରକୃତି ସହ ନିବିଡ଼ତା ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ଜନିତ ଚରମ ପ୍ରତିକୂଳ ପାଗର ବିପଦ ସମ୍ମୁଖରେ ମଧ୍ୟ ଛିଡ଼ା କରାଇଛି।

ଇଣ୍ଡିଜେନସ୍‌ୱାର୍ଲ୍ଡ-୨୦୨୩ର ରିପୋର୍ଟ ଅନୁଯାୟୀ, ଭାରତରେ ୧୦.୪ କୋଟି ଆଦିମ ଅଧିବାସୀ ଅଛନ୍ତି, ଯାହା ଦେଶର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ। ସେମାନଙ୍କୁ ଏବେ ବନ୍ୟା, ଅପ୍ରତ୍ୟାଶିତ ବର୍ଷା, ବର୍ଦ୍ଧିତ ତାପମାତ୍ରା ଓ ଜଙ୍ଗଲହାନି ଆଦି ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ଯୁଗ ଯୁଗ ଧରି ଜନଜାତି ସମ୍ପ୍ରଦାୟ ନିଜର ଜୀବନଧାରଣ ଓ ସାଂସ୍କୃତିକ ପ୍ରଥାର ପାଳନ ନିମନ୍ତେ ବନ୍ୟ ସମ୍ବଳ ଉପରେ ନିର୍ଭର କରି ଆସୁଛନ୍ତି। ମାତ୍ର ଜଙ୍ଗଲହାନି ସାଙ୍ଗକୁ ବିସ୍ତୃତ ଜମି ନଷ୍ଟ ସେମାନଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ଲୋବାଲ ଫରେଷ୍ଟୱାଚ୍‌ର ଏକ ରିପୋର୍ଟ ଅନୁଯାୟୀ, ୨୦୦୨ରୁ ୨୦୨୩ ଭିତରେ ଭାରତର ୪,୧୪,୦୦୦ ହେକ୍ଟର ଆର୍ଦ୍ର ଜଙ୍ଗଲ ନଷ୍ଟ ହୋଇଯାଇଛି। ତେବେ ଜନଜାତିଙ୍କ ସହ ଆଲୋଚନା ବିନା ଜଙ୍ଗଲ କଟା ବଢ଼ି ଚାଲିଥିବାରୁ ସେମାନେ ବିସ୍ଥାପିତ ହେବା ସହ ସେମାନଙ୍କର ପାରମ୍ପରିକ ପ୍ରଥାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବନ୍ୟା, ମରୁଡ଼ି ଓ ବାତ୍ୟା ଯୋଗୁଁ ସେମାନେ ବିସ୍ଥାପିତ ହେବାକୁ ବାଧ୍ୟ ହୋଇଥିବା ବେଳେ ସେମାନଙ୍କୁ ଖାଦ୍ୟ ଅସୁରକ୍ଷା ଓ ଭକ୍ଷଣ ଅଭ୍ୟାସରେ ପରିବର୍ତ୍ତନ ପରି ଦୁଇଟି ସଂକଟଜନକ ପରିଣତି ଭୋଗିବାକୁ ପଡୁଛି। ନଦୀ ମାଛ, ସ୍ଥାନୀୟ ଶସ୍ୟବୀଜ ଓ ଜଙ୍ଗଲ ଉତ୍ପାଦ ପରି ପାରମ୍ପରିକ ଖାଦ୍ୟ ଉତ୍ସରେ ହ୍ରାସ ହେତୁ ବଜାରରେ ଉପଲବ୍ଧ ଖାଦ୍ୟ ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି, ଯେଉଁଥିରେ ପୋଷକତତ୍ତ୍ୱ କମ୍ ରହୁଛି। ତେଣୁ ସେମାନେ ରୋଗରେ ଶୀଘ୍ର ଶିକାର ହେବା ସହ ତାଙ୍କ ଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି।

ପର୍ଯ୍ୟାବରଣ ପ୍ରଣାଳୀର ପରିଚାଳନାରେ ଆଦିମ ସମ୍ପ୍ରଦାୟମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥା'ନ୍ତି, ଯାହା ପ୍ରାକୃତିକ ସମ୍ବଳ ଓ ଜୈବବିବିଧତାକୁ ସଂରକ୍ଷିତ ରଖିଥାଏ। ମେଘାଳୟର ଖାସି ସମ୍ପ୍ରଦାୟ ବାଡ଼ିରେ ବଗିଚା କରି ଖାଦ୍ୟ ପାଇଁ ବନ୍ୟ ସମ୍ବଳକୁ ବଢ଼ାଇଥା'ନ୍ତି। ବିଷ୍ଣୋଇ ସମ୍ପ୍ରଦାୟ ବନ୍ୟଜନ୍ତୁ ସୁରକ୍ଷା ସମେତ ଜଳ ବଞ୍ଚାଇବା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଥା'ନ୍ତି। ହିମାଚଳ ପ୍ରଦେଶର ଲାହୌଲ ସମ୍ପ୍ରଦାୟ ଥଣ୍ଡା ମରୁଭୂମିରେ ବରଫ ଜଳ ସଂଗ୍ରହ କରି ଶୀତଦିନେ କୃଷି ବଜାୟ ରଖିଥା'ନ୍ତି। ସେହିପରି ପୂର୍ବଘାଟ ପର୍ବତମାଳାର ଡଙ୍ଗରିଆ କନ୍ଧମାନେ ଜୈବଚାଷ ମାଧ୍ୟମରେ ଶୁଷ୍କ ପରିବେଶରେ ମଧ୍ୟ ବିଭିନ୍ନ ଫସଲ ଅମଳ କରିଥା'ନ୍ତି। ପଶ୍ଚିମ-ଘାଟର ଇଲୁରାର ସମ୍ପ୍ରଦାୟ ପ୍ରାକୃତିକ କୀଟ ପରିଚାଳନା ଦ୍ୱାରା ବିହନ ସଂରକ୍ଷଣ କରି ରଖିଥା'ନ୍ତି। ଏହି ଆଦିମ ଅଧିବାସୀମାନଙ୍କର ଦୃଢ଼ ସାମାଜିକ ସଂରଚନା ରହିଛି ଯାହା ସଂକଟ ବେଳେ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଦିନକୁ ଦିନ ଖାଦ୍ୟାଭାବ, ଜୈବବିବିଧତାରେ ହ୍ରାସ ଓ ବିସ୍ଥାପନ ଆଦି ସମସ୍ୟା ବଢ଼ିଚାଲିଥିବା ବେଳେ ଏହି ଜନଜାତି ସମ୍ପ୍ରଦାୟମାନଙ୍କର ଶତାବ୍ଦୀ ଶତାବ୍ଦୀର ପ୍ରାଚୀନ ଜ୍ଞାନ ପ୍ରଣାଳୀ ହିଁ ନମନୀୟତା ଓ ଜଳବାୟୁ ସହ ଖାପ ଖୁଆଇବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବ। ତେଣୁ ଜଳବାୟୁ ସମ୍ପର୍କିତ ଯୋଜନା ପ୍ରଣୟନରେ ସେମାନଙ୍କର ଆଭିମୁଖ୍ୟକୁ ଅନ୍ତର୍ଭୁକ୍ତ କରିବା ସହ ସ୍ଥାନୀୟ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ। ଆଧୁନିକ ଜ୍ଞାନକୌଶଳ ଦ୍ୱାରା ଉଦ୍ଭୂତ ଉପାୟ ସହ ପ୍ରାଚୀନ ଆଦିବାସୀ ପ୍ରଥାଗୁଡ଼ିକୁ ସାମିଲ କଲେ ଏକ ଦୀର୍ଘସୂତ୍ରୀ ସମାଧାନ ବାଟ ଖୋଲିପାରିବ, ଯାହା ଉଭୟ ଜନଜାତି ସମ୍ପ୍ରଦାୟ ଓ ସାଧାରଣ ଲୋକଙ୍କର ହିତ ସାଧନ କରିବ।

ଭାରତୀୟ ଜନଜାତିଙ୍କୁ ଜଳବାୟୁ ପରିବର୍ତ୍ତନ ବିପଦ: ବାତ୍ୟା, ମରୁଡ଼ି ଓ ବିସ୍ଥାପନ ଭୋଗୁଛନ୍ତି ଆଦିମ ସମ୍ପ୍ରଦାୟ

ପିମ୍ପୁଡ଼ିମାନେ ଯଦି ସେମାନଙ୍କ ବସା ପାଖରେ ହୁଙ୍କା ଗଢ଼ନ୍ତି, ଆମ ପାଇଁ ତାହାର ଅର୍ଥ କିଛି ନଥାଏ। ମାତ୍ର ନୀଳଗିରି ପାହାଡ଼ର ତୋହବା ସମ୍ପ୍ରଦାୟ ସେଥିରୁ ଆସନ୍ନ ବର୍ଷାର ସୂଚନା ପାଇଥା'ନ୍ତି। ସେହିପରି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜର୍ୱା ଜନଜାତି ମାଛମାନଙ୍କର ଗତିବିଧିକୁ ନିରୀକ୍ଷଣ କରି ବାତ୍ୟାର ଭୟାବହତା ପୂର୍ବାନୁମାନ କରିପାରନ୍ତି। ଏଭଳି ଗଭୀର ପ୍ରାକୃତିକ ସମ୍ପର୍କ ହିଁ ଅଧିକାଂଶ ଆଦିମ ଅଧିବାସୀଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେବାରେ ସାହାଯ୍ୟ କରିଥାଏ। ପ୍ରକୃତି ସହ ନିବିଡ଼ତା ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ଜନିତ ଚରମ ପ୍ରତିକୂଳ ପାଗର ବିପଦ ସମ୍ମୁଖରେ ମଧ୍ୟ ଛିଡ଼ା କରାଇଛି।

ଇଣ୍ଡିଜେନସ୍‌ୱାର୍ଲ୍ଡ-୨୦୨୩ର ରିପୋର୍ଟ ଅନୁଯାୟୀ, ଭାରତରେ ୧୦.୪ କୋଟି ଆଦିମ ଅଧିବାସୀ ଅଛନ୍ତି, ଯାହା ଦେଶର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ। ସେମାନଙ୍କୁ ଏବେ ବନ୍ୟା, ଅପ୍ରତ୍ୟାଶିତ ବର୍ଷା, ବର୍ଦ୍ଧିତ ତାପମାତ୍ରା ଓ ଜଙ୍ଗଲହାନି ଆଦି ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ଯୁଗ ଯୁଗ ଧରି ଜନଜାତି ସମ୍ପ୍ରଦାୟ ନିଜର ଜୀବନଧାରଣ ଓ ସାଂସ୍କୃତିକ ପ୍ରଥାର ପାଳନ ନିମନ୍ତେ ବନ୍ୟ ସମ୍ବଳ ଉପରେ ନିର୍ଭର କରି ଆସୁଛନ୍ତି। ମାତ୍ର ଜଙ୍ଗଲହାନି ସାଙ୍ଗକୁ ବିସ୍ତୃତ ଜମି ନଷ୍ଟ ସେମାନଙ୍କ ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ଲୋବାଲ ଫରେଷ୍ଟୱାଚ୍‌ର ଏକ ରିପୋର୍ଟ ଅନୁଯାୟୀ, ୨୦୦୨ରୁ ୨୦୨୩ ଭିତରେ ଭାରତର ୪,୧୪,୦୦୦ ହେକ୍ଟର ଆର୍ଦ୍ର ଜଙ୍ଗଲ ନଷ୍ଟ ହୋଇଯାଇଛି। ତେବେ ଜନଜାତିଙ୍କ ସହ ଆଲୋଚନା ବିନା ଜଙ୍ଗଲ କଟା ବଢ଼ି ଚାଲିଥିବାରୁ ସେମାନେ ବିସ୍ଥାପିତ ହେବା ସହ ସେମାନଙ୍କର ପାରମ୍ପରିକ ପ୍ରଥାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ବନ୍ୟା, ମରୁଡ଼ି ଓ ବାତ୍ୟା ଯୋଗୁଁ ସେମାନେ ବିସ୍ଥାପିତ ହେବାକୁ ବାଧ୍ୟ ହୋଇଥିବା ବେଳେ ସେମାନଙ୍କୁ ଖାଦ୍ୟ ଅସୁରକ୍ଷା ଓ ଭକ୍ଷଣ ଅଭ୍ୟାସରେ ପରିବର୍ତ୍ତନ ପରି ଦୁଇଟି ସଂକଟଜନକ ପରିଣତି ଭୋଗିବାକୁ ପଡୁଛି।



ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମର ଚିରନ୍ତନ ପରମ୍ପରାର ସଜୀବତାର ପ୍ରମାଣ।

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ

# କେବେ କାର୍ଯ୍ୟକ୍ଷମ ହେବ ଗୋବିନ୍ଦତୋଳା ଦ୍ୱିତୀୟ ବ୍ରିଜ, କେବେ ପ୍ରଶାସ୍ତ ହେବ ବ୍ରିଜର ଉଭୟ ପାର୍ଶ୍ୱର ରାସ୍ତା ?

## ଏତେବର୍ଷ ଯାଏ କାହିଁକି ନୀରବତା ଅବଲମ୍ବନ କରୁଛି ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଣ୍ଟ ବିଭାଗ ?



ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ ର ଘୋଷଣା ହେବାର ୧୨ ବର୍ଷ ବିତିଗଲାଣି ହେଲେ ଆଜି ଯାଏ ନିର୍ବାଚନ ନାହିଁ କି ନିର୍ବାଚିତ ପ୍ରତିନିଧି ବି ନାହିଁ। ମହାନଗର ନିଗମ ରେ ସ୍ୱଚ୍ଛନ୍ଦ ରେ ଚାଲିଛି ବାବୁ ରାଜ। ସରକାର ବଦଳି ଯାଇଛି ସତ,ହେଲେ ସେମାନଙ୍କର ଦୌରାତ୍ମ୍ୟ ଯେମିତି କୁ ସେମିତି ଥିଲା ଭଳିଆ ଅନୁଭବ ହେଉଛି ବୋଲି 'ସାଧନା' ର ସଭାପତି ସୂର୍ଯ୍ୟ ପାଣିଗ୍ରାହି ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛନ୍ତି।

ଗୋବିନ୍ଦତୋଳା ହରଡ଼ ଜୋର ଉପରେ ଦ୍ୱିତୀୟ ବ୍ରିଜ ନିର୍ମାଣ ହେବାର ୫ ବର୍ଷ ରୁ ଉର୍ଦ୍ଧ ବିତିଗ-ଲାଣି ହେଲେ ଆଜିଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। କେବଳ ସେତିକି ନୁହେଁ ନିର୍ମିତ ବ୍ରିଜ / ପୋଲ ର ଉଭୟ ପାର୍ଶ୍ୱ ର କୋଠା ଘର ଉପରେ ବାରମ୍ବାର ସମ୍ବଲପୁର ମହାନଗର ନିଗମ ର ଏନଫ୍ରୋର୍ସମେଣ୍ଟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଉଛି ସତ ହେଲେ ଆଜିଯାଏ ଠୋସ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିନାହିଁ। ଏମିତି ଲାଗୁଛି ବିଭାଗୀୟ ଅଧିକାରୀ ଙ୍କର ବାହାରେ ଦିଶୁଛି କିଛି ଓ ଆଉ ଭିତରେ ଚିଲିଛି କିଛି , ତା ହୋଇନଥିଲେ ଏତେ ବର୍ଷ ହେଲା ଜେଲ ଛକ ରୁ ଗୋବିନ୍ଦତୋଳା ଛକ ଯାଏ ବାରମ୍ବାର କୋଠା ଗୁଡିକରେ ଭିନ୍ନ ଭିନ୍ନ ସ୍ଥାନରେ ଚିହ୍ନଟ କରିବାର ମାନେ କଣ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି। ଏହି ଦ୍ୱିତୀୟ ବ୍ରିଜ/ ପୋଲ ର ଉଭୟ ପାର୍ଶ୍ୱ ର ରାସ୍ତା କୁ ସଳଖ ନକଲେ ସାଙ୍ଘାତିକ ମୋଟର ଦୁର୍ଘଟଣା ଘଟିବା ସୁନିଶ୍ଚିତ। ତଥାପି ଆଜିଯାଏ ମହାନଗର ନିଗମ ର ଏନଫ୍ରୋର୍ସମେଣ୍ଟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବାରମ୍ବାର ୪/୫ ଥର ହେଲା କେବଳ ଚିହ୍ନଟ କରିଥିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ସାଧନା ର ସଭାପତି ଶ୍ରୀ ପାଣିଗ୍ରାହୀ ଉଦବେଗ ପ୍ରକାଶ କରିଛନ୍ତି। ଶ୍ରୀ ପାଣିଗ୍ରାହୀ ଏହା ମଧ୍ୟ କହିଛନ୍ତି ଯେ, କେବଳ ଦ୍ୱିତୀୟ ବ୍ରିଜ ର ଉଭୟ ପାର୍ଶ୍ୱ ନୁହେଁ ଦ୍ୱାରି ପେଟ୍ରୋଲ ପମ୍ପ ସାମ୍ନା ର ଜମି ରେ ଥିବା ସମସ୍ୟା ର ସମାଧାନ କରିବାରେ ବିଫଳ ହୋଇଛି ପ୍ରଶାସନ, ଯଦ୍ୱାରା ଡ୍ରେନ ଓ ରାସ୍ତା କାର୍ଯ୍ୟ ଅଟକି ରହିଛି । ତେଣୁ ସାମଗ୍ରିକ ଭାବରେ ଜନସାଧାରଣ ଙ୍କର ହିତ ଦୃଷ୍ଟି ରୁ ନିଷ୍ପତ୍ତି ନେବାରେ ବିଳମ୍ବ ନକରି ଏକ ସକାରାତ୍ମକ କାର୍ଯ୍ୟ ସମ୍ପାଦନା କରନ୍ତୁ ବୋଲି ପ୍ରଶାସନ ପାଖରେ ଶ୍ରୀ ପାଣିଗ୍ରାହୀ ଦାବୀ ଜଣାଇଛନ୍ତି।

# ଝାରସୁଗୁଡ଼ା ଜିଲ୍ଲାରେ ଅସମୟ ବର୍ଷା ସକାଶେ ଅତିରିକ୍ତ ମୁଖ୍ୟ ସଚିବ ତଥା ଏସ୍ଆରସିଙ୍କ ଚେତାବନୀ

ଝାରସୁଗୁଡ଼ା : ଆସନ୍ତା ୧୯ ତାରିଖରେ ଝାରସୁଗୁଡ଼ା ଜିଲ୍ଲାରେ ଅସମୟ ବର୍ଷା ସକାଶେ ଅତିରିକ୍ତ ମୁଖ୍ୟ ସଚିବ ତଥା ଏସ୍ଆରସିଙ୍କ ଚେତାବନୀ ଅନୁସାରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧକ୍ଷତାରେ ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଓ ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ପୋର ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଏଆରସିଏସ, ଡିଆରସିଏସ , ଆର ଏମ୍ ସି ସମ୍ପାଦକ, ସି ଏସ୍ ଓ ଏବଂ ଡିଆଇପିଆରଓ ଉପସ୍ଥିତ ଥିଲେ। ୧୯ତାରିଖ ପୂର୍ବରୁ ସମସ୍ତ ମଣ୍ଡିରୁ ଧାନ ଉଠାଇବା କାର୍ଯ୍ୟ ନିଶ୍ଚିତ କରିବା ଦିଗରେ ପଦକ୍ଷେପ ନେବା ସକାଶେ ବୈଠକରେ ସିଏସଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନ କ୍ରୟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଏବଂ ମଣ୍ଡିରେ ଗଚ୍ଛିତ ସମସ୍ତ ଧାନ ୧୯ତାରିଖ ପୂର୍ବରୁ ସମ୍ପୃକ୍ତ ମିଲରମାନଙ୍କ ଦ୍ୱାରା ଉଠାଇବା କାର୍ଯ୍ୟ ସୁନିଶ୍ଚିତ କରାଯିବ ବୋଲି ସିଏସ୍ ଓ କହିଥିଲେ। ମଣ୍ଡିରେ ଧାନ ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପଲିଥିନ ଏବଂ ତାରପୋଲିନ ବ୍ୟବସ୍ଥା କରିବାକୁ ଆର ଏମ୍ ସି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଅମଳ ହୋଇଥିବା ଧାନକୁ ସୁରକ୍ଷିତ କରି ରଖିବା ପାଇଁ କ୍ଷେତ୍ରିୟ କର୍ମଚାରୀମାନଙ୍କ ମାଧ୍ୟମରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଜେଲ ପାଠଶାଳାରେ ଉତ୍ତୀର୍ଣ୍ଣ ୨୭ କଏଦୀ

ସମ୍ବଲପୁର: ଜେଲରେ ପାଠପଢ଼ି ଉତ୍ତୀର୍ଣ୍ଣ ହୋଇଛନ୍ତି ସମ୍ବଲପୁର ଜିଲ୍ଲା କାରାଗାରର ୨୭ କଏଦୀ। ଏମାନେ ସମସ୍ତେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରୁ ସେକେଣ୍ଡାରି, ସିନିୟର ସେକେଣ୍ଡାରି, ଡିପ୍ଲୋମା ଏବଂ ସେକ୍ରେଟରିଆଲ୍ ଡିପ୍ଲୋମା ଭଳି ପାଠ୍ୟକ୍ରମରେ ସଫଳ ହୋଇଛନ୍ତି। ଏହାଛଡ଼ା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀରେ ମଧ ୧୩ ଜଣ ପଞ୍ଜୀକୃତ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ସ୍ଥିତ ପାଓମେକ୍ସ କମ୍ପାନିର ଜଣେ ୫୨ ବର୍ଷୀୟ କର୍ମଚାରୀ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରମିକ ଅଶାନ୍ତିକୁ କେନ୍ଦ୍ର କରି କାରଖାନାରେ ହୋଇଥିବା ପୋଡ଼ାଜଳା ମାମଲାରେ ସେ ଗିରଫ ହୋଇ ଜେଲକୁ ଆସିଥିଲେ। ଖାଲି ସମୟକୁ ପାଠପଢ଼ାରେ ବିନିଯୋଗ କରି ସେ ଯୁକ୍ତ ଦୁଇ ପରୀକ୍ଷାରେ ସଫଳ ହୋଇଛନ୍ତି। ସେହିପରି ଇତିହାସ ସ୍ନାତକୋତ୍ତରରେ ୬୬ ପ୍ରତିଶତ ନମ୍ବର ରଖି ଉଦାହରଣ ସୃଷ୍ଟି କରିଛନ୍ତି ଚାଷୀ କ୍ଷୀରୋଦ ଚୌଧୁରୀ (୫୪ବର୍ଷ)। ସାଧାରଣ ଜୀବନରେ ବ୍ୟସ୍ତତା ଯୋଗୁଁ ଯାହା ଅସମ୍ଭବ ଥିଲା, ତାହା ସେ ଜେଲରେ କରି ଦେଖାଇଛନ୍ତି। ସେମିତି ୫୬ ବର୍ଷୀୟ ଭୁଜରାଜ ପ୍ରଧାନ ଇଂରାଜୀ ସ୍ନାତକୋତ୍ତର ପରୀକ୍ଷାରେ ସଫଳ ହୋଇଛନ୍ତି। ଏମାନଙ୍କଠାରୁ ଅନୁପ୍ରାଣିତ ହୋଇ ନିଶା କାରବାର(ଏନ୍‌ଡିପିଏସ୍) ମାମଲାରେ ସମ୍ବଲପୁର ମଣ୍ଡଳ ଜେଲକୁ ଆସିଥିବା ଭୋପାଳର ରାମନିବାସ ଖୁର ମଧ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ନିଜ ନାମ ଲେଖାଇଛନ୍ତି। ଏସବୁ କେବଳ ଉଦାହରଣ ମାତ୍ର। ଏହିଭଳି ଅନେକ କଏଦୀ ମାଡ଼ପିଟ୍‌ଠାରୁ ଆରମ୍ଭ କରି ନିଶା, ହତ୍ୟାକାଣ୍ଡ, ପୋଡ଼ାଜଳା, ଚୋରି ଭଳି ଅପରାଧରେ ଜେଲ ଆସି ଏଠାରେ ପାଠପଢ଼ି ପରୀକ୍ଷାରେ ସଫଳ ହୋଇଛନ୍ତି।

# ଗାନ୍ଧୀ ମନ୍ଦିରର ସୁରକ୍ଷା ପ୍ରତି ଧ୍ୟାନ ଦେବା ବଦଳରେ ରାସ୍ତା ଉପରେ ନାମ ଯଜ୍ଞ ମଣ୍ଡପ ନିର୍ମାଣ କାହିଁକି ?

## ସରକାରୀ ଅର୍ଥର ଏମିତି ଭାବରେ ଅପବ୍ୟବହାର ଉଦ୍ୟମ ଉପରେ ପ୍ରତିବନ୍ଧକ ସାଜୁ ଜିଲ୍ଲା ପ୍ରଶାସନ



ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୪୧ ନମ୍ବର ୱାର୍ଡ ତଥା ପୁରାତନ ଗୁଣ୍ଡେରପୁର ପଂଚାୟତ ଅଧିନସ୍ଥ ଗୁଲୁଣ୍ଡା ଗ୍ରାମ ର ଉପର ପଡା ରୁ ହରିଜନ ବସ୍ତି ଦେଇ ଭେଲୁଆଁ ଟିକ୍ରା ଓ ମାନେଶ୍ୱର କୁ ସଂଯୋଗ କରିଥିଲା ଏକ ମୁଖ୍ୟ ରାସ୍ତା କ୍ଷ ଏହି ରାସ୍ତା ରେ ହରିଜନ ବସ୍ତି ରେ ଦୀର୍ଘ ବର୍ଷ ହେଲା ଏକ ଗାନ୍ଧୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା କ୍ଷ ଯାହାକି ସମ୍ବଲପୁର ପାଇଁ ଗର୍ବ ଓ ଗୌରବ କ୍ଷ ସମ୍ବଲପୁର ସହର ନିକଟବର୍ତ୍ତୀ ଭତରା ଗ୍ରାମ ର ହରିଜନ ବସ୍ତି ରେ ଏକ ପୁରାତନ ଗାନ୍ଧୀ ମନ୍ଦିର ମଧ ରହିଛି, ଯେଉଁ ଆଦର୍ଶ ପୀଠ କୁ ବିଭିନ୍ନ ବିଶେଷ ଦିବସ ରେ ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥାଏ କ୍ଷ ଏହି ସବୁ ଐତିହ୍ୟ ତଥା ଉଦ୍ୟମ ସମ୍ବଲପୁର ପାଇଁ ଅତ୍ୟନ୍ତ ମହତ ଉଦ୍ୟମ। ଦୁର୍ବ୍ୟଗ୍ୟ ର ବିଷୟ ରେ ଏହି ଭତରା ଓ ଗୁଲୁଣ୍ଡା ରେ ପ୍ରତିଷ୍ଠିତ ଗାନ୍ଧୀ ମନ୍ଦିର ପ୍ରତି ଜିଲ୍ଲା ପ୍ରଶାସନ ସୁରକ୍ଷା ଓ ସୁନ୍ଦରତା ପ୍ରତି ଯେତେ ଦୃଷ୍ଟି ଦେବା କଥା ଆଜିଯାଏ ଦେଇନାହିଁ କ୍ଷ କେବଳ ମାତ୍ର ବିଶେଷ ଦିନରେ ପୁଷ୍ପମାଲ୍ୟ ଅର୍ପଣ ରେ ସୀମିତ ରଖିଛି ନିଜର ଦାୟିତ୍ୱ ବୋଲି ସାଧନା ଅନୁଷ୍ଠାନ ର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତି ରେ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ତଥା ମହାନଗର ନିଗମ କର୍ତ୍ତୃପକ୍ଷ ସେସବୁ ପ୍ରତି ଗୁରୁତ୍ୱ ଦେବା ବଦଳରେ ସରକାରୀ ଅର୍ଥ ବିନିଯୋଗ ରେ ଏକ ପୁରାତନ ରାସ୍ତା ଉପରେ ରାସ୍ତା କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇ ନାମ ଯଜ୍ଞ ମଣ୍ଡପ ନିର୍ମାଣ ପ୍ରତି ଅନୁମତି ଦେବା ସହ ନିର୍ମାଣ କାର୍ଯ୍ୟ ଜାରି ରଖିବା ଯେତେଦୂର ଯୁକ୍ତି ଯୁକ୍ତ। ସମ୍ବଲପୁର ସହର ମଧ୍ୟରେ ରାସ୍ତା ଉପରେ ସରକାରୀ ଜମି ଉଚ୍ଛେଦ ପ୍ରକ୍ରିୟା ନାଆଁ ରେ ଶହ ଶହ ବାସ ଗୃହ ଓ ଦୋକାନ ଘର ଉପରେ ବୋଲଡୋଜର ଲଗେଇ ଭାଙ୍ଗିଦେଉଥିବା ବେଳେ ଗୁଲୁଣ୍ଡା ହରିଜନ ବସ୍ତି ରେ ପ୍ରତିଷ୍ଠିତ ଗାନ୍ଧୀ ମନ୍ଦିର ସାମ୍ନା ରେ ଏକ ପୁରାତନ ମୁଖ୍ୟ ରାସ୍ତା ଉପରେ ଏକ ବିରାଟ ନାମଯଜ୍ଞ ମଣ୍ଡପ ନିର୍ମାଣ କାହିଁକି କରୁଛି ମହାନଗର ନିଗମ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି। ଗୁଲୁଣ୍ଡା ଗ୍ରାମ ର ଏହି ଐତିହାସିକ ଗାନ୍ଧୀ ମନ୍ଦିର ର ଉନ୍ନତି ପ୍ରତି ଦୃଷ୍ଟି ଦେବାସହ ରାସ୍ତା ଅବରୋଧ କରି ନାମଯଜ୍ଞ ନିର୍ମାଣ କାର୍ଯ୍ୟ ରୁ ରହୁ ମହାନଗର ନିଗମ ବୋଲି ସାଧନା ର ସଭାପତି ଶ୍ରୀ ପାଣିଗ୍ରାହୀ ଦାବୀ ଜଣାଇଛନ୍ତି।

# ରୋଗୀଣା ଗାଈ, ଗୋରୁଙ୍କ ଦେବଦୂତ କାଶ୍ମୀର ସିଂ




ବରଗଡ଼, ୧୭/୦୨-ରୋଗୀଣା ହେଉ କି ଦୁର୍ଘଟଣା । ଭୋକିଲା ହେଉ କି ଅସହାୟ । ଯେଉଁଠି ବୁଲା ଗାଈ, ଗୋରୁଙ୍କୁ ଦେଖିଲେ ତତକ୍ଷଣାତ ପହଂଚି ସେହି ଦୁର୍ବଳ, ଆହତ ଗାଈ ଗୋରୁଙ୍କ ସେବା ଶୁଶ୍ରୁଷାରେ ନିସ୍ୱାର୍ଥପର ଭାବେ ସାରା ପରିବାର ଲାଗିପଡନ୍ତି । ଏଭଳି ସେବା ଦିନେ କି ଦୁଇ ଦିନ ନୁହେଁ । ୮ ବର୍ଷ ଧରି ବରଗଡ଼ ସହର ତଥା ଆପପାଖ ଅଞ୍ଚଳର ହଜାରହଜାର ଗାଈ, ଗୋରୁଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି ୬୫ ବର୍ଷୀୟ କାଶ୍ମୀର ସିଂହ ଓ ତାଙ୍କ ପରିବାର । ପରିଣତ ବୟସରେ ରାତି ୪ଟାରୁ ନିଦରୁ ଉଠି ସ୍କୁଟିରେ ବସି ଗାଈ ଗୋରୁଙ୍କ ସେବାରେ ଘରୁ ବାହାରି ଯାଆନ୍ତି । ଗାଈ ଗୋରୁଙ୍କୁ ମାଗଣାରେ ଦାନା ଖୁଆଇବା ସହିତ ଔଷଧ, ଇଞ୍ଜେକ୍ସନ ଆଦି ଦେଇ ସେମାନଙ୍କ ସେବା କରିଥାନ୍ତି । ଖରା ହେଉ କି ବର୍ଷା । ଶୀତ ହେଉ କି କାକର । ସବୁବେଳେ ସବୁ ସମୟରେ କାଶ୍ମୀର ସିଂ ଓ ତାଙ୍କ ପରିବାର ଅସହାୟ, ଆହତ, ରୋଗୀଣା ଗାଈ ଗୋରୁଙ୍କ ସେ-ବାରେ ଲାଗି ପଡିଛନ୍ତି । କାଶ୍ମୀର ସିଂଙ୍କ ନିଆରା ସେବା ପାଇଁ ବହୁ ଅନୁଷ୍ଠାନ କରିଛନ୍ତି ସମ୍ମାନିତ । ଯେଉଁଠି ଗାଈ ଗୋରୁଙ୍କ ସେବା ଚିକିତ୍ସା ପାଇଁ ପ୍ରାଣୀ ସମ୍ପଦ ବିଭାଗ କିମ୍ବା ସରକାରୀ କର୍ମଚାରୀ ପହଂଚି ପାରନ୍ତି ନାହିଁ । ସେଇଠି ଖବର ପାଇଲା ମାତ୍ରେ କାଶ୍ମୀର ପହଂଚି କରିଥାନ୍ତି ମାଗଣା ଚିକିତ୍ସା ଓ ସେବା ।

ପେଶା ବ୍ୟବସାୟ । ହେଲେ ନିଶା ଅଜବ । ତାହା ପୁଣି ପରିଣତ ବୟସରେ । ୬୫ବର୍ଷ ବୟସରେ ରାତି ୩ଟାରୁ ନିଦରୁ ଉଠି ବରଗଡ଼ ସହରର ୧୯ଟି ୱାର୍ଡ଼ ବୁଲି ବୁଲି କରୁଛନ୍ତି ଗୋମାତାଙ୍କ ସେବା, ଚିକିତ୍ସା ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା । ଟାଣ ଖରା ହେଉ କି ପ୍ରବଳ ଶୀତ । ବର୍ଷା ହେଉ କି କାକର । ଦିନ ହେଉ କି ରାତି । ଫୋନ ପାଇଲା ମାତ୍ରେ ଗାଈ, ଗୋରୁଙ୍କ ସେବା ପାଇଁ ତତକ୍ଷଣାତ ଘଟଣାସ୍ଥଳକୁ ପହଞ୍ଚି କରିଥାନ୍ତି ଚିକିତ୍ସା ସେବା । ତାହା ପୁଣି ସମ୍ପୂର୍ଣ୍ଣ ମାଗଣାରେ । ଏକଥା ଭାବିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ । ହଁ ଆଜ୍ଞା ଘଟଣାଟି ସମ୍ପୂର୍ଣ୍ଣ ସତ୍ୟ । ଆମେ କହୁଛୁ ବରଗଡ଼ ସହର ୧୬ ନମ୍ବର ୱାର୍ଡ଼ ଗୁରୁଦ୍ୱାରା ଛକରେ ରହୁଥିବା କାଶ୍ମିର ସିଂହ ଓ ତାଙ୍କ ପରିବାରଙ୍କ ଜୀବନ କାହାଣୀର କଥା । ମୋ ଜୀବନ ପଛେ ନର୍କେ ପଡ଼ିଥାଉ । ଗୋମାତାଙ୍କ ଜୀବନ ବଞ୍ଚିଥାଉ । ଏଭଳି ସଂକଳ୍ପ ନେଇ ଗତ ୮ ବର୍ଷ ଧରି ନିରବଛିନ୍ନ ଭାବେ ରୋଗାଗ୍ରସ୍ତ, ଆହତ, ଭୋକିଲା କିମ୍ବା ଅସହାୟ ଗାଈ, ଗୋରୁଙ୍କ ଚିକିତ୍ସା ଓ ସେବାରେ ୬୫ବର୍ଷୀୟ କାଶ୍ମିର ସିଂହ ଓ ତାଙ୍କ ସାରା ପରିବାର ଗୋ ସେବାରେ ନିଜର ଜୀବନକୁ ସମର୍ପିତ କରିଛନ୍ତି । ଯାହା ସମଗ୍ର ରାଜ୍ୟ ଓ ଦେଶ ପାଇଁ ଏକ ଭିନ୍ନ ଉଦାହରଣ ସୃଷ୍ଟି କରି ଯୁବ ସମାଜକୁ ଏକ ପ୍ରେରଣାର ସଚେତନତାର ବାର୍ତ୍ତା ଦେଇଛି । ଘଟଣା ହେଉ କି ଦୁର୍ଘଟଣା । ଭୋକିଲା ହେଉ କି ଅସହାୟ । ଯେଉଁଠି ବୁଲା ଗାଈ, ଗୋରୁଙ୍କୁ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଶୁଣିଲେ ତତକ୍ଷଣାତ ସେହି ସ୍ଥାନକୁ ପହଂଚି ସେହି ଦୁର୍ବଳ, ଆହତ ଗାଈ ଗୋରୁଙ୍କ ସେବା ଶୁଶ୍ରୁଷାରେ ନିସ୍ୱାର୍ଥପର ଭାବେ ଲାଗିପଡ଼ନ୍ତି କାଶ୍ମିର ସିଂ । ଜୟ ଭୋଲେ ଗୋ ସେବା ସମିତି ଗଠନ କରି ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ଅସହାୟ ଗାଈ, ଗୋରୁଙ୍କ ମାଗଣାରେ ଖାଇବାକୁ ଦାନା, ଔଷଧ, ଇନଜେକ୍ସନ ଆଦି ଚିକିତ୍ସା ସୁବିଧା ଓ ସେବା ଯୋଗାଇ ଦେଇ ଆସୁଛନ୍ତି । ଯେଉଁଠି ଗାଈ ଗୋରୁଙ୍କ ସେବା ଚିକିତ୍ସା ପାଇଁ ପ୍ରାଣୀ ସମ୍ପଦ ବିଭାଗ କିମ୍ବା ସରକାରୀ କର୍ମଚାରୀ ପହଂଚି ପାରନ୍ତି ନାହିଁ । ସେଇଠି ଖବର ପାଇଲା ମାତ୍ରେ କାଶ୍ମୀର ପହଂଚି କରିଥାନ୍ତି ମାଗଣା ଚିକିତ୍ସା ଓ ସେବା । କାଶ୍ମୀର ସିଂଙ୍କ ନିଆରା ସେବା ପାଇଁ ବହୁ ଅନୁଷ୍ଠାନ କରିଛନ୍ତି ସମ୍ମାନିତ । ଗୋ ସେବା କରି ମନକୁ ଯେଉଁ ଶାନ୍ତି ମିଳେ ତାହା ଶବ୍ଦରେ କହି ହେବ ନାହିଁ । ଗୋସେବା ଭଗବାନଙ୍କ ସେବା । ଏହା ଭାଗ୍ୟରେ ଥିଲେ ମିଳେ ବୋଲି କୁହନ୍ତି କାଶ୍ମିର ସିଂ ଓ ତାଙ୍କ ପରିବାର ।

**ମୁରବି ବିହୀନ ସମ୍ବଲପୁର ମହାନଗର ନିଗମ**

# ବଢୁଛି ଅଳିଆ ଗଦା, ବଢ଼ିଗଲାଣି ମଶା, ମାଛି ପ୍ରାଦୁର୍ଭାବ

ସମ୍ବଲପୁର: ସମ୍ବଲପୁର ପୌର ପରିଷଦରୁ ମହାନଗର ନିଗମରେ ପରିଣତ ହେବାର ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି। ଏହା ସତ୍ତ୍ୱେ ଏଠାରେ ଆଜି ଯାଏଁ ନିର୍ବାଚନ ହୋଇ ପାରିନାହିଁ। ତେଣୁ ଏହି ମହାନଗର ନିଗମ କେବଳ କାଗଜପତ୍ରରେ କାମ କରୁଥିବାବେଳେ ମୁରବି ବିହୀନ ହୋଇ ରହିଛି। ତେଣୁ ଏଠାରେ ବାବୁରାଜ ଚାଲିଛି। ଅପରପକ୍ଷରେ ଏକ ମହାନଗର ନିଗମର ଯାହା ସବୁ ମୌଳିକ କାମ ତାହା ଠିକ୍ ଭାବେ ହୋଇ ପାରୁନାହିଁ। ଏପରିକି ମଇଳା ଉଠାଇବା, ନର୍ଦ୍ଦମା ସଫା ରଖିବା ପରି ମୌଳିକ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁ ନଥିବାରୁ ନଗରବାସୀ ଅତିଷ୍ଠ ହୋଇ ପଡ଼ିଲେଣି। ମଶା, ମାଛିଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଲାଣି; କିନ୍ତୁ ଲୋକେ କହିବେ କାହାକୁ। ଲୋକ ପ୍ରତିନିଧି ନାହାନ୍ତି, କାର୍ଯ୍ୟାଳୟରେ ବାବୁ ଶୁଣିବାକୁ ରାଜି ନୁହନ୍ତି। ଯାହା ଚାଲିଛି ଠିକ୍‌ଠାକ୍ ଚାଲିଛି ବୋଲି ବାବୁଙ୍କ ମତ। କାଗଜପତ୍ରରେ ବହୁ ଜିନିଷର ସେମାନେ ସମାଧାନ କରି ଦେଉଛନ୍ତି ଫଳରେ ଆଇନଗତ ଭାବେ ମଧ୍ୟ କିଛି କରାଯାଇ ପାରୁନାହିଁ। ୪୧ ୱାର୍ଡ ବିଶିଷ୍ଟ ସମ୍ବଲପୁର ମହାନଗର ନିଗମର ବହୁ ଅଞ୍ଚଳ ଆଜିଯାଏଁ ପଞ୍ଚାୟତଠାରୁ ମଧ୍ୟ ହୀନ ରହିଛି। ଏପରିକି ୧ ନମ୍ବର ୱାର୍ଡରେ ରହିଥିବା କିଛି ଅଞ୍ଚଳରେ ମଧ୍ୟ ବିକାଶ ପହଞ୍ଚି ପାରିନାହିଁ। ସମ୍ବଲପୁର ପୌର ପରିଷଦ, ବୁର୍ଲା ଓ ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ୧୨ଟି ପଞ୍ଚାୟତକୁ ନେଇ ଗଠିତ ସମ୍ବଲପୁର ମହାନଗର ନିଗମ। ଗତ ୨୦୧୩ ମସିହା ସେପ୍ଟେମ୍ବର ମାସ ପରେ ସମ୍ବଲପୁର ମହାନଗର ନିଗମର ଗଠନ ନେଇ ବିଧିବଦ୍ଧ ଘୋଷଣା କରିଥିଲେ ରାଜ୍ୟ ସରକାର। ସଂରକ୍ଷଣକୁ ନେଇ ଏକ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଏହି ମହାନଗର ନିଗମରେ ଆଉ ନିର୍ବାଚନ ହୋଇ ପାରୁନାହିଁ। ରାଜ୍ୟ ସରକାରଙ୍କ ସାମାନ୍ୟ ହସ୍ତକ୍ଷେପ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଆଶା କରାଯାଏ। ମାତ୍ର ଗତ



**ନିର୍ବାଚନ ଅଭାବରୁ ଚାଲିଛି ବାବୁରାଜ**

ବିଜେଡି ସରକାରଙ୍କ ସମୟରେ ସରକାର ଏ ଦିଗରେ ଆଦୌ କୌଣସି ଆଗ୍ରହ ଦେଖାଇଲେ ନାହିଁ। ବିଜେଡି ସରକାରଙ୍କ ସମୟରେ ବାବୁରାଜ କୌଣସି ନୂତନ ପ୍ରସଙ୍ଗ ନଥିବା ପରିପ୍ରେକ୍ଷୀରେ ମହାନଗର ନିଗମର ପରିଚାଳନା ନେଇ କୌଣସି ଅସୁବିଧା ନଥିଲା। ସେ ସମୟରେ ବିରୋଧୀ ଦଳରେ ଥିବା ବିଜେପି ସରକାର ସମ୍ବଲପୁର ମହାନଗର ନିଗମର ନିର୍ବାଚନକୁ ନେଇ ସବୁବେଳେ ସ୍ୱର ଉଠାଉଥିଲା। ମାତ୍ର ବିଜେପି ସରକାର ଗଠନ କରିବାର ଦୀର୍ଘ ମାସ ବିତି ଯିବା ପରେ ମଧ୍ୟ ସ୍ଥିତି ଯେଉଁ ତିମିରକୁ ସେଇ ତିମିରରେ। ଆଜିଯାଏଁ ଏହି ମହାନଗର ନିଗମର ନିର୍ବାଚନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନିର୍ବାଚନ ହେଲେ ଏଠାକାର ମେୟର ହାତରେ ସହରର ବିକାଶ ନିର୍ଭର କରନ୍ତା। ଲୋକେ ମଧ୍ୟ ସେମାନଙ୍କ ସୁବିଧା ଅସୁବିଧାକୁ ସହଜରେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତେ। ମାତ୍ର ସ୍ଥିତି ଯାହା ଆଉ କେବେ ନିର୍ବାଚନ ହେବ ତାହା ଜଣାପଡୁନାହିଁ। ତେଣୁ କମିସନରଙ୍କ ଉପରେ ସହରର ସମସ୍ତ ବିକାଶର କଣ୍ଟା ଅଟକି ଯାଇଛି। ଗତ ଡିସେମ୍ବର ୨୦୧୪ରେ ସମ୍ବଲପୁର ମହାନଗର ନିଗମ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହେବା ସହିତ ସୁଧାଂଶୁ କୁମାର ଭୋଇ ଏହାର ପ୍ରଥମ କମିସନର ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ତ୍ରିଲୋଚନ ମାଝୀ, ବିମଳେନ୍ଦୁ ରାୟ, ଜ୍ଞାନରଞ୍ଜନ ଭଞ୍ଜ ଦେଓ, ଲିଙ୍ଗରାଜ ପଣ୍ଡା, ଯୁଗଳେଶ୍ୱରୀ ଦାସ, ଅନିରୁଦ୍ଧ ପ୍ରଧାନ, ପ୍ରଦୀପ ସାହୁ, ବେଦଭୂଷଣଙ୍କ ପରି ଅଧିକାରୀ ଏଠାକାର କମିସନର ଦାୟିତ୍ୱ ନିର୍ବାହ କରିଛନ୍ତି। ଇତିମଧ୍ୟରେ ମହାନଦୀରେ ଅନେକ ପାଣି ବୋହିଗଲାଣି, ମାତ୍ର ମହାନଗର ନିଗମର ସ୍ଥିତିରେ ସୁଧାର ଆସୁନାହିଁ। ବିଭିନ୍ନ ୱାର୍ଡରେ ମଇଳା ଠିକ୍ ସମୟରେ ଉଠୁନାହିଁ। ମଇଳା ଉଠାଇବା କାର୍ଯ୍ୟର ଘରୋଇ କରଣ କରାଗଲା ପରେ ମଧ୍ୟ ସ୍ଥିତି ଯଥା ପୂର୍ବଂ ତଥା ପରଂ। ସେହିପରି ନର୍ଦ୍ଦମାଗୁଡ଼ିକ ମଧ୍ୟ ଠିକଣା ସମୟରେ ସଫା ହେଉନାହିଁ। ସେଠାରେ ବ୍ଲିଚିଂ ପାଉଡ଼ର ଓ ମଶା ତେଲ ପକାଯାଉ ନାହିଁ। ତେଣୁ ସହର ସାରା ଘର ଭିତରେ ମଶା ଓ ମାଛି ଭଣଭଣ। ଦିନରେ ମାଛି ଓ ସନ୍ଧ୍ୟାରୁ ମଶାଙ୍କ ଦୌରାତ୍ମ୍ୟ ସହି ହେଉ ନାହିଁ। ପୂର୍ବରୁ କଏଲ ଦେଲେ ମଶା ଘରକୁ ପଶୁ ନ ଥିଲେ। ମାତ୍ର ଏବେ ଏହା ଯେଉଁଭଳି ସେମାନଙ୍କ ଦେହସୁହା ହୋଇଗଲାଣି। ତେଣୁ ମଶା କଏଲ ଜଳାଇଲେ ସୁଦ୍ଧା ମଶା ଦାଉରୁ ଆଉ ମୁକ୍ତି ମିଳୁ ନାହିଁ। ମହାନଗର ନିଗମ ପକ୍ଷରୁ ମଶାଧୂଆଁ ଆଉ ଦିଆଯାଉ ନାହିଁ। ମହାନଗର ନିଗମର ୪ଟି ମଶାଧୂଆଁ ଯନ୍ତ୍ର ବା ଟିଫା ମେସିନ ରହିଛି। ସେଥିରେ ୨ଟି ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହରାଞ୍ଚଳରେ ଗୋଟିଏ ଲେଖାଏଁ ବ୍ୟବହାର ହେଉଛି। ତେବେ କାଁ ଭାଁ ଗୋଟିଏ ଦୁଇଟି ୱାର୍ଡରେ ଏହି ଟିଫା ମେସିନ ବୁଲୁଥିବା ଜଣାପଡ଼ିଛି। ତେଣୁ ମଶା ବଂଶ ନାଶ ପାଇଁ ମହାନଗର ନିଗମ କେତେ ତତ୍ପର ତାହା ଜଣାପଡୁଛି। ମହାନଗର ନିଗମ ପକ୍ଷରୁ ପାନୀୟ ଜଳ ସମେତ ଦିଆଯିବାକୁ ଥିବା ଅନ୍ୟ ସୁବିଧା ସଂପର୍କରେ ଲୋକ ବିଭିନ୍ନ ସମୟରେ ଦାବି, ବିକ୍ଷୋଭ ମାଧ୍ୟମରେ ପ୍ରତିବାଦ ଜଣାଉଥିଲେ ସୁଦ୍ଧା ଏହାର କୌଣସି ଲାଭ ମିଳି ପାରୁନାହିଁ।




## କଥା ଦେଇ କଥା ରଖିଲେ ପରିବହନ ମନ୍ତ୍ରୀ ଓ ବରଗଡ଼ ବିଧାୟକ



ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବର ରାଜଅତିଥି ଭାବେ ଆସିଥିବା ପରିବହନ ମନ୍ତ୍ରୀଙ୍କୁ ମହାରାଜା କଂସ ମହାକୁମ୍ଭ ମେଳାରେ ବରଗଡ଼ ମଥୁରାନଗରୀରୁ ସିଧାସଳଖ ପ୍ରୟାଗରାଜ ଓ ଅଯୋଧ୍ୟାକୁ ସ୍ୱତନ୍ତ୍ର ବସ ଚଳାଚଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଆଜି ଫେବୃୟାରୀ ୧୦ ତାରିଖରେ ବରଗଡ଼ ସରକାରୀ ବସଷ୍ଟାଣ୍ଡରୁ ସିଧାସଳଖ ଅଯୋଧ୍ୟାକୁ ଯାତ୍ରୀ, ଭକ୍ତ, ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସରକାରୀ ବସ ଚଳାଚଳ ଶୁଭାରମ୍ଭ ହୋଇଛି । ଶୁଭଲଗ୍ନ ଅନୁସାରେ ଆଜି ସକାଳ ୮ଟାର ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପତାକା ଦେଖାଇ ବରଗଡ଼ରୁ ଅଯୋଧ୍ୟାକୁ ବସ ଚଳାଚଳ ଉଦଘାଟନ କରିଛନ୍ତି । ବରଗଡ଼ବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏଭଳି ବସ ସେବା ଯୋଗାଇ ଦେଇଥିବାରୁ ବରଗଡ଼ ବିଧାୟକ ମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବରଗଡ଼ରୁ ସକାଳ ୮ଟାରୁ ଏହି ବସ୍ ବାହାରି ସମ୍ବଲପୁର, ଝାରସୁଗୁଡ଼ା ସୁନ୍ଦରଗଡ଼, ରାଉରକେଲା, ବୀରମିତ୍ରପୁର, ବାରାଣସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ପହଞ୍ଚିବ । ସେହିପରି ଆସନ୍ତା ୧୭ ଏବଂ ୨୪ ତାରିଖରେ ମଧ୍ୟ ଏହି ସରକାରୀ ବସ ବରଗଡ଼ରୁ ଭକ୍ତ, ଶ୍ରଦ୍ଧାଳୁଙ୍କୁ ନେଇ ଅଯୋଧ୍ୟା ଯିବ । ବସରେ ୫୨ ଜଣ ଯାତ୍ରୀଙ୍କ ପାଇଁ ସିଟ ସୁବିଧା ରହିଥିବା ବେଳେ ଏଥିରେ ୱାଇଫାଇ ଭଳି ସୁବିଧା ମଧ୍ୟ କରାଯାଇଛି ।

**ଥିଲାବାଲା ମାଲାମାଲ ନଥିଲାବାଲା ବେହାଲ**

## ୧୭୦୭ ସରକାରୀ କର୍ମଚାରୀ ରାସନ କାର୍ଡ ହାତେଇଛନ୍ତି





ନବରଙ୍ଗପୁର,: ଜାତୀୟ ମାନଚିତ୍ରରେ ଲୋକର ଭୂଗୋଳ ଜିଲ୍ଲା ଭାବେ ପରିଚିତ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ସରକାରୀ ରାସନ ଭରସାରେ ଚଳୁଛନ୍ତି । ତେବେ ଏହି ଗରିବ ହିତାଧିକାରୀ ତାଲିକାରେ ଆଇନର ଗଳା ବାଟ ଦେଇ ରାସନ କାର୍ଡ ହାତେଇଛନ୍ତି ୧୭୦୭ ସରକାରୀ କର୍ମଚାରୀ ଆଉ ଟଳୁ କରୁଛନ୍ତି ସରକାରୀ ରାସନ ଚାଉଳ। ବର୍ଷ ବର୍ଷ ଧରି ବାବୁଙ୍କ କଳା କାରନାମା ରୀତିମତ ଚାଲିଥିବାବେଳେ ଏମାନଙ୍କୁ ବାଜି ପାରୁନି ସରକାରୀ ଛାଟ । ଏବେ ସରକାରଙ୍କ ରିପୋର୍ଟରେ ଏମିତି ତଥ୍ୟ ପ୍ରକାଶ ପାଇବା ପରେ ଏଗୁଡିକର ସଠିକ ଯାଞ୍ଚ ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗକୁ ହସ୍ତାନ୍ତର କରାଯାଇଛି ମିଛ ହିତାଧିକାରୀଙ୍କ ସତ ତାଲିକା।

ସୂଚନା ଅନୁଯାୟୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ନବରଙ୍ଗପୁର ଜିଲ୍ଲାରେ ୩ ଲକ୍ଷ ୧୩ ହଜାର ୮୩୯ ପରିବାରର ୧୧ ଲକ୍ଷ ୬ ହଜାର ୫୮୪ ସଦସ୍ୟଙ୍କୁ ସାମିଲ କରାଯାଇ ରାସନ କାର୍ଡ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ୨୪୦୩ ପରିବାରର ୬୬୮୨ ସଦସ୍ୟଙ୍କୁ ସାମିଲ କରାଯାଇ ରାସନ କାର୍ଡ ପ୍ରଦାନ କରାଯାଇଛି । ତେବେ ପରିତାପର ବିଷୟ ସରକାରଙ୍କ ରାସନ ହିତାଧିକାରୀ ତାଲିକାରେ ସାମିଲ ରହିଛନ୍ତି ୧୭୦୭ ସରକାରୀ କର୍ମଚାରୀଙ୍କ ପରିବାର ଆଉ ବର୍ଷକୁ ହାତେଇ ନେଉଛନ୍ତି ପ୍ରାୟ ୧୫ କୋଟି ଟଙ୍କାର ୪ଲକ୍ଷ ୨ ହଜାର ୧୨୦ କ୍ୱିଣ୍ଟାଲ ଚାଉଳ । ରାସନ କାର୍ଡ ହାତେଇ ଥିବା ସରକାରୀ କର୍ମଚାରୀଙ୍କ ମଧ୍ୟରେ ରହିଛନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପୋଲିସ ଏସଆଇ, କିରାଣୀଙ୍କ ସମେତ ରାଜସ୍ୱ, ସ୍ୱାସ୍ଥ୍ୟ ଓ ଜଙ୍ଗଲ ବିଭାଗ କର୍ମଚାରୀ । ଏମିତି ମୋଟ ୧୭୦୭ସରକାରୀ ବାବୁଙ୍କ ପରିବାରର ୬୭୦୨ ସଦସ୍ୟ ପ୍ରତିମାସରେ ୫ କେଜି ଚାଉଳ ନେଉଛନ୍ତି। ଏହିଭଳି ତାଲିକା ଜିଲ୍ଲା ଯୋଗାଣ ବିଭାଗକୁ ମିଳିଥିବାବେଳେ ଯାଞ୍ଚ ପ୍ରକ୍ରିୟା ଚାଲିଥିବା କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ । ତେବେ ଯାଞ୍ଚ ପରେ ଏମାନଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସଂପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ।

## ଓଡିଶା ସାମ୍ବାଦିକ ସଂଘର ବାର୍ଷିକ ସମ୍ମିଳନୀ, ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ରାକେଶ ଗୁପ୍ତା ରାଜ୍ୟ ଉପସଭାପତି, ବାଙ୍କ ବିଷୋୟୀ ରାଜ୍ୟ ସଂଗଠନ ସମ୍ପାଦକ ନିର୍ବାଚିତ ଓ ନବରଙ୍ଗପୁର ଜିଲ୍ଲା ସଭାପତି ଶିବ ଶଙ୍କର ସମ୍ମାନିତ**



ଭୁବନେଶ୍ୱର/ନବରଙ୍ଗପୁର:-ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ସଠିକ ତଥ୍ୟ ପରିବେଷଣ କରିବା ଜଣେ ସାମ୍ବାଦିକର ନୈତିକ କର୍ତ୍ତବ୍ୟ, ସେହିଭଳି ସାମ୍ବାଦିକ ମାନଙ୍କର ସୁରକ୍ଷା ଏବଂ କଲ୍ୟାଣ ପାଇଁ ସରକାରୀ ସ୍ତରରେ ପ୍ରୟାସ ଲୋଡ଼ା ବୋଲି ଆଜି ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ପଞ୍ଚଦଶ ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍କୁଲ ଏବଂ ଗଣ ଶିକ୍ଷା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ ବିଭାଗ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଘରୋଇ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ନିଜର ବକ୍ତବ୍ୟରେ କହିଛନ୍ତି। ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହାରୀ ବୋଲି କହିଥିଲେ। ଅଜେୟୁର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରଥମେ ପରଲୋକଗତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଉପଲକ୍ଷେ ସଂଘର ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ମୂଲ୍ୟବୋଧ ସାମ୍ବାଦିକତା ମାଧ୍ୟମରେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଭଞ୍ଜସେନାର ଅଧ୍ୟକ୍ଷ ସଂଜୀବ କୁମାର ରାଉତ ଯୋଗଦେଇ ସାମ୍ବାଦିକ ମାନଙ୍କର ବୃତ୍ତିଗତ ଏବଂ ସାମାଜିକ ସୁରକ୍ଷା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ।

SATEJ ସତେଜ
ସତ୍ୟ ସମ୍ବାଦ ପରିବେଷଣ

# ଗରିବ ପିଲାଙ୍କୁ ଉଚ୍ଚ ମାନର ଶିକ୍ଷା ଦେବା ଉପରେ ଗୁରୁତ୍ୱ

ନୋବଲ ଏଡୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ , ଭୁବନେଶ୍ୱର ଆନୁକୂଲ୍ୟରେ ଗରିବ ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ଙ୍କ ଶିକ୍ଷା ର ଉନ୍ନତି ନିମନ୍ତେ ଗତ ୧୦ ଫେବୃଆରୀ ଦିନ ବୁଦ୍ଧ ମନ୍ଦିର ସଭା କକ୍ଷ ରେ ଏକ ସଭା ର ଆୟୋଜନ କରା ଯାଇଥିଲା। ଏଥିରେ କଲିକତା ୨୪ ପ୍ରଗଣା ସ୍ଥିତ ଉମିଦ୍ ଗ୍ଲୋବାଲ ସ୍କୁଲ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶ୍ରୀ ଓ୍ୱାଲି ରେହମାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ସଭାରେ ଗରିବ ତଥା ସଂଖ୍ୟା ଲଘୁ ସଂପ୍ରଦାୟ ର ପିଲାଙ୍କ ପାଇଁ ଉନ୍ନତ ମାନ ର ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରା ଯାଇଥିଲା। ପରମ୍ପରା ଗତ ସରକାରୀ ବିଦ୍ୟାଳୟ ରେ ଉନ୍ନତ ମାନ ର ଶିକ୍ଷା ର ଅଭାବ ଅଛି। ଗରିବ ଶ୍ରେଣୀ ର ପିଲା ଅଧିକ ଖର୍ଚ୍ଚ କରି ଭଲ ଇଂରାଜୀ ମାଧ୍ୟମ ରେ ପଢୁ ଥିବା ଧନୀ ପିଲାଙ୍କ ସହ ସମ କକ୍ଷ ହେଇ ପାରୁ ନାହାନ୍ତି। ତେଣୁ ଚାକିରୀ ବ୍ୟବସାୟ ରେ ପଛ ରେ ରହି ଯାଉ ଛନ୍ତି। ତେଣୁ ଗରିବ ପିଲାଙ୍କୁ ଧନୀ ଶ୍ରେଣୀ ର ଶିକ୍ଷା ଦେବାର ଆବଶ୍ୟକତା ରହି ଅଛି ଯଦ୍ୱାରା ସେମାନେ ଧନୀ ଶ୍ରେଣୀ ସହ ସମକକ୍ଷ ହେଇ ପାରିବେ ବୋଲି ଶ୍ରୀ ରହେମାନି ମତ ବ୍ୟକ୍ତ କରିଥିଲେ।

ଏହି ଉଦ୍ଦେଶ୍ୟ କୁ ଲକ୍ଷ ରେ ରଖି ନୋବଲ ଏଡୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରଚେଷ୍ଟା କରିବ ତଥା ଉଚ୍ଚ ମାନର ଶିକ୍ଷାନୁଷ୍ଠାନ ଗଢିବାରେ ପ୍ରୟତନ କରିବ।

ବିଗତ ୩ ବର୍ଷ ରେ ଏହି ଟ୍ରଷ୍ଟ ପ୍ରାୟ ୨୬୮ ଜଣ ଅତି ଗରିବ ଛାତ୍ର ଛାତ୍ରୀ ଙ୍କୁ ଆର୍ଥିକ ସହାୟତା ଦେଇ ଆସୁଅଛି ଯାହା ଦ୍ୱାରା ସେମାନେ ସ୍କୁଲ କଲେଜ ଫିସ ଦେଇ ପାରୁଛନ୍ତି। ଏହାଛଡା ପିପିଲି ନିକଟସ୍ଥ ଦାନୋ ଗୋହିରି ଗ୍ରାମ ରେ ଗରିବ ପିଲାଙ୍କ ପାଇଁ ନିଶୁଳ୍କ କୋଚିଙ୍ଗ କ୍ଲାସ ମଧ୍ୟ ପରି ଚାଳନା କରୁ ଅଛି।

ଏହି ସଭାରେ ଟ୍ରଷ୍ଟ ର ସଭ୍ୟ ଶ୍ରୀ ହାରୁନ୍ ରସିଦ ଖାନ୍ ଅବସର ପ୍ରାପ୍ତ ଡେପୁଟି ଗଭର୍ଣ୍ଣର୍ ରିଜର୍ଭ ବ୍ୟାଙ୍କ, ସେଖ ଫଜ ଲୁର ରହମାନ ଅବସର ପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ଭାରତ ପେଟ୍ରୋଲିୟମ, ବାଙ୍କର ଶ୍ରୀ ପୁରୁଷଉମ ନାୟକ, ସୟଦ୍ ମୁସର୍ରଫ ଅଲି ଇତ୍ୟାଦି ଉପସ୍ଥିତ ଥିଲେ।ଶେଷରେ ଅନୁଷ୍ଠାନ ର ସମ୍ପାଦକ ଏମ: ଅଖତର ଅବସର ପ୍ରାପ୍ତ ସଦସ୍ୟ ରେଲଓ୍ୱେ ବୋର୍ଡ ଧନ୍ୟ ବାଦ ଅର୍ପଣ କରିଥିଲେ।

# ମୋବାଇଲ ଦେଖିବାକୁ ମନା କରିବାରୁ ଜୀବନ ହାରିଲା ନାବାଳକ

ରେଢ଼ାଖୋଲ : ପିଲାଙ୍କୁ ଏବେ ମୋବାଇଲ ନିଶା ଘାରିଛି। ମୋବାଇଲ୍ ଦେଖିବା ପାଇଁ ଆକଟ କରିବାରୁ ସମ୍ବଲପୁର ଜିଲା ରେଢ଼ାଖୋଲ ଆମ୍ବେଦକର ନଗରର ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି। ଆମ୍ବେଦକର ନଗରର ଟିକୁନ ମୁଖିଙ୍କ ପୁଅ ଆର୍ଯ୍ୟନ ସବୁବେଳେ ଘରେ ମୋବାଇଲ ଦେଖୁଥିବାରୁ ମା' ତା'କୁ ଆକଟ କରିଥିଲେ। ଏହାକୁ ସହି ନ ପାରି ଆର୍ଯ୍ୟନ ଘରପାଖ ଗଛରେ ବେକରେ ରଶି ଲଗାଇ ଦେଇଥିବା ଜଣାପଡିଛି। ପରିବାର ଲୋକେ ତା'କୁ ରେଢ଼ାଖୋଲ ଡାକ୍ତରଖାନା ନେଇଥିବାବେଳେ ଡାକ୍ତର ତା'କୁ ସେଠାରେ ମୃତ ଘୋଷଣା କରିଥିଲେ।


# ଗେଣ୍ଡୁଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି ଚାଷୀ



ସମ୍ବଲପୁର: ବର୍ତ୍ତମାନ ସମୟରେ ବିଭିନ୍ନ ବିଷୟକୁ ନେଇ ରାଜ୍ୟର ବିଭିନ୍ନ ମନ୍ଦିର, ପର୍ଯ୍ୟଟନସ୍ଥଳୀ ସହିତ କଳାକୃତି ଆଦି ସହିତ ଜଡିତ ଗ୍ରାମ ଗୁଡିକ ଚର୍ଚ୍ଚାରେ ରହିବା ସହିତ ପ୍ରସିଦ୍ଧି ପାଉଥିବା ବେଳେ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ଅନ୍ତର୍ଗ ସନାତନପାଲି ଗ୍ରାମ ଏବେ ଗେଣ୍ଡୁ ଫୁଲ ଚାଷ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛି। ଏହି ଗ୍ରାମର ଚାଷୀ ମାନେ ସେମାନଙ୍କର ଚାଷ ଜମି ଗୁଡିକରେ ଗେଣ୍ଡୁ ଫୁଲ ଚାଷ କରି ଲାଭବାନ ହେବା ସହିତ ଖ୍ୟାତି ମଧ୍ୟ ଅର୍ଜନ କରୁଛନ୍ତି। ଗତ ୨୦୦୨ ମସିହାରେ ସନତାତନପାଲି ଗ୍ରାମର ଚାଷୀ ନିରାକାର ପ୍ରଧାନ ପାରମ୍ପରିକ ଚାଷ ଅପେକ୍ଷା କିଛି ନୂଆ କରିବା ଉଦ୍ଦେଶ୍ୟ ନେଇ ପ୍ରଥମେ ନିଜର ୨୫ ଡିସିମିଲ ଚାଷ ଜମିରେ ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ପ୍ରଥମ ବର୍ଷରୁ ହିଁ ତାଙ୍କର ଭଲ ପରିମାଣରେ ଫୁଲ ଚାଷ ଏବଂ ରୋଜଗାର ହେବାରୁ ସେ ଏହାକୁ ଆଗକୁ ନେଇଥିଲେ। ଏହା ପରେ ଗ୍ରାମର ଅନେକ ଚାଷୀ ସେମାନଙ୍କର ଚାଷ ଜମିରେ ବ୍ୟାପକ ଭାବରେ ଗେଣ୍ଡୁ ଫୁଲ ଚାଷ କରି ଆସୁଛନ୍ତି। ପୂର୍ବରୁ ଚାଷୀ ମାନେ ଧାନ, ପନିପରିବା ଚାଷ ଆଦି କରୁଥିଲେ। ଧାନ ଚାଷରେ ଏକର ପିଛା ପ୍ରାୟ ୧୫ ହଜାର ଟଙ୍କା ମିଳୁଥିବା ବେଳେ ଗେଣ୍ଡୁ ଫୁଲ ଚାଷ କରିଲେ ପ୍ରାୟ ୬ ମାସରେ ପ୍ରାୟ ୮୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳୁଥିବାରୁ ଚାଷୀ ମାନେ ଏଥି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ସମୟରେ ୨୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ଗୁଡିକରେ ଚାଷୀ ମାନେ ଗେଣ୍ଡୁଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇ ନୂତନ ପରିଚୟ ସୃଷ୍ଟି କରିଛନ୍ତି।


# ୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇ ସଂସ୍ଥା ମୁଖିଆ ଚମ୍ପଟ

ସମ୍ବଲପୁର: ସମ୍ବଲପୁର ସହର ଧନୁପାଲି ଥାନା ଅନ୍ତର୍ଗତ କୁଲୁଥକାନୀ ମାଉଳି ନଗରରେ ଥିବା 'ଏମ୍‌ସିଏକ୍ସ ସିଟି' ସଂସ୍ଥା ୪୦୦ ଜମାକାରୀଙ୍କ ଠାରୁ ୧୦୦୦ କୋଟି ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ଉଠିଛି। ଏନେଇ ଠକେଇର ଶିକାର ହୋଇଥିବା ଜମାକାରୀମାନେ ରବିବାର ସନ୍ଧ୍ୟାରେ ଧନୁପାଲି ଥାନାରେ ଏତଲା ଦେଇଛନ୍ତି। ସମ୍ପୃକ୍ତ ଏମ୍‌ସିଏକ୍ସ ସିଟି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଆଚାର୍ଯ୍ୟ ମାସିକ ୩ରୁ ୭ % ସୁଧ ଦେବା ପ୍ରତିଶ୍ରୁତି ଦେଇ ଜମାକାରୀଙ୍କ ଠାରୁ ଟଙ୍କା ଜମା ନେଉଥିଲେ। ପ୍ରତିମାସ ସୁଧ ଦେବା ସହ ବର୍ଷଶେଷରେ ମୂଳଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୪୦୦ରୁ ଉର୍ଦ୍ଧ୍ୱ ଜମାକାରୀଙ୍କ ଠାରୁ ୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜମା ନେବାପରେ ଉକ୍ତ ସଂସ୍ଥା ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ



ଆଚାର୍ଯ୍ୟ ଫେରାର ହୋଇଯାଇଛନ୍ତି। ଉକ୍ତ ସଂସ୍ଥାରେ ୬୦୦୦ରୁ ଉର୍ଦ୍ଧ୍ୱ ଜମାକାରୀ ଥିବା କୁହାଯାଉଛି। ଏହି ସଂସ୍ଥା ୨୦୧୩-୧୪ ମସିହାରୁ ଆରମ୍ଭ ହୋଇ ଟଙ୍କାଜମା ନେଉଥିଲା; କିନ୍ତୁ ଫେବୃଆରୀ ୨୦୨୪ ପରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବା ବନ୍ଦ କରିଦେଇଥିଲା, ଗତ କିଛିମାସ ହେଲା ଟଙ୍କା ଆଦୌ ପ୍ରଦାନ କରୁ ନ ଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଆଜି ଏନେଇ ଶତାଧିକ ଜମାକାରୀ ଧନୁପାଲି ଥାନାରେ ଏତଲା ଦେଇଛନ୍ତି। ଜମାକାରୀଙ୍କ ନେତୃତ୍ୱ ନେଉଥିବା ସୁନ୍ଦରଗଡ଼ ଜିଲାର ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, 'ଏମ୍‌ସିଏକ୍ସ ସିଟି' ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ଆଚାର୍ଯ୍ୟ ବିଭିନ୍ନ ସ୍କିମକରି ମାସକୁ ୧ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜମାନେଇ ମାସିକ ୩ ରୁ ୭% ସୁଧ ଦେଉଥିଲା । ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିଯୁକ୍ତିକରି ଲୋକଙ୍କ ଠାରୁ ଟଙ୍କା ଜମା ନେଉଥିଲା । ଗତବର୍ଷ ଫେବୃଆରୀରୁ ସେ ଟଙ୍କା ନ ଫେରାଇବାରୁ ଜମାକାରୀ କାର୍ଯ୍ୟାଳୟକୁ ଆସିଥିଲେ । 'ମୋ ପାଖରେ ଟଙ୍କା ନାହିଁ, ଯାହା କରୁଛ କର' ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ଶ୍ରୀ ଆଚାର୍ଯ୍ୟ ଏବେ ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଛି। ତେବେ ଧନୁପାଲି ପୁଲିସ କେବଳ ନିଜ ଅଞ୍ଚଳର ଅଭିଯୋଗକାରୀଙ୍କ ଏତଲା ରଖିବ, ବାକିମାନେ ନିଜ ଅଞ୍ଚଳର ଥାନାରେ ଏତଲା ଦିଅନ୍ତୁ ବୋଲି କହିବାରୁ ଜମାକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୁନ୍ଦରଗଡ଼ ଜିଲାର ଜଣେ ପୂର୍ବତନ ସେନା କର୍ମଚାରୀ ଓମ୍‌କାର ପଟେଲଙ୍କ କହିବାନୁସାରେ ସେ ତାଙ୍କର ୧୦ ଡିସିମିଲ ଜମି ବିକ୍ରିକରି ୨୦ ଲକ୍ଷ ଟଙ୍କା ଜୁନ ୨୦୨୪ ମସିହାରେ ଏହି ସଂସ୍ଥାରେ ଜମା କରିଥିଲେ। ଥରେ ମାତ୍ର ସେ ୧.୧୦ ଲକ୍ଷ ଟଙ୍କା ସୁଧ ପାଇଛନ୍ତି। ଆଉ କୌଣସି ଟଙ୍କା ପାଇ ନ ଥିବା ବେଳେ ଏବେ ସଂସ୍ଥା ଫେରାର ହୋଇଯାଇଛି। କେତେକ ମହିଳା ଥାନାରେ ଅଭିଯୋଗ କରିଛନ୍ତି, ସେମାନେ ଅଧିକ ସୁଧ ପାଇବା ଆଶାରେ ନିଜ ସୁନା ଗହଣା ବ୍ୟାଙ୍କରେ ଦେଇ ଟଙ୍କା ଆଣି ଏହି ସଂସ୍ଥାରେ ଜମା କରିଥିଲେ। ଏଥିପାଇଁ ସେମାନେ ପ୍ରତିମାସ ବ୍ୟାଙ୍କର କିସ୍ତି ଦେଉଥିବା ବେଳେ ଏବେ ଟଙ୍କା ବୁଡି ଯାଇଥିବାରୁ କ'ଣ କରିବେ ବୋଲି କହିଛନ୍ତି। ସମ୍ବଲପୁର ସହର ମଧ୍ୟରେ ଏଭଳି ଏକ ସଂସ୍ଥା ଚାଲୁଥିବା ନେଇ କିପରି ପ୍ରଶାସନ ଓ ପୁଲିସ ଜାଣିପାରିଲେ ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଶତାଧିକ ଜମାକାରୀ ଆସି ଧନୁପାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ, ରାଜ୍ୟର ଅର୍ଥନୈତିକ ଅଭିଯୋଗ ଶାଖା, କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ମହୁମାଛି ଆକ୍ରମଣରେ ୨୦ ଆହତ



ଭବାନୀପାଟଣା : ଭବାନୀପାଟଣାରେ ମହୁମାଛି ଆତଙ୍କ। ସ୍ଥାନୀୟ ହାଇଟେକ ପବ୍ଲିକ ସ୍କୁଲରେ ମହୁମାଛି ଆକ୍ରମଣରେ ବହୁ ଛାତ୍ରଛାତ୍ରୀ ଆହତ ହେଇଥିବା ଜଣାପଡିଛି। ଗତକାଲି ସରସ୍ୱତୀ ପୂଜା ଉପଲକ୍ଷେ ଛାତ୍ରଛାତ୍ରୀ ମାନେ ସ୍କୁଲକୁ ଆସିଥିଲେ। କୌଣସି କାରଣରୁ ସ୍କୁଲ୍ କୋଠା ଉପରେ ଥିବା ମହୁଫେଣା ରୁ ମହୁମାଛି ଉଡ଼ି ପିଲା ଙ୍କୁ ଆକ୍ରମଣ କରିଥିଲା। ତୁରନ୍ତ ପିଲାମାନଙ୍କୁ ଏସଆରଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଇଞ୍ଜେକସନ ଦିଆଯାଇଥିଲା। ଅନ୍ୟମାନଙ୍କୁ ଆଶୁ ଚିକିତ୍ସା ବିଭାଗରେ ପ୍ରାଥମିକ ଚିକିତ୍ସାପରେ ଛାଡି ଦିଆଯାଇ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

# ଥାନା ବାରାକ୍‌ରେ ପୁଲିସ୍ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ




ସୁବର୍ଣ୍ଣପୁର: ବିନିକା ଥାନା ବାରାକରେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ପୁଲିସ୍ ବାରାକରେ ଜଣେ ରିଜର୍ଭ ପୁଲିସ୍ କର୍ମଚାରୀଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ଦିଲ୍ଲୀପ କୁମାର ମିଶ୍ର ବୋଲି ଜଣାପଡିଛି। ବିନିକା ସହରରେ ପାପକ୍ଷୟ ଲୋକ ମହୋତ୍ସବ ଚାଲିଥିବାବେଳେ ସେଠାକୁ ସେ ଡ୍ୟୁଟିରେ ଆସିଥିଲେ। ଗତକାଲି ଡ୍ୟୁଟି ସରିବା ପରେ ଦିଲ୍ଲୀପ୍ ପୁଲିସ୍ ବାରାକକୁ ଯାଇ ଶୋଇଥିଲେ। ସକାଳୁ ଅନ୍ୟ ପୁଲିସ୍ କର୍ମଚାରୀମାନେ ତାଙ୍କୁ ଉଠାଇବା ବେଳେ ସେ ଉଠିନଥିଲେ । ପରେ ଏ ନେଇ ଡାକ୍ତରଙ୍କୁ ଖବର ଦିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡିନଥିବାବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଠା ଯିବା ନେଇ ସୂଚନା ମିଳିଛି।

# ଯଦୁ ଦଳପତି ହତ୍ୟା ମାମଲା: ୩ ଅଭିଯୁକ୍ତ କୋର୍ଟ ଚାଲାଣ, ଜଣେ ଫେରାର

ଲଡୁଗାଁ: ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଂଚାୟତ ମୁନୁଗାପଦର ଗ୍ରାମର ଯଦୁ ଦଳପତି ହତ୍ୟା ମାମଲାରେ ସୋମବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ସ୍ପଷ୍ଟୀକରଣ ଦେଇଛି ପୁଲିସ। ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜଣେ ଫେରାର ଥିବା ସୂଚନା ଦେଇଛନ୍ତି ଏସଡିପିଓ। ସବୁଦିନ ଯଦୁ ଦଳପତି ମଦ୍ୟପାନ କରି ପରିବାର ଲୋକଙ୍କ ଉପରେ କୁଆଡ଼େ ଅତ୍ୟାଚାର କରୁଥିଲା, ସ୍ତ୍ରୀକୁ ଗାଳି ଗୁଲଜ କରୁଥିଲା, ମାଡ ବି ମାରୁଥିଲା। ଯାହାଫଳରେ ଅତିଷ୍ଠ ହୋଇ ପରିବାର ଲୋକ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିବା ପୁଲିସ କହିଛି। ସୂଚନା ମୁତାବକ, ଗତ ୭ ତାରିଖ ଶୁକ୍ରବାର ରାତିରେ ଆମପାଣି ଥାନା ଅନ୍ତର୍ଗତ ଡୁଡୁକାଠେଙ୍ଗା ପଂଚାୟତ



ମୁନୁଗାପଦର ଗ୍ରାମର ଯଦୁ ଦଳପତି(୫୦)ଙ୍କୁ ତାଙ୍କ ସ୍ତ୍ରୀ ରୁକ୍ମଣୀ ଦଳପତି ଦୁଇପୁଅ ଧନେଶ୍ୱର ଦଳପତି(୩୦) ଫକୀର ଦଳପତି(୨୦), ଜ୍ୱାଇଁ କ୍ଷୀରସିନ୍ଧୁ ନାଗ(୩୭) ମିଶି ହତ୍ୟା କରିବା ସହ ଘର ବାଡ଼ିରେ ମାଟି ଖୋଳି ପୋତି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ମତାମତକୁ ଭିତ୍ତିକରି ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ ନିମନ୍ତେ ସ୍ଥାନୀୟ ସରପଞ୍ଚ ହରିପ୍ରିୟ ନାଗ ପୁଲିସ ନିକଟରେ ଖବର ଦେବା ପରେ ଆମପାଣି ଥାନା ଅଧିକାରୀ ବିଜୟଲକ୍ଷ୍ମୀ ହିକ୍କା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ତଦନ୍ତପୂର୍ବକ ମୃତକଙ୍କ ସ୍ତ୍ରୀ, ସାନ ପୁଅ ଓ ଜ୍ୱାଇଁକୁ ଗିରଫ କରି ଥାନାକୁ ଆଣି ଜେରା କରିଥିଲେ। ଅନ୍ୟପଟେ ଘଟଣା ପରେ ମୃତକଙ୍କ ବଡ଼ପୁଅ ଫେରାର ହେବା ଘଟଣାକୁ ସନ୍ଦେହ ଘେରକୁ ଆଣିଥିଲା। ଶନିବାର ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ତଦନ୍ତରେ ସାଇଣ୍ଟିଫିକ ଦଳ ମୃତଦେହ ପୋତା ହୋଇଥିବା ସ୍ଥାନକୁ ଖୋଳାଯାଇ ଘଟଣାସ୍ଥଳରେ ପଞ୍ଚନାମା ପରେ ଉପସ୍ଥିତ ଡାକ୍ତର ବ୍ୟବଚ୍ଛେଦ କରିଥିଲେ। ଆଜି ଏହି ଘଟଣାରେ ପୁଲିସ ସ୍ପଷ୍ଟୀକରଣ ରଖିବା ସହ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟାକାଣ୍ଡର ସମସ୍ତ ସୂଚନା ଦେଇଛି। ଘଟଣା ଦିନ ମଧ୍ୟ ମଦପିଇ ସ୍ତ୍ରୀ ରୁକ୍ମଣୀକୁ ଗାଳିଗୁଲଜ ଓ ମାଡ଼ ମାରିବା ଦେଖି ଦୁଇପୁଅ ବାପାକୁ ଏକ ଦଉଡ଼ି ସାହାଯ୍ୟରେ ଗୋଡ଼ ଓ ବେକକୁ ବାନ୍ଧି ମାଡି ବସିବା ସହ ଏକ କାଠ ଠେଙ୍ଗାରେ ମୁଣ୍ଡରେ ପ୍ରହାର କରିବା ଦ୍ୱାରା ଘଟଣାସ୍ଥଳରେ ଯଦୁଙ୍କ ମୃତ୍ୟୁ ଘଟିଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ନିଜ ଜ୍ୱାଇଁ କ୍ଷୀରସିନ୍ଧୁ ନାଗକୁ ଡକାଇ ପ୍ରମାଣ ନଷ୍ଟ କରିବାକୁ ନିଜ ବାଡ଼ି ପଟେ ଗାତ ଖୋଳି ମୃତଦେହ ପୋତି ଦେଇଥିଲେ। ସେହି ରାତିରେ ହିଁ ମୃତକଙ୍କ ବଡ଼ପୁଅ ଧନେଶ୍ୱର ଦଳପତି ଫେରାର ହୋଇ ଯାଇଥିଲା। ସୋମବାର ୩ ଅଭିଯୁକ୍ତଙ୍କୁ ହତ୍ୟା ଘଟଣାରେ ଆମପାଣି ଥାନା ପକ୍ଷରୁ ଥାନା କେଶ ନମ୍ବର ୮/୨୫ରେ ମାମଲା ରୁଜୁ କରି ହତ୍ୟାକାରୀଙ୍କୁ କୋର୍ଟ ଚାଲାଣ କରିଥିବା ଓ ଖୁବଶୀଘ୍ର ଫେରାର ଅଭିଯୁକ୍ତକୁ ଧରାଯିବ ବୋଲି ତଦନ୍ତକାରୀ ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ସୂଚନା ଦେଇଛନ୍ତି।

# ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସେନା ପକ୍ଷରୁ ଗୁଳିଚାଳନା

ଜମ୍ମୁ : ପୁଣି ଥରେ ଜମ୍ମୁ-କଶ୍ମୀରର ସୀମାନ୍ତ ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ ଘଟଣା ସାମ୍ନାକୁ ଆସିଛି। ଜମ୍ମୁ-କଶ୍ମୀରର ପୁଞ୍ଚ ସେକ୍ଟରରେ ନିୟନ୍ତ୍ରଣ ରେଖା ନିକଟରେ ଥିବା ଏକ ଭାରତୀୟ ପୋଷ୍ଟ ଉପରକୁ ପାକିସ୍ତାନୀ ସୈନିକମାନେ ଗୁଳି ଚଳାଇଥିଲେ। ଭାରତୀୟ ସେନା କହିଛି ଯେ କୌଣସି ସୁରକ୍ଷା କର୍ମୀ କ୍ଷତିଗ୍ରସ୍ତ ହୋଇନାହାନ୍ତି ଏବଂ ଆମେ ଗୁଳିଚାଳନାର ଉଚିତ



ଜବାବ ଦେଇଛୁ । ସୂଚନା ଅନୁସାରେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଗୁଲପୁର ସେକ୍ଟରରେ ଥିବା ଭାରତୀୟ ସେନା ପୋଷ୍ଟଉପରେ ନିୟନ୍ତ୍ରଣ ରେଖା ପାର ଜଙ୍ଗଲରୁ ଗୁଳିଚାଳନା ଆରମ୍ଭ ହୋଇଥିଲା। ଏହି ଆକ୍ରମଣରେ ପାକିସ୍ତାନ ପକ୍ଷରୁ ପ୍ରାୟ ୧୮ ରାଉଣ୍ଡ ଗୁଳିଚାଳନା କରାଯାଇଥିଲା। ପାକିସ୍ତାନର ଗୁଳିମାଡ଼ର ଜବାବରେ ଭାରତୀୟ ସେନା ୬୦ ରାଉଣ୍ଡ ଗୁଳି ଚଳାଇଥିଲା। ଏହି ଏନକାଉଣ୍ଟର କିଛି ସମୟ ଧରି ଚାଲିଥିଲା, ଯାହା ପରେ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ଭାରତୀୟ ସେନା ସତର୍କତା ବଢ଼ାଇଥିଲା। ରାୱଲକୋଟସ୍ଥିତ ୨ ପାକିସ୍ତାନ ଅଧିକୃତ ଜମ୍ମୁ-କଶ୍ମୀର ବ୍ରିଗେଡ୍ ଅଧୀନରେ ଥିବା ୨୪ଏକେ ବାଟାଲିୟନ ଦ୍ୱାରା ପରିଚାଳିତ ନକରକୋଟରେ ଥିବା ପାକିସ୍ତାନୀ ଫରୱାର୍ଡ ଡିଫେନ୍ସିଭ୍ ଲୋକେସନ୍ (ଏଫଡିଏଲ୍)ରୁ ଏହି ଗୁଳିଚାଳନା ଆରମ୍ଭ ହୋଇଥିଲା। ଏହି ଗୁଳିକାଣ୍ଡ ପଛରେ ପାକିସ୍ତାନୀ ସେନାର ହାତ ଅଛି ନା ଜଙ୍ଗଲରେ ଲୁଚି ରହିଥିବା ଆତଙ୍କବାଦୀମାନେ ଅନୁପ୍ରବେଶ ପାଇଁ ସୁଯୋଗ ଖୋଜୁଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି।

# ବାଂଲାଦେଶକୁ ପାଣ୍ଠି ଯୋଗାଣ ବନ୍ଦ କଲେ ମସ୍କ

ନୂଆଦିଲ୍ଲୀ : ଏଲନ୍ ମସ୍କଙ୍କ ନେତୃତ୍ୱରେ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଏବେ କାର୍ଯ୍ୟରେ ଲାଗିଛି। ଇତିମଧ୍ୟରେ ଆମେରିକୀୟ ଟିକସଦାତାଙ୍କ ଟଙ୍କା ସଞ୍ଚୟ କରିବା ପାଇଁ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଅନେକ ବିଦେଶୀ ପ୍ରକଳ୍ପକୁ ବାତିଲ କରିଛି। ଏହି ତାଲିକାରେ ବାଂଲାଦେଶର ଏକ ପ୍ରକଳ୍ପ ରହିଛି। ବିଭାଗ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । କୋଟିପତି ଏଲନ୍ ମସ୍କଙ୍କ ନେତୃତ୍ୱାଧୀନ ବିଭାଗ କହିଛି ଯେ ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ସୁଦୃଢ଼ କରିବା ପାଇଁ ଦିଆଯିବାକୁ ଥିବା ୨୯ ନିୟୁତ ଡଲାର ପାଣ୍ଠି ରଦ୍ଦ କରାଯାଉଛି। ଏକ୍ସରେ ଏକ ପୋଷ୍ଟରେ ଡିଓଜିଇ




ବିଦେଶରେ ବାତିଲ ହୋଇଥିବା ଆମେରିକୀୟ ପାଣ୍ଠିର ଏକ ତାଲିକା ଜାରି କରି କହିଛି, ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ସୁଦୃଢ଼ କରିବା ପାଇଁ ୨୯ ନିୟୁତ ଡଲାର ରଖାଯାଇଥିଲା। ଗତ ବର୍ଷ ବାଂଲାଦେଶରେ ଶାସନ ପରିବର୍ତ୍ତନରେ ଆମେରିକାର ସମ୍ପୃକ୍ତି ଅଭିଯୋଗକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଖଣ୍ଡନ କରିବାର କିଛି ଦିନ ପରେ ଏହି ନିଷ୍ପତ୍ତି ନିଆଯାଇଛି।

# ପୂର୍ବତନ ବିଧାୟକଙ୍କୁ ଚାପୁଡ଼ା ମାରିଲେ ଅଟୋ ଡ୍ରାଇଭର
## ସନ୍ଦେହଜନକ ଅବସ୍ଥାରେ ମିଳିଲା ନେତାଙ୍କ ମୃତଦେହ

ବେଲଗାଭି: କର୍ଣ୍ଣାଟକର ବେଲଗାଭିରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଗୋଆର ଜଣେ ପୂର୍ବତନ ବିଧାୟକଙ୍କୁ ଜଣେ ଅଟୋ ଡ୍ରାଇଭର ଚାପୁଡ଼ା ମାରିଥିଲେ, ଘଟଣାର କିଛି ସମୟ ପରେ ପୂର୍ବତନ ବିଧାୟକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ଦିନ ବେଲଗାଭି ସହରରେ ଜଣେ ଅଟୋ ଡ୍ରାଇଭରଙ୍କ ସହ ଝଗଡ଼ା ପରେ ପୂର୍ବତନ ଗୋଆ ବିଧାୟକ ଲାଭୁ ମାମଲେଦାରଙ୍କ ମୃତ୍ୟୁ ଘଟିଛି। ଝଗଡ଼ା ପରେ, ଯେତେବେଳେ ପୂର୍ବତନ ବିଧାୟକ ତାଙ୍କ ହୋଟେଲରେ ପ୍ରବେଶ କରୁଥିଲେ, ସେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଗଲେ ଏବଂ ତାଙ୍କର ମୃତ୍ୟୁ ହୋଇଗଲା। ପୂର୍ବତନ ବିଧାୟକଙ୍କ ବୟସ ୬୯ ବର୍ଷ ଥିବାବେଳେ ଏହି ମାମଲାରେ ଅଭିଯୁକ୍ତ ଅଟୋ ଡ୍ରାଇଭରକୁ ଗିରଫ କରାଯାଇଛି। ଘଟଣାଟି ଅପରାହ୍ନ ପ୍ରାୟ ୧:୪୫ ସମୟରେ ଖାଡେବଜାରର ଶ୍ରୀନିବାସ ଲଜ୍ ନିକଟରେ ଘଟିଥିଲା। ଏକ ଅଟୋ ସହ ଲାଭୁ ମାମଲେଦାରଙ୍କ କାର ଘଷିହୋଇଯାଇଥିଲା । ଯାହା ପରେ ସେ ଅଟୋ ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କଲେ। ବିବାଦ



ଏତେ ବଢିଗଲା ଯେ ଅଟୋ ଡ୍ରାଇଭର ଲାଭୁ ମାମଲେଦାରଙ୍କୁ ଆକ୍ରମଣ କରି ଚାପୁଡ଼ା ମାରିଲେ। ଏହି ଝଗଡ଼ା ପରେ, ସେ ଲଜ୍ ଭିତରକୁ ପ୍ରବେଶ କରିବା ମାତ୍ରେ ତାଙ୍କର ମୃତ୍ୟୁ ହୋଇଗଲା। ଖାଡେ ବଜାର ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ହେପାଜତକୁ ନେଇଥିଲା ଏବଂ ଡିସିପି ରୋହନ ଜଗଦୀଶ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ପୂର୍ବତନ ବିଧାୟକ ଜଣକ ଏକ ବ୍ୟବସାୟିକ କାମରେ ଯାଇଥିଲେ। ସେ ୨୦୧୨ ମସିହାରେ ରାଜନୀତିରେ ପ୍ରବେଶ କରିଥିଲେ। ପୂର୍ବରୁ, ମାମଲେଦାର ଗୋଆ ପୋଲିସରେ ଡିଏସ୍ପି ରାଙ୍କ ଅଧିକାରୀ ଥିଲେ। ପୁଲିସ କହିଛି ଯେ ଲାଭୁ ମାମଲେଦାର ହଠାତ୍ ଏକ ହୋଟେଲର ସିଡ଼ି ପାଖରେ ପଡ଼ିଯାଇଥିଲେ। ତା'ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ଭର୍ତ୍ତି କରିବା ପୂର୍ବରୁ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଲିସ ସିସିଟିଭି ଫୁଟେଜ୍ ମଧ୍ୟ ଜବତ କରିଛି, ଯାହାର ତଦନ୍ତ କରାଯାଉଛି।




ନୂଆଦିଲ୍ଲୀ: ଆମେରିକା ଭାରତୀୟ ନିର୍ବାଚନରେ ହସ୍ତକ୍ଷେପ କରିବା କଥା ଗତ ବର୍ଷ ବିଜେପି ଅଭିଯୋଗ କରିଥିଲା । କିନ୍ତୁ ଏବେ ଖୋଦ ଆମେରିକା ସରକାର ତାହାର ପ୍ରମାଣ ଦେଇଛନ୍ତି । ଏଲନ ମସ୍କଙ୍କ ନେତୃତ୍ୱାଧୀନ ଆମେରିକାର ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଭାରତରେ ନିର୍ବାଚନରେ ଭୋଟ ପ୍ରତିଶତ ବୃଦ୍ଧି ଲାଗି ପ୍ରାୟ ୨୧ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ୧୮୨ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏହାକୁ ଭାରତୀୟ ନିର୍ବାଚନରେ ହସ୍ତକ୍ଷେପ ବୋଲି ବିଜେପି ସିଧାସଳଖ ଅଭିଯୋଗ କରିଛି । ଏହାକୁ ନେଇ ବିଜେପି ମୁଖପାତ୍ର ଅମିତ ମାଲବ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହା ଭାରତର ନିର୍ବାଚନ ପ୍ରକ୍ରିୟାରେ ବାହ୍ୟ ହସ୍ତକ୍ଷେପ ବୋଲି ଅଭିଯୋଗ କରିଛନ୍ତି। ଏଥିରୁ କିଏ ଲାଭବାନ ହେଉଥିଲା ? ନିଶ୍ଚିତ ଭାବେ ଶାସକ ଦଳ ନୁହେଁ ବୋଲି ସେ କହିଛନ୍ତି।

ଏହାକୁ ନେଇ ବିଜେପି ମୁଖପାତ୍ର ଅମିତ ମାଲବ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହା ଭାରତର ନିର୍ବାଚନ ପ୍ରକ୍ରିୟାରେ ବାହ୍ୟ ହସ୍ତକ୍ଷେପ ବୋଲି ଅଭିଯୋଗ କରିଛନ୍ତି। ଏଥିରୁ କିଏ ଲାଭବାନ ହେଉଥିଲା ? ନିଶ୍ଚିତ ଭାବେ ଶାସକ ଦଳ ନୁହେଁ ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୁଣି ଥରେ ପ୍ରମାଣିତ ହୋଇଛି ଯେ କଂଗ୍ରେସ ଦଳ ଓ ଗାନ୍ଧୀ ପରିବାରର ଘନିଷ୍ଠ କୁହାଯାଉଥିବା ଜର୍ଜ ସୋରୋସ୍ ହିଁ ଆମ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରୁଥିଲେ । ସୂଚନାଯୋଗ୍ୟ ଯେ ବର୍ତ୍ତମାନର ଆମେରିକା ସରକାର ଏସବୁ ପାଣ୍ଠି ଯୋଗାଣକୁ ବନ୍ଦ କରିଛନ୍ତି ।

# ପୁଣି ବେଆଇନ ପ୍ରବାସୀଙ୍କୁ ହାତକଡ଼ି ପିନ୍ଧାଇଲା ଆମେରିକା

ନୂଆଦିଲ୍ଲୀ : ଆମେରିକାରୁ ନିର୍ବାସିତ ୧୧୬ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କ ଦ୍ୱିତୀୟ ଦଳ ଶନିବାର ରାତିରେ ଅମୃତସର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜାବ, ହରିୟାଣା ଓ ଗୁଜୁରାଟର। ଉନ୍ନତ ଭବିଷ୍ୟତ ସନ୍ଧାନରେ ସେମାନେ ବେଆଇନ ଉପାୟରେ ଆମେରିକାରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଦେଶାନ୍ତର କରାଯାଇଥିଲା। ହୋସିଆରପୁରର ଦଲଜିତ ସିଂହ ମଧ୍ୟ ସେହି ବିମାନରେ ଫେରିଥିଲେ। ବିମାନରେ ବସିଥିବା ସମୟରେ ସେମାନଙ୍କୁ



ହାତକଡ଼ି ବାନ୍ଧି ବାନ୍ଧି ଦିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ସିଂହ ଗଣମାଧ୍ୟମକୁ କହିଛନ୍ତି, ଆମ ପାଦରେ ଚେନ୍ ଓ ହାତକଡ଼ି ଥିଲା।

ଏହା ପୂର୍ବରୁ ବେଆଇନ ପ୍ରବାସୀଙ୍କୁ ନେଇ ପ୍ରଥମ ବିମାନ ଗତ ଫେବ୍ରୁଆରି ୫ ତାରିଖରେ ଆମେରିକାରୁ ଆସି ଭାରତର ଅମୃତସରରେ ଓହ୍ଲାଇଥିଲା । ଏହି ବିମାନରେ ୧୦୪ ଜଣ ପ୍ରବାସୀ ଥିଲେ । ତେବେ ଏହି ବିମାନରେ ଆସିଥିବା ବେଆଇନ ପ୍ରବାସୀମାନଙ୍କ ହାତରେ ହାତକଡ଼ି ପକାଇ ଅତ୍ୟନ୍ତ ଅମାନବୀୟ ଭାବେ ଭାରତ ଅଣାଯାଇଥିବା ଅଭିଯୋଗ ହୋଇଥିଲା । କିନ୍ତୁ ଏହାକୁ ନେଇ ବିରୋଧୀ ଦଳମାନେ ସରକାରଙ୍କୁ ଟାର୍ଗେଟ୍ କରିଥିଲେ ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ: ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ତାରିଖ ଘୋଷଣା କରାଯାଇଛି। ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ୧୮ ଫେବ୍ରୁଆରି ମଧ୍ୟାହ୍ନ ୧୨ଟାରେ ରାଜଧାନୀର ରାମଲୀଳା ମଇଦାନରେ ଶପଥ ଗ୍ରହଣ କରିବେ। ଏହା ପୂର୍ବରୁ ସୋମବାର ବିଜେପି ବିଧାୟକ ଦଳର ବୈଠକ ବସିବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବେ। ମୁଖ୍ୟମନ୍ତ୍ରୀଙ୍କ ନାମ ନିର୍ଦ୍ଧାରଣ ପାଇଁ ବିଜେପି ସୋମବାର ବିଧାୟକ ଦଳ ବୈଠକ ଡାକିଛି। ସମସ୍ତ ବିଧାୟକଙ୍କୁ ଅବଗତ କରାଯାଇଛି। ଦିଲ୍ଲୀ ରାଜ୍ୟ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୯ ତାରିଖରେ କେଶବ କୁଞ୍ଜଙ୍କ ନୂଆ କାର୍ଯ୍ୟାଳୟର ଉଦଘାଟନ ହେବ। ସଂଘ କାର୍ଯ୍ୟାଳୟ ଉଦଘାଟନ ଅବସରରେ ବିଜେପି ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ୧୦ ଦିନ ପରେ ଶପଥ ଗ୍ରହଣ ହେବ। ସୂଚନାଯୋଗ୍ୟ, ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳର ପୂରା ୧୦ ଦିନ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଫେବ୍ରୁଆରି ୫ତାରିଖରେ ମତଦାନ ହୋଇଥିଲା ଏବଂ ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା।

# ମାର୍ଚ୍ଚ ୨୨ରୁ ଆଇପିଏଲ୍, ମେ ୨୫ରେ ଫାଇନାଲ୍

ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଆଇପିଏଲ୍ ୧୮ତମ ସଂସ୍କରଣର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୨ରେ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ମାର୍ଚ୍ଚ ୨୫ରେ ଆଇପିଏଲ୍ ୨୦୨୫ର ଫାଇନାଲ୍ ଖେଳାଯିବ। ଆଇପିଏଲ୍ ୨୦୨୫ର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୨ତାରିଖରେ ଇଡେନ୍ ଗାର୍ଡେନ୍



ରେ ଖେଳାଯିବ ଏବଂ ୧୮ତମ ସିଜନର ଫାଇନାଲ୍ ମଧ୍ୟ ମେ' ୨୫ତାରିଖରେ ଇଡେନ୍ ଗାର୍ଡେନରେ ଖେଳାଯିବ। ମାର୍ଚ୍ଚ ୨୩ରେ ଆଇପିଏଲର ଦୁଇ ବଡ଼ ଦଳ ଚେନ୍ନାଇ ସୁପରକିଙ୍ଗସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ । ଏଥର ଆଇପିଏଲରେ ୧୩ଟି ସହରର ୧୦ଟି ଦଳ ମଧ୍ୟରେ ନକଆଉଟ୍ କିମ୍ବା ପ୍ଲେଅଫ୍ ମ୍ୟାଚକୁ ମିଶାଇ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୨ରୁ ମେ ୧୮ ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଆଇପିଏଲର ୧୮ତମ ସଂସ୍କରଣ ପାଇଁ ମୋଟ ୧୩ଟି ସହରରେ ମ୍ୟାଚ୍ ଆୟୋଜନ କରାଯିବ। ଆଇପିଏଲ୍ ୨୦୨୫ ର ମ୍ୟାଚ୍ ଲକ୍ଷ୍ନୌ, ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ବିଶାଖାପାଟଣା, ଗୌହାଟୀ, ବେଙ୍ଗାଲୁରୁ, ନ୍ୟୁ ଚଣ୍ଡିଗଡ଼, ଜୟପୁର, ଦିଲ୍ଲୀ, କୋଲକାତା ଏବଂ ଧର୍ମଶାଳାରେ ଖେଳାଯିବ। ଆଇପିଏଲ୍ ୨୦୨୫ରେ ମୋଟ ୧୨ଟି ଡବଲ୍ ହେଡର୍ ମ୍ୟାଚ୍ ଖେଳାଯିବ, ଅର୍ଥାତ୍ ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଖେଳାଯିବ।

SATEJ
ସତେଜ
ସତ୍ୟ ସମ୍ବାଦ ପରିବେଷଣ

ପିସିସି ସଭାପତିଙ୍କ ନିଲମ୍ବନ, ବହିଷ୍କାର ଆଦେଶ ପ୍ରତ୍ୟାହାର ପରେ

# ନଡ଼ିଆ ବାଡ଼େଇ କଂଗ୍ରେସ ଭବନକୁ ଗଲେ ସୁର

ବିଜେଡି ବିରୋଧରେ ପ୍ରଫୁଲ୍ଲ ମାଝୀଙ୍କ ବିଷୋଦ୍‌ଗାର, କଂଗ୍ରେସକୁ ଫେରିବା ସଙ୍କେତ

ନୂଆ ସଭାପତିଙ୍କୁ ସ୍ୱାଗତ ପାଇଁ କଂଗ୍ରେସ ଭବନରେ ଜୋରଦାର ପ୍ରସ୍ତୁତି



ଭୁବନେଶ୍ୱର: ପିସିସି ସଭାପତି ଭାବେ ଘୋଷଣା ହେବା ପରେ ଭକ୍ତଚରଣ ଦାସ ଗତକାଲି ସବୁ ନିଲମ୍ବନ ଓ ବହିଷ୍କାର ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ଯେଉଁମାନେ କଂଗ୍ରେସ ଛାଡ଼ିଛନ୍ତି, ସେମାନଙ୍କୁ ପୁନର୍ବାର ଦଳକୁ ଫେରିବା ଲାଗି ନିବେଦନ କରିଛନ୍ତି। ଏହାର ଦିନକ ପରେ ବହିଷ୍କୃତ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ଆଜି ନିଜର ସମର୍ଥକଙ୍କ ସହ କଂଗ୍ରେସ ଭବନରେ ପ୍ରବେଶ କରିଛନ୍ତି। କଂଗ୍ରେସ ଭବନକୁ ଫେରି ସୁର ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ସୁରଙ୍କ ଘରବାହୁଡ଼ା ପରେ ଆଉ କିଛି ନେତା କଂଗ୍ରେସ ଫେରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଗ-ଲାଣି। ସୁର ଆଜି ବାଜା ବଜାଇ କଂଗ୍ରେସ ଭବନରେ ପହଞ୍ଚିଥିଲେ। ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ତାଙ୍କ ଦେହରେ କଂଗ୍ରେସ ପତାକା ବାନ୍ଧି ଦେଇଥିବା ବେଳେ ସେ ନଡ଼ିଆ ବାଡ଼େଇ ଥିଲେ। କଂଗ୍ରେସ ଭବନକୁ ମୁଣ୍ଡିଆ ମାରି ଭିତରକୁ ଯାଇଥିଲେ। ସେଠାରେ ନିଜ ସମର୍ଥକଙ୍କୁ ମିଠା ଖୁଆଇଥିଲେ। ସୁର କହିଛନ୍ତି, ଆଜି ମୁଁ ନିଜ ଘରକୁ ୯ମାସ ପରେ ଫେରିଛି। ରାହୁଲ, ଖଡ଼୍‌ଗେ ଓ ଭକ୍ତ ଦାସଙ୍କୁ ଧନ୍ୟବାଦ। ଅନ୍ୟାୟରେ ମୋତେ କାଢ଼ି ଦିଆଯାଇଥିଲା। ୯ ମାସ ପାଇଁ ବହୁ ଯନ୍ତ୍ରଣା ଭୋଗିଛି, ହେଲେ ସଂଗଠନ ଛାଡ଼ିନାହିଁ। ଭୁବନେଶ୍ୱରରୁ ପ୍ରଥମେ କଂଗ୍ରେସକୁ ସୁଦୃଢ଼ କରାଯିବ। ଏହି ସମୟରେ ଭାବବିହ୍ୱଳ ହୋଇ କାନ୍ଦି ପକାଉଥିବା ସୁରଙ୍କ ଆଖିରୁ ପୁଅ ସିଦ୍ଧାର୍ଥ ଲୁହ ପୋଛି ଦେଇଥିଲେ। ସିଦ୍ଧାର୍ଥ କହିଛନ୍ତି, କଂଗ୍ରେସ ଭବନକୁ ଆସିପାରୁ ନ ଥିବାରୁ ଘରେ ମୁହଁ ଶୁଖାଇ ବସୁଥିଲେ। ତାଙ୍କର ଦୈନିନ୍ଦିନ ଜୀବନରେ କଂଗ୍ରେସ ରହିଛି। ଭକ୍ତ ବାବୁଙ୍କ ପାଇଁ କଂଗ୍ରେସର ଭକ୍ତ କଂଗ୍ରେସକୁ ଫେରିଛନ୍ତି।

ସେହିପରି କଂଗ୍ରେସ ଛାଡ଼ି ବିଜେ-ଡିରେ ଯୋଗ ଦେଇଥିବା ପ୍ରଫୁଲ୍ଲ ମାଝୀ ପୁରୁଣା ନେତାଙ୍କୁ କଂଗ୍ରେସ ଫେରିବା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀ ମାଝୀ ଗଣମାଧ୍ୟମକୁ କହିଛନ୍ତି, ଭକ୍ତ ବାବୁ ଜଣେ ଅନୁଭବୀ ନେତା। ଯେଉଁମାନେ କଂଗ୍ରେସ ଛାଡ଼ିଛନ୍ତି ସେମାନଙ୍କୁ ଫେରିବା ଲାଗି ସଭାପତି ନିବେଦନ କରିଛନ୍ତି। କଂଗ୍ରେସ ଛାଡ଼ିବାର ଅନେକ କାରଣ ଥିଲା। ବିଜେଡି କ୍ଷମତାରେ ଥିବାରୁ ଅନେକ ଲଲିପପ୍ ଦେଖାଇଥିଲା। ମାତ୍ର ଦଳରେ ଯୋଗ ଦେବା ପରେ ଦଳ ଉପଯୁକ୍ତ ନ ଥିବା ଅନୁଭବ ହେଲା। ଯେଉଁଥି ପାଇଁ ଦଳ ପରିବର୍ତ୍ତନ କରିଥିଲି, ସେଥିରେ ନା ମୋର କ'ଣ କାମ ହେଲା ନା ଲୋକଙ୍କର କାମ ହେଲା। ତେବେ ମୁଁ ଗୋଟିଏ ଦଳରେ ଅଛି। ସେଠାରୁ ମୁକ୍ତି ନ ପାଇବା ପର୍ଯ୍ୟନ୍ତ ପରବର୍ତ୍ତୀ କାର୍ଯ୍ୟପନ୍ଥା ସଂପର୍କରେ କିଛି କହିପାରିବି ନାହିଁ। ଅପରପକ୍ଷରେ ନୂଆ ସଭାପତିଙ୍କୁ ସ୍ୱାଗତ କରିବା ଲାଗି କଂଗ୍ରେସ ଭବନରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ୧୮ ତାରିଖରେ ନୂଆ ସଭାପତି ଶ୍ରୀ ଦାସ ଭୁବନେଶ୍ୱର ଆସିବେ। ତା' ପୂର୍ବରୁ କଂଗ୍ରେସ ଭବନରେ ନୂଆ ଚେୟାର ଟେବୁଲ ପଡ଼ିବା, ଘର ସିଲିଂ, ନୂଆ ଲାଇଟ୍ ଲାଗିବା, କାନ୍ଥରେ ରଙ୍ଗ ମାରିବା, ନୂଆ ପୋଷ୍ଟର ଓ ପୁରୁଣା ଏସି ସଜଡ଼ାଯିବା ସହ ନୂଆ ଏସି ଲଗାଇବା କାମ ଜାରି ରହିଛି। ସଭାପତିଙ୍କ ଚାମ୍ବରକୁ ମଧ୍ୟ ପ୍ରସ୍ତୁତ କରାଯାଉଛି।

# 'ପାଣ୍ଡିଆନଙ୍କ ଚାମଚାଗିରି କରୁଛି ବିଜେଡି'

## ଚାଷୀ ପ୍ରସଙ୍ଗରେ ଗୃହ ବନ୍ଦ ନେଇ ଅଡୁଆରେ ବିଜେଡି



ତାରା ବି ଅକଳରେ ପକାଇଦେଲେ

ଭୁବନେଶ୍ୱର: ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟକୁ ନେଇ ଆଜି ବିଧାନସଭା ହୁଲସ୍ଥୁଲ ହୋଇଛି। ବିଜେଡି ବିଧାୟକମାନେ ପାଣ୍ଡିଆନଙ୍କ କଥାରେ ଗୃହରେ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି, ତାଙ୍କର ଚାମଚାଗିରି କରୁଛନ୍ତି ବୋଲି ଶ୍ରୀ ମିଶ୍ର ଆକ୍ଷେପ କରିଥିଲେ। ଏହାକୁ ବିଜେଡି ସଭ୍ୟମାନେ ପ୍ରତିବାଦ କରିବାକୁ ଉଠିଥିଲେ ବି ପରେ ପୁଣି ପଛଘୁଞ୍ଚା ଦେଇଥିଲେ। ଲାଗୁଥିଲା ଯେମିତି ପାଣ୍ଡିଆନ କଣ୍ଟା ସେମାନଙ୍କ ତଣ୍ଟିରେ ଲାଗିଛି। ଭିତରକୁ ନେଇ ପାରୁନାହାନ୍ତି କି ଓଗାଳି ପାରୁନାହାନ୍ତି। ଗତକାଲି କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା ପାଇଁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଗୃହୀତ ହୋଇଥିଲା। ମଧ୍ୟାହ୍ନ ୧୨ଟା ବେଳେ ଆଲୋଚନା ହେବାର ଥିଲା। କିନ୍ତୁ ସେହି ଚାଷୀ ପ୍ରସଙ୍ଗକୁ ନେଇ ବିଜେଡି ପ୍ରଶ୍ନକାଳରେ ହୋହଲ୍ଲା କରିଥିଲା। ଦଳୀୟ ବିଧାୟକମାନେ ଆଲୋଚନାରେ ଭାଗ ନେବା ପରିବର୍ତ୍ତେ ସମାନ ପ୍ରସଙ୍ଗ ଉଠାଇ ନାରାବାଜି କରିଥିଲେ। ଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଆଜି ମଧ୍ୟ ପ୍ରଶ୍ନକାଳରେ ବିଜେଡି ପକ୍ଷରୁ ଚାଷୀ ପ୍ରସଙ୍ଗ ଉଠାଯାଇ ହୋହଲ୍ଲା କରାଯାଇଥିଲା। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ହୋଇ ପାରି ନଥିଲା। ମଧ୍ୟାହ୍ନ ୧୨ଟା ବେଳେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ବିସ୍ଫୋରଣ କଲେ। କହିଲେ, ଗତକାଲି ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ରାଜି ଥିଲେ। ତାହା ପରେ ବି ସେହି ପ୍ରସଙ୍ଗରେ ବିଜେଡି ପକ୍ଷରୁ ଗୃହକୁ ବନ୍ଦ କରିଦିଆଗଲା। ଏଥି ପାଇଁ ଦାୟୀ କିଏ? ଆଜି ବାହାରେ ବିଜେଡିର କିଛି ବିଧାୟକଙ୍କ ସହ ଆଲୋଚନା ବେଳେ ସେମାନେ କହିଥିଲେ ଯେ ପାଣ୍ଡିଆନ କହିଲେ ବୋଲି ଏମିତି କଲୁ। ଏ ଗୃହକୁ କ'ଣ ପାଣ୍ଡିଆନ ଚଳାଇବେ? ଜଣେ ବାହାର ଲୋକ କଥାରେ ଗୃହ ପରିଚାଳିତ ହେବ?

ଏହି ସମୟରେ ବିଜେଡି ବିଧାୟ-କମାନେ ଠିଆ ହୋଇ ପ୍ରତିବାଦ କରିଥିଲେ। ଶ୍ରୀ ମିଶ୍ରଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ମିଛ ଓ ମନଗଢ଼ା ବୋଲି କହିଥିଲେ। କିନ୍ତୁ ଜୟନାରାୟଣ ଛାଡ଼ି ନଥିଲେ। ବିଜେଡି ସଭ୍ୟମାନଙ୍କୁ ଆହୁରି ଶାଣିତ ଭାଷାରେ ସମାଲୋଚନା କରିଥିଲେ। ସେମାନଙ୍କୁ ଆକ୍ଷେପ କରି କହିଥିଲେ, ଏମାନେ କ'ଣ କହିବେ। ଜରି ବୁହା, ଟେଷ୍ଟ ବୁହା ଓ ଚଉକି ବୁହା ଲୋକ ବିଧାନସଭାକୁ ଆସିଯାଇଛନ୍ତି। ଏମାନଙ୍କର ବୁଦ୍ଧି ବିବେକ ନାହିଁ। ଗୃହରେ ସଭ୍ୟମାନଙ୍କ ସମୟ ଏମାନେ ନଷ୍ଟ କରୁଛନ୍ତି। ପାଣ୍ଡିଆନଙ୍କ ଚାମଚାଗିରି କରୁଛନ୍ତି। ପାଣ୍ଡିଆନଙ୍କ ଏକ ନମ୍ବର ଚାମଚା କିଏ ହୋଇପାରିବ, ସେଥିପାଇଁ ଏମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏମାନଙ୍କର ନୈତିକତା ନାହିଁ।

ଜୟନାରାୟଣଙ୍କ ଏପରି ମନ୍ତବ୍ୟରେ ହଡ଼ବଡ଼େଇ ଯାଇଥିଲେ ବିଜେଡି ବିଧାୟକମାନେ। କେତେବେଳେ ଠିଆ ହୋଇ ପ୍ରତିବାଦ କରୁଥିଲେ ତ କେତେବେଳେ ବସି ପଡୁଥିଲେ। ଜୟନାରାୟଣ କହି ସାରିବା ପରେ ସେମାନେ ଗୃହ ମଧ୍ୟ ଭାଗକୁ ମାଡ଼ି ଆସି ହୋହଲ୍ଲା କରିଥିଲେ। ଏହି ସମୟରେ ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କହିବା ପାଇଁ ଡାକିଥିଲେ। ସେ କହିଲେ, ଗୃହର ବରିଷ୍ଠ ସଦସ୍ୟ ସାମ୍ବିଧାନିକ ବିଧିବ୍ୟବସ୍ଥାର ଉଲ୍ଲଂଘନ କରିଛନ୍ତି। ଗୃହର ସଦସ୍ୟ ନଥିବା ବ୍ୟକ୍ତିଙ୍କ ବିଷୟରେ ଏଠି ଆଲୋଚନା କରାଯାଇପାରିବ ନାହିଁ। ଯଦି କେଉଁ ବିଧାୟକ ତାଙ୍କୁ ଏହା କହିଛନ୍ତି, ତେବେ ସେ ତାଙ୍କ ନାମ ପ୍ରକାଶ କରନ୍ତୁ। ଏହାର ପ୍ରମାଣ ଦିଅନ୍ତୁ। ଏମିତି ମନଗଢ଼ା କଥା ନ କୁହନ୍ତୁ। ଚାଷୀ ପ୍ରସଙ୍ଗରେ ସରକାର ପଳାୟନପନ୍ଥୀ ସାଜିଛନ୍ତି। ଆମେ ଗତକାଲି ଗୃହରେ ସବୁ କାର୍ଯ୍ୟ ବାତିଲ କରି ଚାଷୀ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲୁ। କିନ୍ତୁ ସରକାର ଆମ ଦାବି ଶୁଣିଲେ ନାହିଁ। ଶ୍ରୀ ମିଶ୍ର ଯାହାଙ୍କ ନାମ ନେଇଛନ୍ତି, ସେ ଗୃହର ସଦସ୍ୟ ନ ଥିବାରୁ ତାଙ୍କ ନାମକୁ ଗୃହ ବିବରଣୀରୁ ବାଦ୍ ଦିଆଯାଉ।

ତେବେ ବାଚସ୍ପତି ପାଣ୍ଡିଆନଙ୍କ ନାମକୁ ଗୃହ ବିବରଣୀରୁ ବାଦ୍ ଦେଇ ନଥିଲେ। କିନ୍ତୁ ବିଜେଡି ସଭ୍ୟମାନେ ଶାନ୍ତ ପଡ଼ିଯାଇଥିଲେ। ଏହି ପ୍ରସଙ୍ଗରେ ଆଉ ସେମାନେ ଆଗକୁ ବଢ଼ି ନଥିଲେ। ଜୟନାରାୟଣଙ୍କ ହାଡ଼ଜଳା ଆକ୍ଷେପକୁ ସେମାନେ ହଜମ କରିବାକୁ ଏକପ୍ରକାର ବାଧ ହୋଇଥିଲେ। କାରଣ ଅଧିକ ପ୍ରତିବାଦ କଲେ ପାଣ୍ଡିଆନଙ୍କ ପାଇଁ ବିଜେଡି ଗୃହ ବନ୍ଦ କରିଦେଲା ବୋଲି ବାର୍ତ୍ତା ଯାଇଥା'ନ୍ତା। ତେଣୁ ଛକାପଞ୍ଝା ଭିତରେ ନିରବ ରହିବାକୁ ଉଚିତ ମଣିଥିଲେ।

ଗୃହ ବନ୍ଦ ପ୍ରସଙ୍ଗରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ମଧ୍ୟ ବିଜେଡିକୁ ଆହୁରି ଅଡୁଆରେ ପକାଇଦେଇଥିଲେ। ସେ କହିଥିଲେ, ଗତକାଲି କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଦିଆଯାଇଥିଲା। ଏହାକୁ ବାଚସ୍ପତି ଗ୍ରହଣ କରିଥିଲେ। କଂଗ୍ରେସ ଆଲୋଚନା ପାଇଁ ପ୍ରସ୍ତୁତ ଥିଲା। କିନ୍ତୁ ବିଜେଡି ବନ୍ଦ କରିଦେଲା। ପ୍ରଶ୍ନକାଳରେ ସେମାନେ ଗୃହ ବନ୍ଦ କରାଇବାକୁ ଉଦ୍ୟମ କରିବାରୁ ଆମେ ବି ଗୃହ ଭିତରକୁ ଯାଇଥିଲୁ। କିନ୍ତୁ ୧୨ଟା ବେଳେ କଂଗ୍ରେସ ସଭ୍ୟମାନେ ଆଦୌ ଗୃହ ମଧ୍ୟ ଭାଗକୁ ଯାଇ ନଥିଲେ। ଆଲୋଚନା ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ। ବିଜେଡି ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ଯାଇ ସେହି ପ୍ରସଙ୍ଗରେ ହୋହଲ୍ଲା କରିଥିଲେ ବି ଆଲୋଚନାକୁ ଆସି ନଥିଲେ। ଫଳରେ ଗୃହ କାର୍ଯ୍ୟ ହୋଇ ପାରି ନଥିଲା।

## ୧୩ଜିଲ୍ଲାରେ ସଭାପତି ଘୋଷଣା କଲା ବିଜେପି



ଭୁବନେଶ୍ୱର: ତୃଣମୂଳ ସ୍ତରରେ ସଂଗଂନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)ର ଓଡ଼ିଶା ଶାଖା ବିଭିନ୍ନ ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିଛି। ପୂର୍ବରୁ କିଛି ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିସାରିଥିବା ବେଳେ ଆଜି ୧୩ଟି ଜିଲ୍ଲାର ସଭାପତିଙ୍କ ନାଁ ରବିବାର ଘୋଷଣା କରିଛି। ଦଳ ଅନୁଗୁଳ ପାଇଁ ଯଯାତି କେଶରୀ ପଟ୍ଟନାୟକ, ଭଦ୍ରକ ପାଇଁ ଭଗବାନ ପଣ୍ଡା, ଭୁବନେଶ୍ୱର ପାଇଁ ନିରଞ୍ଜନ ମିଶ୍ର, ଗଜପତି ପାଇଁ ନବକିଶୋର ଶବର ଓ ଯାଜପୁର ପାଇଁ ଦେବଯାନୀ ପ୍ରଧାନଙ୍କୁ ସଭାପତି ଭାବେ ନାମ ଘୋଷଣା କରିଛି। ସେହିପରି ଝାରସୁଗୁଡ଼ା ପାଇଁ ରଘୁନନ୍ଦନ ପଣ୍ଡା, କନ୍ଧମାଳ ପାଇଁ ପଣ୍ଡିତ କୁମାର ବିସ୍ୱାଝୀ, ଖୋର୍ଦ୍ଧା ପାଇଁ ବିଶ୍ୱରଞ୍ଜନ ବଡ଼ଜେନା, କୋରାପୁଟ ପାଇଁ ଶିବ ମୁଦୁଲି ଓ ନୟାଗଡ଼ ପାଇଁ ତାପସ ରଞ୍ଜନ ମାର୍ଥାଙ୍କୁ ବିଜେପି ଜିଲ୍ଲା ସଭାପତି କରିଛି। ବିଜେପି ପୂର୍ବରୁ ଗଞ୍ଜାମରେ ସରୋଜ ସାବତ, ବାଲାଙ୍ଗୀରରେ ଶ୍ରୀବସ୍ତ ବେହେରା, ପୁରୀରେ ଦେବେନ୍ଦ୍ର ତରାଇ, ସୁନ୍ଦରଗଡ଼ରେ ଗିରିଶ ସାହୁ, ଢେଙ୍କାନାଳରେ ରାହାସ ବିହାରୀ ବେହେରା, କେନ୍ଦ୍ରାପଡ଼ାରେ ଶଶାଙ୍କ ଶେଖର ସେଠୀ, ବାଲେଶ୍ୱରରେ ଈଶ୍ୱର ଚନ୍ଦ୍ର ବେହେରା, କଟକ ନଗରରେ ସୁକାନ୍ତ ବିଶ୍ୱାଳ, କଳାହାଣ୍ଡିରେ ଯୁଗଳ ପୋଢ଼, ମୟୂରଭଂଗରେ ଜୁରିଲାଲ ମହନ୍ତ ଓ ଦେବଗଡ଼ରେ ଅରୁଣ କୁମାର ସାହୁଙ୍କୁ ଜିଲ୍ଲା ସଭାପତି କରିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖ ଦିନ ଓଡ଼ିଶା ବିଜେପିର କୋର କମିଟି ବୈଠକ ହୋଇଥିଲା। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସେହିପରି ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ କୋର କମିଟିର ଅନ୍ୟ ସମସ୍ତ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

## ୧୩ଜିଲ୍ଲାରେ ସଭାପତି ଘୋଷଣା କଲା ବିଜେପି



ଭୁବନେଶ୍ୱର: ତୃଣମୂଳ ସ୍ତରରେ ସଂଗଂନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)ର ଓଡ଼ିଶା ଶାଖା ବିଭିନ୍ନ ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିଛି। ପୂର୍ବରୁ କିଛି ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିସାରିଥିବା ବେଳେ ଆଜି ୧୩ଟି ଜିଲ୍ଲାର ସଭାପତିଙ୍କ ନାଁ ରବିବାର ଘୋଷଣା କରିଛି। ଦଳ ଅନୁଗୁଳ ପାଇଁ ଯଯାତି କେଶରୀ ପଟ୍ଟନାୟକ, ଭଦ୍ରକ ପାଇଁ ଭଗବାନ ପଣ୍ଡା, ଭୁବନେଶ୍ୱର ପାଇଁ ନିରଞ୍ଜନ ମିଶ୍ର, ଗଜପତି ପାଇଁ ନବକିଶୋର ଶବର ଓ ଯାଜପୁର ପାଇଁ ଦେବଯାନୀ ପ୍ରଧାନଙ୍କୁ ସଭାପତି ଭାବେ ନାମ ଘୋଷଣା କରିଛି। ସେହିପରି ଝାରସୁଗୁଡ଼ା ପାଇଁ ରଘୁନନ୍ଦନ ପଣ୍ଡା, କନ୍ଧମାଳ ପାଇଁ ପଣ୍ଡିତ କୁମାର ବିସ୍ୱାଝୀ, ଖୋର୍ଦ୍ଧା ପାଇଁ ବିଶ୍ୱରଞ୍ଜନ ବଡ଼ଜେନା, କୋରାପୁଟ ପାଇଁ ଶିବ ମୁଦୁଲି ଓ ନୟାଗଡ଼ ପାଇଁ ତାପସ ରଞ୍ଜନ ମାର୍ଥାଙ୍କୁ ବିଜେପି ଜିଲ୍ଲା ସଭାପତି କରିଛି। ବିଜେପି ପୂର୍ବରୁ ଗଞ୍ଜାମରେ ସରୋଜ ସାବତ, ବାଲାଙ୍ଗୀରରେ ଶ୍ରୀବସ୍ତ ବେହେରା, ପୁରୀରେ ଦେବେନ୍ଦ୍ର ତରାଇ, ସୁନ୍ଦରଗଡ଼ରେ ଗିରିଶ ସାହୁ, ଢେଙ୍କାନାଳରେ ରାହାସ ବିହାରୀ ବେହେରା, କେନ୍ଦ୍ରାପଡ଼ାରେ ଶଶାଙ୍କ ଶେଖର ସେଠୀ, ବାଲେଶ୍ୱରରେ ଈଶ୍ୱର ଚନ୍ଦ୍ର ବେହେରା, କଟକ ନଗରରେ ସୁକାନ୍ତ ବିଶ୍ୱାଳ, କଳାହାଣ୍ଡିରେ ଯୁଗଳ ପୋଢ଼, ମୟୂରଭଂଗରେ ଜୁରିଲାଲ ମହନ୍ତ ଓ ଦେବଗଡ଼ରେ ଅରୁଣ କୁମାର ସାହୁଙ୍କୁ ଜିଲ୍ଲା ସଭାପତି କରିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖ ଦିନ ଓଡ଼ିଶା ବିଜେପିର କୋର କମିଟି ବୈଠକ ହୋଇଥିଲା। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସେହିପରି ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ କୋର କମିଟିର ଅନ୍ୟ ସମସ୍ତ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

Editor: Ajaya Kumar Pani

Published, Printed and Owned by Ajaya Kumar Pani, Printed at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published from Holding No. 982, Jagamara,Near Jaydurga, Club, Dist- Bhubaneswar,, Odisha,Odisha, Ph.: 0674-6570111, +91 7008404483

ସଂପାଦକ: ଅଜୟ କୁମାର ପାଣି